ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, October 6/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 310 | ମୂଲ୍ୟ ₹୭/-

DADLS-54



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବିକଶିତ ନୂଆପଡ଼ା, ବିକଶିତ ଓଡ଼ିଶା

# ମୁଖ୍ୟମନ୍ତ୍ରୀ
# ଶ୍ରୀ ମୋହନ ଚରଣ ମାଝୀଙ୍କ
# କରକମଳରେ
# ନୂଆପଡ଼ା ଜିଲ୍ଲାରେ

## ₹ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ୯୫୭ଟି ନୂତନ ପ୍ରକଳ୍ପର ଘୋଷଣା, ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ

### ଗରିମାମୟ ଉପସ୍ଥିତି

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ମାଳବିକା ଦେବୀ**
ସାଂସଦ, କଳାହାଣ୍ଡି

**ଶ୍ରୀ ସୁଜିତ କୁମାର**
ସାଂସଦ (ରାଜ୍ୟସଭା)

**ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ**
ବିଧାୟକ, ଖରିଆର

**ସ୍ଥାନ-ମିନି ଷ୍ଟାଡିୟମ୍, ନୂଆପଡ଼ା | ୦୬ ଅକ୍ଟୋବର ୨୦୨୫**

OIPR-15001/13/1212/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର



ବ୍ରିଟେନ୍‌ର ମାଞ୍ଚେଷ୍ଟରରେ ଗୁରୁବାର ଆତଙ୍କବାଦୀଙ୍କ ଛୁରାମାଡ଼ ଓ କାର୍ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ପକ୍ଷରୁ ରବିବାର ସେମାନଙ୍କ ମରଶରୀରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ନଭେମ୍ବର ୨୨ ପୂର୍ବରୁ ବିହାର ନିର୍ବାଚନ: ସିଇସି

## ୧୭ ନୂଆ ପଦକ୍ଷେପ ଲାଗୁ ହେବ

ପାଟନା,୫।୧୦

ନଭେମ୍ବର ୨୨ରେ ବିହାର ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ରବିବାର ସ୍ପଷ୍ଟ କରିଛନ୍ତି। ନିର୍ବାଚନ କମିଶନଙ୍କ ଦୁଇଦିନିଆ ବିହାର ଗସ୍ତ ପରେ ପାଟନାରେ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଜ୍ଞାନେଶ କହିଛନ୍ତି, ଆଗାମୀ ନିର୍ବାଚନରେ ଅନେକଗୁଡ଼ିକ ସଂସ୍କାର ଓ ଲଜିଷ୍ଟିକ୍ ପରିବର୍ତ୍ତନ କାର୍ଯ୍ୟକାରୀ ହେବାକୁ ଯାଉଛି। ବିହାରରେ ମୁକ୍ତ, ଅବାଧ ଓ ଠିକ୍ ସମୟରେ ନିର୍ବାଚନ ପାଇଁ ପ୍ରସ୍ତୁତିର ସବୁ ଦିଗକୁ ସମୀକ୍ଷା କରିବା ପରେ ନଭେମ୍ବର ୨୨ ପୂର୍ବରୁ ନିର୍ବାଚନ ଶେଷ ହେବ ବୋଲି ସିଇସି କହିଛନ୍ତି। ବିହାର ନିର୍ବାଚନରୁ ୧୭ଟି ନୂଆ ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଥିବାବେଳେ ପରେ ଏହା ସାରା ଦେଶରେ ଲାଗୁ କରାଯିବ।

ନୂଆ ପଦକ୍ଷେପ ମଧ୍ୟରେ ରହିଛି ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ସୀମା ୧,୫୦୦ ରହିଥିବାବେଳେ ତାହାକୁ ୧,୨୦୦କୁ ହ୍ରାସ କରାଯିବ। ପୂର୍ବରୁ ମତଦାନର ଅନ୍ତିମ ସମୟରେ ବୁଥ୍ ନିକଟରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଥିଲା। ଭିଡ଼ କମାଇବା



ଜ୍ଞାନେଶ କୁମାର

ଏବଂ ପ୍ରତୀକ୍ଷା ସମୟ ହ୍ରାସ ପାଇଁ ବୁଥ୍ ପ୍ରତି ଭୋଟର ସଂଖ୍ୟା କମାଇବାକୁ ନିଷ୍ପତ୍ତି ନିଆଯାଇଥିବା ଜ୍ଞାନେଶ କହିଛନ୍ତି। ବିହାର ନିର୍ବାଚନରେ ମୋବାଇଲ୍ ଫୋନ୍ ଜମା କରିବା ସୁବିଧା ଆରମ୍ଭ ହେବ। ଭୋଟରମାନେ ବୁଥ୍‌ରେ ପ୍ରବେଶ ପୂର୍ବରୁ ବାହାରେ ସେମାନଙ୍କ ଫୋନ୍ ଜମା କରିବେ ଏବଂ ଭୋଟ ଦେଇସାରିବା ପରେ ତାହା ନେଇଯିବେ। ଭୋଟର ସୂଚନା ସ୍ଲିପ୍ (ଭିଆଇଏସ୍)ର ଡିଜାଇନରେ ପରିବର୍ତ୍ତନ କରାଯାଇଛି। କ୍ରମିକ ଓ ପାର୍ଟ ନମ୍ବର ଅକ୍ଷରକୁ ବଡ଼ କରାଯିବା ଫଳରେ ଭୋଟର ସହଜରେ ତାହା ପଢ଼ିପାରିବେ ଓ ପ୍ରୋସେସିଂ ସମୟ ହ୍ରାସ ପାଇବ।

# ହିମାଳୟ ପାଦଦେଶରେ ବିପର୍ଯ୍ୟୟ

**ପ୍ରକୃତି ସହ ଖେଳ ମଣିଷକୁ ମହଙ୍ଗା ପଡ଼ୁଛି। ଶିଳ୍ପାୟନ ଓ ସହରୀକରଣ ନାମରେ ଅବିଚାରିତ ଭାବେ ଜଙ୍ଗଲ ନଷ୍ଟ ସହ ସବୁଜଗୃହ ଉତ୍ସର୍ଜନଜନିତ ତାପମାତ୍ରା ବୃଦ୍ଧି ଅଦିନିଆ ବର୍ଷା, ଭୂସ୍ଖଳନ ଓ ବନ୍ୟା ଭଳି ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି। ଏଥିରେ ବହୁ ଧନଜୀବନ ହାନି ଘଟୁଛି। ଏହି କ୍ରମରେ ରବିବାର ମାଉଣ୍ଟ ଏଭରେଷ୍ଟର ତିବ୍ବତୀୟ କ୍ଷେତ୍ରରୁ ନେଇ ନେପାଳର ସହରାଞ୍ଚଳ ଓ ଭାରତର ଦାର୍ଜିଲିଂ ପର୍ଯ୍ୟନ୍ତ ପ୍ରକୃତିର କୋପ ଦେଖିବାକୁ ମିଳିଛି। ଏଭରେଷ୍ଟ ଗିରିଶୃଙ୍ଗର ତିବ୍ବତ ପାର୍ବତ୍ୟାଞ୍ଚଳରେ ହିମପାତ ଯୋଗୁ ରାସ୍ତାଘାଟ ଉପରେ ବରଫ ଜମି ରହିଥିବାରୁ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକ ଫସିରହିଛନ୍ତି। ନେପାଳ ପୂର୍ବାଞ୍ଚଳରେ ବର୍ଷାବିପ୍ଳାତ ଓ ଭୂସ୍ଖଳନରେ ୬୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପଶ୍ଚିମବଙ୍ଗର ଦାର୍ଜିଲିଂରେ ଲଗାଣବର୍ଷା ଯୋଗୁ ନଦୀଗୁଡ଼ିକ ଫୁଲିଉଠିଛି। ଦାର୍ଜିଲିଂରେ ଅନ୍ୟୁନ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ହିମାଳୟ କ୍ଷେତ୍ରର ସିକିମ୍‌ଠାରୁ ଉତ୍ତର-ପଶ୍ଚିମବଙ୍ଗ ବିଚ୍ଛିନ୍ନ ହୋଇଯାଇଛି। ଭୁଟାନରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିବା ପରେ ଭାରତୀୟ ସେନାକୁ ସେଠାରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଭଳି ବିପତ୍ତି ପାଇଁ ପରିବେଶବିତ୍‌ମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦାୟୀ କରିଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାର୍ଜିଲିଂ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିବା ସହ ପଡ଼ୋଶୀ ନେପାଳକୁ ସବୁ ପ୍ରକାର ମାନବୀୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଜରୁରୀ ବୈଠକ ପରେ ଦାର୍ଜିଲିଂ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ମମତା ସୋମବାର ସ୍ଥିତି ଅନୁଧ୍ୟାନ ପାଇଁ ଦାର୍ଜିଲିଂ କ୍ଷେତ୍ର ପରିଦର୍ଶନ କରିବେ ବୋଲି କହିଛନ୍ତି।**

## ବର୍ଷାବିପ୍ଳାତ, ଭୂସ୍ଖଳନ: ନେପାଳରେ ୬୩, ଦାର୍ଜିଲିଂରେ ୧୮ ମୃତ



ଦାର୍ଜିଲିଂର ଦୁଧିଆ ବ୍ରିଜ୍ ବନ୍ୟା ପାଣିରେ ଧୋଇ ହୋଇଯାଇଛି।

ନୂଆଦିଲ୍ଲୀ/କାଠମାଣ୍ଡୁ/ସାଂଘାଇ/ଦାର୍ଜିଲିଂ,୫।୧୦(ପି.ଟି./ରଏଟର୍ସ)

ଦକ୍ଷିଣ ଏସିଆରେ ସାଧାରଣତଃ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀଜନିତ ବର୍ଷା ହୋଇଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛିବର୍ଷ ହେଲା ମୌସୁମୀ ପରେ ମଧ୍ୟ ଲଗାତର ବର୍ଷା ହେଉଥିବାରୁ ବନ୍ୟା ଓ ଭୂସ୍ଖଳନ ଘଟି ବହୁ ଧନଜୀବନ ହାନି ହେଉଛି। ପଶ୍ଚିମବଙ୍ଗର ଉତ୍ତରଭାଗରେ ଥିବା ଦାର୍ଜିଲିଂରେ ବର୍ଷା ଓ ଭୂସ୍ଖଳନରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ବିଶେଷକରି ମିରିକ୍ ଓ ସୁଖିଆ ପୋଖରୀରେ ବଡ଼ଧରଣର ଭୂସ୍ଖଳନ ଘଟିଛି। ବର୍ଷା ଲାଗିରହିଥିବାରୁ ସିକିମ୍ ସମେତ ଅନ୍ୟ ରୁଟ୍‌ଗୁଡ଼ିକୁ ଏହି ଅଞ୍ଚଳର ସଡ଼କପଥ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଦାର୍ଜିଲିଂ ଓ ସିଲିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ ହୋଇଯାଇଛି। ଦୁର୍ଗାପୂଜା ପରେ କୋଲକାତା ଓ ବିଭିନ୍ନ ଭାଗରୁ ଦାର୍ଜିଲିଂକୁ ଯାଇଥିବା ପର୍ଯ୍ୟଟକମାନେ ଫସିରହିଛନ୍ତି। ପୋଲିସ ଓ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ସେହିପରି ଗୋର୍ଖାଲ୍ୟାଣ୍ଡ ଟେରିଟୋରିଆଲ ଆଡ୍‌ମିନିଷ୍ଟ୍ରେସନ୍ ଦାର୍ଜିଲିଂର ଟାଇଗର ହିଲ୍ ଓ ରକ୍ ଗାର୍ଡେନ୍ ସମେତ ପର୍ଯ୍ୟଟନସ୍ଥଳଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଟଏ ଟ୍ରେନ୍ ସେବାକୁ ମଧ୍ୟ ବନ୍ଦ କରାଯାଇଛି। ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ପରାମର୍ଶ ଦେଇଛି। ଫସିରହିଥିବା ଲୋକଙ୍କୁ ସହାୟତା ପାଇଁ ଦାର୍ଜିଲିଂ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ହଟ୍‌ଲାଇନ ନମ୍ବର ୯୧୪୭୮୮୯୦୭୮ ଖୋଲିଛି। ୧୨ ଘଣ୍ଟା ଭିତରେ ୩୦୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ୭ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଲାଗିରହିବ ଏବଂ ପବନର ବେଗ ବଢ଼ିବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ଅନେକ ସ୍ଥାନରେ ବନ୍ୟାଜଳରେ ବ୍ରିଜ୍‌ଗୁଡ଼ିକ ଧୋଇହୋଇଯାଇଛି। ସ୍ଥିତି ସମୀକ୍ଷା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାର୍ଜିଲିଂ ପରିଦର୍ଶନରେ ଯିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାର୍ଜିଲିଂରେ ୨୦ ଜଣଙ୍କ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିବା ସହ କେନ୍ଦ୍ର ସରକାର ପ୍ରଭାବିତ ଲୋକଙ୍କୁ ଯଥାସମ୍ଭବ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନଙ୍କୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଆବଶ୍ୟକ ହେଲେ ଅଧିକ ଟିମ୍ ପଠାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା Xରେ ସୂଚନା ଦେଇଛନ୍ତି।

ପ୍ରକୃତିର କରାଳ ରୂପ ପଡ଼ୋଶୀ ନେପାଳରେ ମଧ୍ୟ ଦେଖିବାକୁ ମିଳିଛି। ଦେଶର ପୂର୍ବଭାଗରେ ଶନିବାର ରାତିରୁ ଲାଗିରହିଥିବା ବର୍ଷା ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଏଥିରେ ୬୩ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସଶସ୍ତ୍ର ପୋଲିସ ବଳ (ଏପିଏଫ୍) ମୁଖପାତ୍ର କାଳିଦାସ ଧଉବାଜୀ ସୂଚନା ଦେଇଛନ୍ତି। ଦେଉମାଳୀ ଓ ମାଇଜୋଗମାଇ ପୌରପାଳିକା ଏବଂ ସଣ୍ଡାକପୁର ରୁରାଲରେ ଅଧିକ ପ୍ରାଣହାନି ଘଟିଥିବା ମ୍ୟୁନିସିପାଲିଟିରେ ନ୍ୟାଶନାଲ ଡିଜାଷ୍ଟର ରିସ୍କ ରିଡକ୍ସନ ଅଥରିଟି (ଏନ୍‌ଡିଆର୍‌ଆର୍‌ଏମ୍‌ଏ) ପକ୍ଷରୁ କୁହାଯାଇଛି। ପଞ୍ଚଥାର ଜିଲାରେ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବାଗ୍‌ମତି ଓ ପୂର୍ବ ରାପ୍ତି ନଦୀ ଅବବାହିକାରେ ବସବାସ କରୁଥିବା ଲୋକଙ୍କ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବନ୍ୟାରେ ଅନେକ ଲୋକ ନିଖୋଜ ହୋଇଯାଇଛନ୍ତି। ଉଦ୍ଧାର କାର୍ଯ୍ୟରେ ନେପାଳୀ ସେନା, ନେପାଳ ପୋଲିସ ଏବଂ ଏପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି। ନେପାଳକୁ ଯାହା ସହାୟତା ଆବଶ୍ୟକ ଭାରତ ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରତିଶ୍ରୁତି ଦେଇଛନ୍ତି।

### ଏଭରେଷ୍ଟରେ ଫସିଛନ୍ତି ୧,୦୦୦ ପର୍ଯ୍ୟଟକ

**ସାଂଘାଇ, ୫।୧୦(ରଏଟର୍ସ):** ମାଉଣ୍ଟ ଏଭରେଷ୍ଟର ତିବ୍ବତୀୟ କ୍ଷେତ୍ରରେ ଶୁକ୍ରବାର ରାତିରୁ ବରଫଝଡ଼ ଲାଗି ରହିଥିବାରୁ ୪,୯୦୦ କି.ମି. ଉଚ୍ଚରେ ୧,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଫସିରହିଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ଯିବା ପାଇଁ ଉଦ୍ଦିଷ୍ଟ ଟିକେଟ ବିକ୍ରିକୁ ଶନିବାର ରାତିରୁ ବନ୍ଦ କରାଯାଇଥିବା ଟିଂରି କାଉଣ୍ଟି ଟୁରିଜମ୍ କମ୍ପାନୀ ସୂଚନା ଦେଇଛି। ଚାଇନାରେ ମମ୍‌ତୋ ଝଡ଼ ଲ୍ୟାଣ୍ଡଫଲ କରିବା ପୂର୍ବରୁ ଗୁଆଙ୍ଗ୍‌ଡୋଙ୍ଗ୍ ଓ ହନିଆନ୍ ପ୍ରଦେଶରୁ ୩,୪୭,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରବିବାର ସକାଳେ ଏହି ଟାଇଫୁନ୍ ପ୍ରଭାବରେ ୧୫୧ କି.ମି. ବେଗରେ ପବନ ବହିଥିବା ଚାଇନାର ଜାତୀୟ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅପରାହ୍ନରେ ଏହା ଗେଆଙ୍ଗ୍‌ଡୋଙ୍ଗ୍‌ର ଝାଞ୍ଜିଆଙ୍ଗ୍‌ରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ୨୫୦ ମି.ମି. ବର୍ଷା ରେକର୍ଡ କରାଯାଇଛି।

# ମଧ୍ୟପ୍ରଦେଶରେ କଫ୍ ସିରପ୍ ମୃତ୍ୟୁସଂଖ୍ୟା ୧୪

## ଡାକ୍ତର ଗିରଫ, ଉତ୍ପାଦନକାରୀ କମ୍ପାନୀ ବିରୋଧରେ ମାମଲା

ଭୋପାଳ/ଛିନ୍ଦୱାଡ଼ା,୫।୧୦

ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ ବିଷାକ୍ତ କଫ୍ ସିରପ୍ ସେବନଜନିତ ଶିଶୁ ମୃତ୍ୟୁସଂଖ୍ୟା ରବିବାର ୧୪ରେ ପହଞ୍ଚିଥିବାବେଳେ ପୋଲିସ ଇତିମଧ୍ୟରେ ଜଣେ ଡାକ୍ତରଙ୍କୁ ଗିରଫ କରିଛି। ଏଥିସହିତ କଫ ସିରପ୍ ଉତ୍ପାଦନକାରୀ କମ୍ପାନୀ ବିରୋଧରେ ମାମଲା ରୁଜୁ କରାଯାଇଛି। ମଧ୍ୟପ୍ରଦେଶ ସରକାର କୋଲ୍ଡ୍ରିଫ୍ କଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇଛନ୍ତି। ସିରପ୍ ନମୁନାରେ ଅତ୍ୟଧିକ ବିଷାକ୍ତ ଉପାଦାନ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି। ମୃତ ଶିଶୁଙ୍କ ମଧ୍ୟରୁ ୧୧ ଜଣ ପାରାସିଆ ସବ୍‌ଡିଭିଜନର ହୋଇଥିବାବେଳେ ୨ ଜଣ ଛିନ୍ଦୱାଡ଼ା ସହରରୁ ଏବଂ ଜଣେ ଚୌରାଇ ତହସିଲ୍‌ରୁ ଅଛନ୍ତି। ସେମାନଙ୍କ ମୃତ୍ୟୁ ପାଇଁ କୋଲ୍ଡ୍ରିଫ୍ ଉତ୍ପାଦନକାରୀ ତାମିଲନାଡୁ କାଞ୍ଚିପୁରମ୍‌ର ସ୍ରେସନ ଫାର୍ମାସ୍ୟୁଟିକାଲ୍‌କୁ ଦାୟୀ କରାଯାଇଛି। କମ୍ପାନୀ ସମେତ ଡ. ପ୍ରବୀଣ ସୋନିଙ୍କ ନାମରେ ପାରାସିଆ ଥାନାରେ ମାମଲା ରୁଜୁ ହୋଇଛି। ସରକାରୀ ଡାକ୍ତର ସୋନି ଘରୋଇ କ୍ଲିନିକ୍‌ରେ ରୋଗୀ ଦେଖିବା ସହ କୋଲ୍ଡ୍ରିଫ୍ ସିରପ୍ ଲେଖିଥିଲେ।

# ଯୌତୁକ ପାଇଁ ଗର୍ଭବତୀ ମହିଳାଙ୍କୁ ପିଟି ହତ୍ୟା

ମୈନପୁରୀ, ୫।୧୦

ଉତ୍ତରପ୍ରଦେଶର ମୈନପୁରୀ ଜିଲା ଗୋପାଳପୁର ଗ୍ରାମରେ ୫ ଲକ୍ଷ ଟଙ୍କାର ଯୌତୁକ ପାଇଁ ୨୧ ବର୍ଷୀୟା ଗର୍ଭବତୀ ରଜନୀ କୁମାରୀଙ୍କୁ ତାଙ୍କ ସ୍ୱାମୀ ସଚିନ ଓ ଶ୍ୱଶୁର ଘର ଲୋକେ ପିଟି ହତ୍ୟା କରିଛନ୍ତି। ଗତ ଏପ୍ରିଲରେ ରଜନୀଙ୍କ ବିବାହ ସଚିନଙ୍କ ସହ ହୋଇଥିଲା। ସଚିନ ତାଙ୍କ ଭାଇ ପ୍ରାଂଶୁ, ସହବାଗ ଏବଂ ତାଙ୍କ ସମ୍ପର୍କୀୟ ଅତିରିକ୍ତ ଯୌତୁକ ପାଇଁ ରଜନୀଙ୍କ ଉପରେ ଚାପ ପକାଇବା ସହ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ।

# 'ଆଧାର କେବଳ ପରିଚୟ ପ୍ରମାଣ'

ପାଟନା,୫।୧୦

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ଆଗାମୀ ଦିନରେ ସାରା ଦେଶରେ ଏଭଳି ସଂଶୋଧନ ହେବାକୁ ଯାଉଛି। ଏଥିପାଇଁ ଆଧାର କାର୍ଡକୁ ବିଚାରକୁ ନିଆଯିବ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାର କହିଛନ୍ତି, ଜନପ୍ରତିନିଧି ଆଇନ, ୧୯୫୦ ଏବଂ ଆଧାର ଅଧିନିୟମ ଅନୁଯାୟୀ ଆଧାରକୁ ନାଗରିକତ୍ୱ ପ୍ରମାଣ ଭାବେ ବିବେଚନା କରାଯାଇପାରିବ ନାହିଁ। ପାଟନାରେ ଖବରଦାତା ସମ୍ମିଳନୀରେ ଜ୍ଞାନେଶ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଏବଂ ଆଧାର ଅଧିନିୟମ ଅନୁଯାୟୀ,ଉକ୍ତ ଦସ୍ତାବିଜ୍‌କୁ ଜନ୍ମପ୍ରମାଣ, ବାସସ୍ଥାନ ପ୍ରମାଣ କିମ୍ବା ନାଗରିକତ୍ୱ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଜନପ୍ରତିନିଧି ଆଇନର ଧାରା ୨୬ ଏବଂ ଆଧାର ଆକ୍ଟ ଅନୁଯାୟୀ, ଆଧାର ନମ୍ବର ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ, ଏହା ଇଚ୍ଛାଧୀନ। ଏହା ଆଧାର ନମ୍ବରଧାରୀଙ୍କ ଉପରେ ନିର୍ଭର କରେ ବୋଲି ସିଇସି ସ୍ପଷ୍ଟ କରିଦେଇଛନ୍ତି।

# ପହଲଗାମ୍ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତି ଗିରଫ

ଶ୍ରୀନଗର, ୫।୧୦ (ପି.ଟି.)

ପହଲଗାମ୍ ଆକ୍ରମଣ ମାମଲାରେ ଜମ୍ମୁ-କଶ୍ମୀର ପୋଲିସ ରବିବାର ଓଭର ଗ୍ରାଉଣ୍ଡ ୱାର୍କର ମହମ୍ମଦ ୟୁସୁଫ କଟାରୀ (୨୬)ଙ୍କୁ ଗିରଫ କରିଛି। ଆକ୍ରମଣ ଭିଆଇଥିବା ୩ ଆତଙ୍କବାଦୀ ସୁଲିଏମାନ ଓରଫ୍ ଆସିଫ୍, ଜିବରାନ୍ ଏବଂ ହମଜା ଆଫଗାନିଙ୍କୁ କଟାରୀ ବିଭିନ୍ନ ଅତ୍ୟାବଶ୍ୟକ ଏବଂ ପରିବହନ ସହାୟତା ଯୋଗାଇଥିଲେ। ଶ୍ରୀନଗର ନିକଟ ଜବରୱାନ ପାହାଡ଼ରେ ଉକ୍ତ ୩ ଆତଙ୍କବାଦୀଙ୍କୁ କଟାରୀ ୪ ଥର ଭେଟିଥିଲେ। ସେ ଆତଙ୍କବାଦୀମାନଙ୍କୁ ଏକ ଆଣ୍ଡ୍ରୋଏଡ୍ ଫୋନ୍ ଚାର୍ଜର ଦେଇଥିଲେ।

# ବର୍ମିଂହାମ୍ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଆର୍‌ଏଟି ବ୍ୟବହାର

## ସବୁ ବୋଇଂ ୭୮୭ ବିଦ୍ୟୁତ୍ ବ୍ୟବସ୍ଥାର ତଦନ୍ତ ପାଇଁ ପାଇଲଟ୍ ସଂଘର ନିବେଦନ

ମୁମ୍ବାଇ,୫।୧୦(ପି.ଟି.)

ଅମୃତସରରୁ ଶନିବାର ବର୍ମିଂହାମ୍ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଉଡ଼ାଣର ଶେଷ ପର୍ଯ୍ୟାୟରେ ରାମ୍ ଏୟାର ଟର୍ବାଇନ୍ (ଆର୍‌ଏଟି) ବ୍ୟବହାର କରିବାକୁ ପଡ଼ିଥିଲା। ଯେତେବେଳେ ବିମାନର ଦ୍ୱୈତ ଇଞ୍ଜିନ୍ ଅକାମୀ ହୋଇଯାଏ କିମ୍ବା ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ କିମ୍ବା ହାଇଡ୍ରାଉଲିକ୍ ବିଫଳ ହୁଏ ଆର୍‌ଏଟି ସ୍ୱତଃ ବ୍ୟବହୃତ ହୋଇଥାଏ। ଏହା ବାୟୁ ବେଗରୁ ଜରୁରୀ ବିଦ୍ୟୁତ୍ ଉତ୍ପାଦନ କରିଥାଏ। ବିମାନ ବର୍ମିଂହାମ୍ ଏୟାରପୋର୍ଟରେ ଅବତରଣ କରିବା ପରେ ଅନୁଧ୍ୟାନ ପାଇଁ ରଖାଯାଇଥିବାରୁ ବର୍ମିଂହାମ୍‌ରୁ ଦିଲ୍ଲୀ ବିମାନକୁ ବାତିଲ କରାଯାଇଛି। ଏହି ଘଟଣା ପରେ ଦେଶରେ ଚଳାଚଳ କରୁଥିବା ସମସ୍ତ ବୋଇଂ ୭୮୭ ବିମାନର ବିଦ୍ୟୁତ୍ ବ୍ୟବସ୍ଥାର ଉପଯୁକ୍ତ ଯାଞ୍ଚ ଓ ତଦନ୍ତ କରାଯିବାକୁ ଭାରତୀୟ ପାଇଲଟ୍ ମହାସଂଘ (ଏଫ୍‌ଆଇପି) ରବିବାର ଡିଜିସିଏକୁ ନିବେଦନ କରିଛି।

ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଅମୃତସରରୁ ବର୍ମିଂହାମ୍ ଯାଉଥିବା ଏଆଇ୧୧୭ ବିମାନର କ୍ରିଉ ସଦସ୍ୟମାନେ ଉଡ଼ାଣର ଶେଷ ପର୍ଯ୍ୟାୟରେ ଆର୍‌ଏଟି ବ୍ୟବହାର ହୋଇଥିବା ଦେଖିବାକୁ ପାଇଥିଲେ। ତେବେ ସମସ୍ତ ବୈଦ୍ୟୁତିକ ଏବଂ ହାଇଡ୍ରାଉଲିକ୍ ପାରାମିଟର ସ୍ୱାଭାବିକ ଥିଲା ଏବଂ ବିମାନଟି ବର୍ମିଂହାମ୍‌ରେ ନିରାପଦରେ ଅବତରଣ କରିଛି। ଯାତ୍ରୀମାନଙ୍କ ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିବା ଏୟାର ଇଣ୍ଡିଆ କହିଛି।

# ଇସ୍ରାଏଲ୍‌ରେ ଗ୍ରେଟା ଥନ୍‌ବର୍ଗ ଗିରଫ

## ଟୁଟି ଧରି ଘୋଷାଡ଼ିଲେ, ସଂକ୍ରମିତ ସେଲ୍‌ରେ ରଖିଲେ

ଜେରୁଜେଲମ୍,୫।୧୦

ସୁଇଡେନ୍‌ର ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ଇସ୍ରାଏଲ୍‌ରେ ଗିରଫ କରାଯିବା ସହ ତାଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଗ୍ରେଟା ଓ ତାଙ୍କ ସହଯୋଗୀମାନେ ଏକ ବୋଟ୍‌ରେ ସହାୟତା ସାମଗ୍ରୀ ନେଇ ଗାଜା ଯାଇଥିଲେ। ସେମାନେ ସେଠାରୁ ତୁର୍କୀ ଅଭିମୁଖେ ବାହାରୁଥିବାବେଳେ ଇସ୍ରାଏଲ ସୈନ୍ୟ ଗ୍ରେଟା ଓ ଅନ୍ୟମାନଙ୍କୁ ଅଟକ ରଖିଥିଲେ। ଇସ୍ରାଏଲୀ ସୈନ୍ୟ ବୋଟ୍‌ଗୁଡ଼ିକୁ ଯାଞ୍ଚ କରିବା ସହ ୪୩୭ ଜଣ ଆକ୍ଟିଭିଷ୍ଟ, ସାଂସଦ ଓ ଆଇନଜୀବୀଙ୍କୁ ଗିରଫ କରିଛନ୍ତି। ସେମାନେ ଗ୍ରେଟାଙ୍କୁ ସଂକ୍ରମିତ ସେଲ୍‌ରେ ରଖିବା ସହ ଟୁଟିଧରି ଘୋଷାଡ଼ିଥିଲେ ଓ ଇସ୍ରାଏଲୀ ପତାକା ପିନ୍ଧିବାକୁ ବାଧ୍ୟ କରିଥିଲେ। ସେମାନଙ୍କ ଖାଦ୍ୟ ଏବଂ ଔଷଧକୁ ସୈନ୍ୟମାନେ ଜବତ କରିଛନ୍ତି। ମାଲେସିଆର ୨ ଜଣ ଆକ୍ଟିଭିଷ୍ଟ କହିଛନ୍ତି, ଇସ୍ରାଏଲ୍ ସୈନ୍ୟମାନେ ସେମାନଙ୍କୁ ପଶୁ ଭଳି ବ୍ୟବହାର କରିଥିଲେ। ଗ୍ରେଟାଙ୍କୁ ସୈନ୍ୟମାନେ ଠେଲାପେଲା କରିବା ସହ ଇସ୍ରାଏଲୀ ପତାକା ପିନ୍ଧିବାକୁ ବାଧ୍ୟ କରିଥିଲେ। ଅଟକ କର୍ମୀମାନଙ୍କୁ ସ୍ୱଚ୍ଛ ଖାଦ୍ୟ ଓ ପାଣି ଦିଆଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି।



# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୬/୨୦୨୫ | Bhubaneswar, Monday, October 6/2025 | ପୃଷ୍ଠା-୧




**ବାପା ହେଲେ ଅର୍‌ବାଜ୍‌**

ଅଭିନେତା ତଥା ଫିଲ୍ମ ନିର୍ମାତା ଅର୍‌ବାଜ୍‌ ଖାନ୍‌ ରବିବାର ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ଶୁରା ଖାନ୍‌ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଜଣେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି।

୦୨

୧୦

**ରସେଲ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି**

ସିଙ୍ଗାପୁର ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ବିଜୟୀ ହୋଇଛନ୍ତି ମର୍ସିଡିଜ୍‌ର ୟୁନାଇଟେଡ କିଙ୍ଗଡମ୍‌ ଡ୍ରାଇଭର ଜର୍ଜ ରସେଲ ।



# କଟକରେ ପୋଡ଼ାଜଳା, ଭଙ୍ଗାରୁଜା, କର୍ଫ୍ୟୁ

## ସହରରେ ୨୪ ଘଣ୍ଟା ଇଣ୍ଟରନେଟ୍‌ ସେବା ବାତିଲ, ସୋସିଆଲ ମିଡିଆ କଟକଣା

କଟକ ସହରର ଦରଘାବଜାର ଦେଇ ଶୁକ୍ରବାର ରାତିରେ ଦୁର୍ଗାମେଢ଼ ଭସାଣି ଶୋଭାଯାତ୍ରା ଯାଉଥିବା ସମୟରେ ଜୟ ଶ୍ରୀରାମ ଧ୍ୱନିକୁ ନେଇ ଏକ ନିର୍ଦ୍ଦିଷ୍ଟ ଦିଗରୁ ପଥର, କାଚବୋତଲ ମାଡ଼ ହୋଇଥିଲା। ଏଥିରେ ଅନେକ ଆହତ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ଶୋଭାଯାତ୍ରାରେ ଶ୍ରୀରାମଙ୍କ ସଙ୍ଗୀତକୁ ବିରୋଧ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉତ୍ତେଜନା ଦେଖାଦେଇଛି। ଘଟଣାର ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୋମବାର କଟକ ବନ୍ଦ ଡାକରା ଦିଆଯାଇଥିବାବେଳେ ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଏହିସମୟରେ ଦରଘାବଜାର ଓ ନିକଟସ୍ଥ ଅଞ୍ଚଳର କେତେକ ସ୍ଥାନରେ ଜଳାପୋଡ଼ା ଏବଂ ଭଙ୍ଗାରୁଜା ହୋଇଛି। ଏପରିକି ଗାଡ଼ିମୋଟର, ଦୋକାନ ଭଙ୍ଗାରୁଜା ହେବାସହ ପୋଲିସ ଉପରକୁ ଢେଲାମାଡ଼ କରାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସରକାର ଦରଘା ବଜାର ସମେତ ସହରର ୧୩ଟି ଥାନା ଅଞ୍ଚଳରେ ରବିବାର ରାତି ୧୦ରୁ ୩୬ ଘଣ୍ଟା ଯାଏ କର୍ଫ୍ୟୁ ଲଗାଯାଇଛି। ସେହିପରି ସହର ଓ ଉପକଣ୍ଠରେ ସୋସିଆଲ ମିଡିଆ ଉପରେ କଟକଣା ଲଗାଇଛନ୍ତି। ରବିବାର ସନ୍ଧ୍ୟା ୭ଟାରୁ ସୋମବାର ସନ୍ଧ୍ୟା ୭ଟା ଯାଏ ଏହି କଟକଣା ବଳବତ୍ତର ରହିବ। ଏହି ସମୟରେ ହ୍ୱାଟ୍ସଆପ୍‌, ଫେସ୍‌ବୁକ୍‌, ଏକ୍ସ, ଇନ୍‌ଷ୍ଟାଗ୍ରାମ୍‌, ସ୍ନାପଚାଟ୍‌ ଆଦି ଇଣ୍ଟରନେଟ୍‌ ସେବା ବନ୍ଦ ରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ଏହାସହ କଟକରେ କ୍ୟାମ୍ପ କରି ରହିବାକୁ ଡିଜିପିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଡିଜିପିଙ୍କୁ କୁହାଯାଇଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ କମିଶନର ୩ଟି ସ୍ପେଶାଲ ଟିମ୍‌ ଗଠନ କରିଛନ୍ତି।



**ଭସାଣିବେଳେ ପଥର ମାଡ଼ରୁ ଉତ୍ତେଜନା**

ଦରଘାବଜାରସ୍ଥିତ ଗୌରୀଶଙ୍କର ପାର୍କ ନିକଟରେ ଥିବା ଠେଲାଗାଡ଼ିଗୁଡ଼ିକରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଛନ୍ତି।

- ଆଜି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କଟକ ବନ୍ଦ ଡାକରା
- ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- କ୍ୟାମ୍ପ କରି ରହିବେ ଡିଜିପି, ସ୍ଥିତି ଉପରେ ରଖିବେ ନଜର

**କଟକ,୫।୧୦ (କାର୍ତ୍ତିକ ସାହୁ)**

ଦଶହରା ଭସାଣି ସମୟରେ ଶୁକ୍ରବାର ରାତିରେ ଘଟିଥିବା ଗଣ୍ଡଗୋଳରୁ କଟକ ସହର ଅଶାନ୍ତ ହୋଇପଡ଼ିଛି। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଥମିବାର ନାଁ ଧରୁନାହିଁ। ଗଣ୍ଡଗୋଳରେ ସାମିଲ ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ଲୋକମାନେ ପୋଲିସ ପ୍ରଶାସନ ଉପରେ ବିଦ୍ରୋହୀ ହୋଇଉଠିଛନ୍ତି। ସେମାନଙ୍କ ଅସନ୍ତୋଷର ପ୍ରତିଫଳନ ରବିବାର ଦରଘାବଜାର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସେମାନେ ପୋଲିସ ଉପସ୍ଥିତିରେ କେତେକ ଦୋକାନ ଓ ଗାଡ଼ି ଭଙ୍ଗାରୁଜା କରିବା ସହ ରାସ୍ତାରେ ଜଳାପୋଡ଼ା କରିଛନ୍ତି। ଏହି ସମୟରେ ପୋଲିସ୍‌ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଛି। ଏଥିରେ ୨୫ ପୋଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ଦରଘାବଜାର ଅଞ୍ଚଳକୁ ପୋଲିସ ସିଲ୍‌ କରିଦେଇଛି। ଅପରପକ୍ଷରେ ସୋମବାର ବିଶ୍ୱ ହିନ୍ଦୁ ପରିଷଦ କଟକ ବନ୍ଦ ଡାକରା ଦେଇଛି। ରିପୋର୍ଟ ପ୍ରସ୍ତୁତି ବେଳକୁ ଅର୍ଥାତ୍‌ ରବିବାର ରାତି ୯ଟା ସମୟରେ ସହରରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ କୌଣସି ମୁହୂର୍ତ୍ତରେ କିଛି ବି ଅଘଟଣ ଘଟିପାରେ ବୋଲି ପୋଲିସ ଆଶଙ୍କା କରୁଛି। ତେଣୁ ଦରଘାବଜାର, ମଙ୍ଗଳାବାଗ, ଲାଲବାଗ, ବିଡ଼ାନାସୀ, କ୍ୟାଣ୍ଟନମେଣ୍ଟ, ପୁରୀଘାଟ, ମାଲଗୋଦାମ, ବାଦାମବାଡ଼ି, ସିଡିଏ ଫେଜ୍‌୨, ଜଗତପୁର, ବୟାଳିଶୀ ମୌଜା, ମର୍କତନଗର ଏବଂ ସଦର ଥାନା ଅଞ୍ଚଳରେ ମଙ୍ଗଳବାର ସକାଳ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ହୋଇଛି। ଏହି ସମୟରେ ସରକାରୀ କାର୍ଯ୍ୟାଳୟ, ଅତ୍ୟାବଶ୍ୟକ ଜରୁରୀସେବା ଚାଲୁ ରହିବ। ଉପଦ୍ରବକାରୀଙ୍କୁ ବରଦାସ୍ତ କରାଯିବନାହିଁ। ଉପଦ୍ରବ କରିବାମାତ୍ରେ ବଳପ୍ରୟୋଗ କରାଯିବ। ଆବଶ୍ୟକସ୍ଥଳେ କର୍ଫ୍ୟୁ ସମୟକୁ ବୃଦ୍ଧି କରାଯାଇପାରେ ବୋଲି କମିଶନର ଏସ୍‌.ଦେବଦତ୍ତ ସିଂ କହିଛନ୍ତି। ଗଣ୍ଡଗୋଳ ଅଞ୍ଚଳ ଦରଘାବଜାର ସମେତ ଅନ୍ୟାନ୍ୟ ଅଞ୍ଚଳରେ ବ୍ୟାପକ ☞ପୃଷ୍ଠା–୨

## ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

**ଭୁବନେଶ୍ୱର,୫।୧୦ (ରବିନାରାୟଣ ଜେନା)**

କଟକ ଦୁର୍ଗାପୂଜା ଭସାଣି ବେଳେ ସୃଷ୍ଟ ବିବାଦ ଏବଂ ଏହାକୁ ନେଇ ଗତ ଦୁଇଦିନ ଧରି ସହରରେ ଲାଗି ରହିଥିବା ଉତ୍ତେଜନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ କହିଛନ୍ତି,କଟକ ସହର ହେଉଛି ହଜାର ବର୍ଷର ସହର। ଭାଇଚାରାର ଅନନ୍ୟ ନିଦର୍ଶନ ହେଉଛି କଟକ ସହର। କିନ୍ତୁ ଗତ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁ ସହରରେ ଶାନ୍ତି ଭଙ୍ଗ ହୋଇଛି ଏବଂ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହିଭଳି ବିଶୃଙ୍ଖଳାକାରୀଙ୍କ ଉପରେ ସରକାରଙ୍କ ନଜର ରହିଛି ଏବଂ ସେମାନଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରର ଐତିହ୍ୟକୁ ଆହୁରି ଆଗକୁ ନେବା ପାଇଁ ସମସ୍ତେ ମିଳିମିଶି ଶାନ୍ତି ଶୃଙ୍ଖଳାର ସହିତ ଆଗକୁ ବଢ଼ନ୍ତୁ । ସହରର ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୋହନ ଚରଣ ମାଝୀ

# ଆଜି ପାଳନ ହେବ କୁମାର ପୂର୍ଣ୍ଣିମା

**ଦ୍ୱନ୍ଦ୍ୱ ଦୂର କଲେ ଜ୍ୟୋତିର୍ବିଦ୍‌**

**ଭୁବନେଶ୍ୱର, ୫।୧୦ (ବନ୍ଦନା ସେଠୀ)**

ଚଳିତବର୍ଷ କୁମାର ପୂର୍ଣ୍ଣିମା କେଉଁଦିନ ପାଳନ ହେବ ତାହାକୁ ନେଇ ପାଞ୍ଜି ଓ କ୍ୟାଲେଣ୍ଡରରେ ଭିନ୍ନ ତାରିଖ ଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସାଧାରଣତଃ କୁମାରପୂର୍ଣ୍ଣିମୀ ଓ ଗଜଲକ୍ଷ୍ମୀ ପୂଜା ଗୋଟିଏ ଦିନରେ ପଡ଼ିଥାଏ। ମାତ୍ର ଏବର୍ଷ ପାଞ୍ଜିରେ କୁମାର ପୂର୍ଣ୍ଣିମୀ ବା ଆଶ୍ୱିନ ପୂର୍ଣ୍ଣିମୀ ତିଥି ୬ ତାରିଖ ଅର୍ଥାତ୍‌ ସୋମବାର ମଧ୍ୟାହ୍ନ ୧୨ଟା ୨୪ ମିନିଟ୍‌ରୁ ଆରମ୍ଭ ହୋଇ ମଙ୍ଗଳବାର ସକାଳ ୯ଟା ୨୪ ପର୍ଯ୍ୟନ୍ତ ରହୁଛି। ମାତ୍ର କ୍ୟାଲେଣ୍ଡରରେ ୭ ତାରିଖକୁ ପୂର୍ଣ୍ଣିମୀ ଭାବେ ଦର୍ଶାଯାଇଛି ଏବଂ ସେହିଦିନ ସରକାରୀ ଛୁଟି ଘୋଷଣା ମଧ୍ୟ ହୋଇଛି। ତେବେ ଏହି ଦ୍ୱନ୍ଦ୍ୱ ଭିତରେ ସୋମବାର କୁମାର ପୂର୍ଣ୍ଣିମା ପାଳନ ଉପରେ ଜ୍ୟୋତିର୍ବିଦ୍‌ମାନେ ଗୁରୁତ୍ୱ ଦେଇଛନ୍ତି। ଜ୍ୟୋତିର୍ବିଦ୍‌ ହରିଶଙ୍କର ମିଶ୍ର କହିଛନ୍ତି, ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଅସଲି ଖଡ଼ିରତ୍ନ ପଞ୍ଜିକା, ଭାଗ୍ୟଜ୍ୟୋତି ☞ପୃଷ୍ଠା–୨

# ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ଲାବ୍‌କୁ କେନ୍ଦ୍ରର ମଞ୍ଜୁରୀ

**ଭୁବନେଶ୍ୱର,୫।୧୦**

ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ଲାବୋରେଟୋରିକୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପରେ ୪.୯୫ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ଏମ୍‌ପିଲାଡ୍‌ ଯୋଜନାରେ ଏହି ପାଣ୍ଠି ଯୋଗାଇ ଦିଆଯିବ। ଶିଳ୍ପପ୍ରସ୍ତୁତି ଦକ୍ଷତା ଥିବା ଯୁବବର୍ଗ ଓ ଯୋଗ୍ୟ ପ୍ରାର୍ଥୀମାନଙ୍କ ଡାଟାବେସ୍‌କୁ ଏହି ଲାବୋରେଟୋରିର ଅବଦାନ ରହିବ। ଲାବ୍‌ ସ୍ଥାପନ ଫଳରେ ଆଇଆଇଟି ଭୁବନେଶ୍ୱର ସେମିକଣ୍ଡକ୍ଟର ଗବେଷଣା ଏବଂ ଦକ୍ଷତା ବିକାଶର ହବ୍‌ରେ ପରିଣତ ହେବ। ଦେଶରେ ଚିପ୍‌ ଉତ୍ପାଦନ ଏବଂ ପ୍ୟାକେଜିଂ ୟୁନିଟ୍‌ ସ୍ଥାପନ ପାଇଁ ଏହି ଲାବ୍‌ ଦକ୍ଷତା ବିକାଶ କରିବ। ମେକ୍‌ ଇନ୍‌ ଇଣ୍ଡିଆ ଏବଂ ଡିଜାଇନ୍‌ ଇନ୍‌ ଇଣ୍ଡିଆ ଇନିସିଏଟିଭ୍‌କୁ ଏହା ଆହୁରି ଆଗେଇ ନେବ। ଦେଶର ଦ୍ରୁତ ଅଭିବୃଦ୍ଧି କରୁଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌ ପାଇଁ ଏହା ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ। ବିଶ୍ୱର ଚିପ୍‌ ଡିଜାଇନ୍‌ ଟ୍ୟାଲେଣ୍ଟର ୨୦ ପ୍ରତିଶତ ଭାରତରେ ରହିଛନ୍ତି। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍‌) ଅଧୀନରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ନିକଟରେ ଅନୁମୋଦନ ମିଳିଛି। ସେଥିରୁ ଗୋଟିଏ ସିଲିକନ୍‌ କାର୍ବାଇଡ୍‌ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର କାରଖାନା ହୋଇଥିବାବେଳେ ଦ୍ୱିତୀୟଟି ଅତ୍ୟାଧୁନିକ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ବିଷାକ୍ତ ଔଷଧ

# ହଣ୍ଡାରେ ନଦୀ ପାର ହେଲେ ଛାତ୍ରୀଛାତ୍ର

## ଡୁମ୍ବୁରିଗାଟାକୁ ରାସ୍ତା, ପୋଲ ନାହିଁ

**ଫୁଲବାଣୀ, ୫।୧୦ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ଡୁମ୍ବୁରିଗାଟା ଗ୍ରାମ ଏବେ ବି ବିଚ୍ଛିନ୍ନାଞ୍ଚଳ ଭଳି ରହିଛି । ଗ୍ରାମକୁ ରାସ୍ତା ନାହିଁ। ଲୋକେ ନଦୀ ପାର ହୋଇ ଯା’ଆସ କରୁଛନ୍ତି। ଦୀର୍ଘବର୍ଷ ହେଲା ଗ୍ରାମବାସୀ ବାଘ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁନାହାନ୍ତି। ତେଣୁ ବର୍ଷାଦିନ ଆସିଲେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ପିଲାମାନେ ସଲାଗୁଡା ସେବାଶ୍ରମରେ ପଢ଼ୁଛନ୍ତି। ଦଶହରା ଛୁଟି ସରିବା ପରେ ସ୍କୁଲ ଖୋଲିବା ପୂର୍ବରୁ ରବିବାର ୭ ଜଣ ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ହଣ୍ଡା (ଡିସ୍‌)ରେ ବସି ନଦୀ ପାର ହେଉଥିବା ଦେଖାଯାଇଛି ।

ସଲାଗୁଡା ପଞ୍ଚାୟତର ଦୁର୍ଗମ ଗ୍ରାମ ହେଉଛି ଡୁମ୍ବୁରିଗାଟା। ଏଠାରେ ୧୭ଟି ପରିବାର ବସବାସ କରୁଛନ୍ତି। ଗ୍ରାମରୁ ଜଙ୍ଗଲ ପାହାଡ ଦେଇ ୧୦ କିମି ଚାଲିକି ଗଲେ ଲୁଇସିଂ ଗ୍ରାମ ପଡ଼େ। ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହୁଏ। ଜଙ୍ଗଲ ମଧ୍ୟରେ ସବୁବେଳେ ଯିବା ସମ୍ଭବ ହେଉ ନ ଥିବାରୁ ଲୋକେ ବାଘ ନଦୀ ପାର ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ସେହିପରି ଗ୍ରାମକୁ ପାନୀୟ ଜଳର ସୁବିଧା ହୋଇପାରିନି। ବିଦ୍ୟୁତ୍‌ ନାହିଁ। ଗ୍ରାମର ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ଏବଂ ଭତ୍ତା ନେବା ପାଇଁ ବାଘ ନଦୀ ପାରି ହୋଇ ଆସୁଛନ୍ତି। ବୃଦ୍ଧାବୃଦ୍ଧ ବର୍ଷାଦିନରେ ଆସି ପାରୁନାହାନ୍ତି। ବହୁ ଦାବି ପରେ ବି ପୋଲ ନିର୍ମାଣ ପାଇଁ କେହି ଶୁଣୁ ନ ଥିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ☞ପୃଷ୍ଠା–୨



ଜଣେ ଛାତ୍ରୀ ବିପଦପୂର୍ଣ୍ଣ ଭାବେ ନଦୀ ପାର ହେଉଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଧାରଣା, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରିୟ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡ଼େମୀ ପକ୍ଷରୁ ୨୨ତମ କୁମାର ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଚାନ୍ଦମାମା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ୯ମ ବାର୍ଷିକ କୁମାର ଉତ୍ସବ ୨୦୨୫, ସ୍ଥାନ: ଗାନ୍ଧୀ ଚଉତରା, ଗଡ଼ ପାତ୍ରପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବିଜୟା ଦଶମୀ ପଥ ସଞ୍ଚଳନ,ସ୍ଥାନ:ମାନସିଂବଜାର ରାଧାକୃଷ୍ଣ ମନ୍ଦିର, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା ୪୫।

## ଭଦ୍ରକ

- ନଣ୍ଡା ବାବାଙ୍କ ୧୨୨ତମ ଜନ୍ମ ଉତ୍ସବ ଓ ଅଖଣ୍ଡ ନାମ ଯଜ୍ଞର ୪୭ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ପଞ୍ଚୁଟିକ୍ରି ମହାନନ୍ଦ ସେବାଶ୍ରମ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଭଦ୍ରକ ଟିପ୍ପର ଓ ଟ୍ରକ୍ ମାଲିକ ସଂଘର ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବୈତରଣୀ ମହୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ସାମ୍ନା ଅନନ୍ୟା ସାଂସ୍କୃତିକ ପ୍ରତିଷ୍ଠାନ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶରତ ପୂର୍ଣ୍ଣିମା ଅବସରରେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ଗୁଜୁରାଟି ସନାତନ ସମାଜ, ବଡ଼ବିଲ, ସମୟ : ରାତି ୯ଟା।
- କୁମାର ଉତ୍ସବ କମିଟି ତରଫରୁ ୫୬ତମ ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଆନନ୍ଦେଶ୍ୱର୍ ଶିବ ମନ୍ଦିର ପ୍ରାଙ୍ଗଣ ଲକ୍ଷ୍ମୀ ମଣ୍ଡପ, ପାଟଣା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଟ ପ୍ରସ୍ତୁତି ବୈଠକ,ସ୍ଥାନ: ବୈରାଟପୁର-କିରିକିଚିଆ ଯୁବକ ସଂଘ ସଭାଗୃହ, ଉଦଳା,ସମୟ:ଅପରାହ୍ନ ୪ଟା।
- ଫୁଲ ବଉଳବେଣୀ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଡିହିରାକୁଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଉଦଳା,ସମୟ:ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ବିବେକାନନ୍ଦ ବିହାର, ରାମନଗର ୭ମ ଲାଇନ, ସମୟ: ସକାଳ: ୯ଟା।
- କାଲୁଆ ଯାତ୍ରା, ସ୍ଥାନ: ଗୋଷାଣିନୂଆଗାଁ, ସମୟ: ରାତି ୧୨ଟା।

## ଗଞ୍ଜାମ

- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଗୋବରା ମୁଖ୍ୟ ସଡ଼କ, ବେଲଗୁଣ୍ଠା,ସମୟ: ସକାଳ ୭ଟା ୩୦।
- ଗଜଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ: ଆସିକା ତାଲୁକା ଛକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା୩୦।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଆଇଏମ୍‌ସି ଓ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।
- ୪୦ତମ ନଟରାଜ କୁମାରୋତ୍ସବ ଉଦଘାଟନ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜା, ସ୍ଥାନ: ଗଣେଶ ବଜାର ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୫୧ମିନିଟ।
- ମିନାବଜାର ପୂଜା ପ୍ରତିଷ୍ଠାନରେ ଲକ୍ଷ୍ମୀପୂଜା, ସ୍ଥାନ: ପୂଜା ମଣ୍ଡପ ମୀନାବଜାର, ସମୟ: ସନ୍ଧ୍ୟା ୭ଟା ୫୯ମିନିଟ୍।

## ଅନୁଗୋଳ

- ମିଳିତ ଜନ ଶୁଣାଣି, ସ୍ଥାନ: କୋଣିଆ ବ୍ଲକ ପରିସର, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ : ରେଞ୍ଜର୍ସ କଲେଜ ସମ୍ମିଳନୀ କକ୍ଷ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ପୁରାତନ ଛାତ୍ରୀ ଛାତ୍ରଙ୍କ ଏକତ୍ରୀକରଣ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର , ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୦ ଟା ୩୦ ମିନିଟ।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ନିକଟରେ କୁମାର ପୂର୍ଣ୍ଣମୀର ସ୍ୱତନ୍ତ୍ର ପୂଜା, ସ୍ଥାନ: ଆଠମଲ୍ଲିକ, ମା ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ମେରାଇନ ବାଣିଜ୍ୟିକ ସମିତି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୬ଟା।
- ନୂଆବଜାର କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକା କଳା ନିକେତନ ଅନୁଷ୍ଠାନ ପକ୍ଷରୁ କୁମାର ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କୁମାର ଉତ୍ସବ ସମିତିର ୫୨ତମ ବାର୍ଷିକୋତ୍ସବ, ପାଣି ଜୟନ୍ତୀ ଓ ସାଂସ୍କୃତିକ ସଭା, ସ୍ଥାନ: ଜୟପ୍ରକାଶ ମଇଦାନ, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଜଷ୍ଟିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ପ୍ରଶାସନର ମିଳିତ ଜନଶୁଣାଣି ଶିବିର, ସ୍ଥାନ:ଟଉନ ହଲ, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୦ଟା ।
- ଗଣପର୍ବ ଗଜଲକ୍ଷ୍ମୀ ପୂଜା, ସ୍ଥାନ:ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ:ସଂନ୍ଧ୍ୟା ୫ଟା ।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଯ୍ୟନ କ୍ଲବ ଓ ଷ୍ଟିଲ ସିଟି କ୍ଲବର କୁମାର ପୂର୍ଣ୍ଣିମା ଅବସରରେ ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ, ସ୍ଥାନ: ବୈତରଣୀ ନଦୀ ବ୍ରଜନଗର ଲିଙ୍ଗେଶ୍ୱର ଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାନାଥ ମାର୍ଗ କାଳୀପୂଜା ମୂର୍ତ୍ତି ନିର୍ମାଣ ମାଟି ଉଠାଣ, ସ୍ଥାନ: ଉମାପଦା ରତ୍ନା ପୁଷ୍କରିଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଚଣ୍ଡିକ୍ଲବ, ଚୋରଦା କାଳୀପୂଜା କମିଟି ମୂର୍ତ୍ତି ନିର୍ମାଣ ମାଟି ଉଠାଣ, ସ୍ଥାନ: କହେଁଇପୁର ଦୁର୍ଗା ମନ୍ଦିର ନିକଟ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଗଜଲକ୍ଷ୍ମୀଙ୍କ ପୂଜା, ହୋମଯଜ୍ଞ, ସ୍ଥାନ:ଓଡଗାଁ ଲକ୍ଷ୍ମୀ ବଜାର ଲକ୍ଷ୍ମୀ ମନ୍ଦିର, ସମୟ:ଭୋର ୫ଟା ।
- ଗଜଲକ୍ଷ୍ମୀଙ୍କ ପୂଜା, ସ୍ଥାନ:ଓଡଗାଁ ବିଜୟ ମଣ୍ଡପ ସାହି, ସମୟ:ଭୋର ୬ ଟା ।
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ଧବଳେଇ, ଜାମୁସାହି, ବ୍ରଜବଲ୍ଲଭପୁର, ରାଜପାଟଣା, ମାନ୍ଧତାପୁର, ନୂଆ ଘଡୁଆଳ ଓ ଆଖ ପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ନୀଳମାଧବ ଦର୍ଶନ ଧାରା ପୁସ୍ତକ ଉନ୍ମୋଚନ, ସ୍ଥାନ:କଣ୍ଟିଲୋ କଂସାରି ସାହି ପାଟଣା, ସମୟ:ପୂର୍ବାହ୍ନ ୧୧ଟା।
- ରଘୁନାଥ ଜୀଉ କୋଠଘର ଉନ୍ମୋଚନ ଉତ୍ସବ, ସ୍ଥାନ:କଣ୍ଟିଲୋ କଂସାରି ସାହି ପାଟଣା, ସମୟ:ପୂର୍ବାହ୍ନ ସାଢ଼େ ୧୧ଟା ।
- ଗଜଲକ୍ଷ୍ମୀଙ୍କର ପୂଜନୋତ୍ସବ, ସ୍ଥାନ:ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ, ନୟାଗଡ ବ୍ଲକ ଷଠିଆପଲ୍ଲୀ ଓ ରାଜପାଟଣା, ଓଡଗାଁ ବ୍ଲକ ଗୋଡିପଡା, ସମୟ:ମଧ୍ୟାହ୍ନ ୧୨ଟା ।
- ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ, ସ୍ଥାନ:ଦଶପଲ୍ଲା ମହାବୀରକ୍ଷେତ୍ର ପୂଜା ମଣ୍ଡପ, ସମୟ:ମଧ୍ୟାହ୍ନ ୧୨ଟା ।
- ଚାନ୍ଦ ପୂଜା, ସ୍ଥାନ: ଖଣ୍ଡପଡା ଓ କଣ୍ଟିଲୋ ଆଖପାଖ ଅଞ୍ଚଳ, ସମୟ: ସଂନ୍ଧ୍ୟା ୬ଟା ।
- ମା' ମଙ୍ଗଳାଙ୍କ କୁମାର ଉତ୍ସବ ପର୍ବ, ସ୍ଥାନ:ନୂଆଗାଁ ବ୍ଲକ ଗୁଡୁପାଙ୍ଗି ଗାଁ, ସମୟ:ସଂନ୍ଧ୍ୟା ୭ଟା ।

## ରାୟଗଡ଼ା

- ଗଜଲକ୍ଷ୍ମୀ ପୂଜା ଅବସରରେ ଜଳଯାତ୍ରା, ଆବାହନ ଓ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ନ୍ୟୁ କଲୋନୀ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ।

## ନବରଙ୍ଗପୁର

- ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ, ସ୍ଥାନ: ଡାବୁଗାଁ ବ୍ଲକ ରେଲିସାହି ଲକ୍ଷ୍ମୀପୂଜା ମଣ୍ଡପ, ସମୟ: ସକାଳ ୬ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ମହୋତ୍ସବ, ସ୍ଥାନ: ଜାମରୁଣ୍ଡା ହାଇସ୍କୁଲ ପଡ଼ିଆ, ସମୟ ଅପରାହ୍ନ: ୪ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦେବୀଘାଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଚାରାଙ୍ଗୁଲ,ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଏକମ୍ବା, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ବନ ବିଭାଗ ତରଫରୁ କଇଁଛ ସୁରକ୍ଷା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ମୋଟୁ ବନାଞ୍ଚଳ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନା ପତରକୁ ବନା ପତର,**
**ମୂଳ ଲାଗୁଥାଏ ପର କ୍ଷେତର**
**ପିଠି ଖାଉଥାଏ ଖରା**
**ଅଣ୍ଟୁ ନ ଥିଲା ତ କୁଣ୍ଡା ଚକୁଳି,**
**ଏବେ ରୁଚୁନାହିଁ ବରା ।**

ମନୁଷ୍ୟ ନିଜର ପୂର୍ବାବସ୍ଥା ବା ଅତୀତକୁ ଭୁଲିଯିବା ଅନୁଚିତ। ବହୁ କ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ମନୁଷ୍ୟଟି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଉକ୍ତ ମନୁଷ୍ୟଟି ନିଜ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନଯାପନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାରେ ଅହଙ୍କାରୀ ହୋଇଯାଉଥିବାର ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଳସୁଆ ବଳଦକୁ ମେଘ ଆଶରା,**
**ମେଘ ବରଷୁଛି ଅସରା ଅସରା ।**

ଅଳସୁଆ ବଳଦ ପାଇଁ ମେଘ ଆଶୀର୍ବାଦ ସ୍ୱରୂପ। କାରଣ ସେ କ୍ଷେତରେ ବେଶି ସମୟ ଖଟଣିରେ ନିଯୁକ୍ତ ହୁଏ ନାହିଁ। ସେମିତି ଅଳସୁଆ ବ୍ୟକ୍ତି କିଛି କାମ ନ ଥିଲେ ବା କଠିନ କାମ ନ ଥିଲେ ସିଏ ବିଶ୍ରାମକୁ ଧନ୍ୟ ମନେ କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାପା ହେଲେ ଅର୍‌ବାଜ୍



ଅର୍‌ବାଜ୍ ଖାନ୍

ମୁମ୍ବାଇ: ଅଭିନେତା ସଲମାନ ଖାନ୍‌ଙ୍କ ଭାଇ ତଥା ଫିଲ୍ମ ନିର୍ମାତା ଅର୍‌ବାଜ୍ ଖାନ୍ ରବିବାର ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ତଥା ମେକ୍-ଅପ୍ ଆର୍ଟିଷ୍ଟ ଶୁରା ଖାନ୍ ଜଣେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି। ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଶୁରା ଶନିବାର ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରିପୋର୍ଟ ଅନୁଯାୟୀ, ରବିବାର ହିନ୍ଦୁଜା ହସ୍ପିଟାଲରେ ଅର୍‌ବାଜ୍‌ଙ୍କ ସହ ତାଙ୍କ ପୁଅ ଅର୍‌ହାନ ଓ ଭାଇ ତଥା ଫିଲ୍ମ ନିର୍ମାତା ସୋହେଲ ଖାନ୍‌ଙ୍କୁ ଦେଖିବାକୁ ମିଳିଛି। ଶିଶୁ କନ୍ୟା ଜନ୍ମ ହେବା ପରେ ଅର୍‌ବାଜଙ୍କ ପରିବାରରେ ଖୁସି ଖେଳିଯାଇଛି। ଅର୍‌ବାଜ ଏବଂ ଶୁରା ୨୦୨୩ରେ ବିବାହ କରିଥିଲେ। କିଛି ସମୟ ଧରି ପରସ୍ପରକୁ ଡେଟିଂ କରିବା ପରେ ପରିବାର ଲୋକ ଏବଂ ନିକଟ ବନ୍ଧୁ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ଉଭୟେ ବିବାହ କରିଥିଲେ। ଏହା ଅର୍‌ବାଜଙ୍କ ଦ୍ୱିତୀୟ ବିବାହ ଥିଲା। ୧୯୯୮ରେ ସେ ଅଭିନେତ୍ରୀ ମଲାଇକା ଅରୋରାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଅର୍‌ହାନ ନାମକ ଏକ ପୁଅ ମଧ୍ୟ ରହିଛନ୍ତି। ତେବେ ଦାମ୍ପତ୍ୟ ଜୀବନରେ ଫାଟ ଯୋଗୁ ୨୦୧୭ ମେ'ରେ ମଲାଇକା ଓ ଅର୍‌ବାଜ୍ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ।

# ପ୍ରଥମ ପୃଷ୍ଠାରୁ...

## କଟକରେ ପୋଡ଼ାଜଳା, ...

ଫୋର୍ସ ମୁତୟନ ହେବା ସହ ପୋଲିସର ଫ୍ଲାଗମାର୍ଚ୍ଚ ଜାରି ରହିଛି। ସୋସିଆଲ ମିଡିଆରେ ଯେପରି କୌଣସି ଉତ୍ତେଜନାମୂଳକ ବାର୍ତ୍ତା ପ୍ରସାରିତ ନ ହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି।

ସୂଚନାନୁସାରେ, ଦରଘାବଜାର ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଭସାଣି ଶୋଭାଯାତ୍ରା ଯାଉଥିବା ବେଳେ ଜୟଶ୍ରୀ ରାମ ଧ୍ୱନି ଦିଆଯାଇଥିଲା। ଏହାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇ ଢେଲାପଥର, କାଚବୋତଲ ମାଡ଼ କରାଯାଇଥିଲା। ଏଥିରେ ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟି ଓ ରାଉସାପାଟଣା ପୂଜା କମିଟି ସଦସ୍ୟଙ୍କ ସମେତ ଅନେକ ଲୋକ ଆହତ ହୋଇଥିଲେ। ସେଥିମଧ୍ୟରୁ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ଲାଗି ରହିଛି। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ମଧ୍ୟ ଆହତ ହୋଇଥିଲେ। ସ୍ଥିତି ଅଣାୟତ୍ତ ହେବାରୁ କମିଶନରେଟ ପୋଲିସ ପକ୍ଷରୁ ବିଏନ୍‌ଏସ୍‌ଏସ୍‌ର ୧୬୩ ଧାରା ଜାରି କରାଯିବା ସହ ଲାଠିଚାର୍ଜ କରାଯାଇଥିଲା। ଉତ୍ତେଜନା ଯୋଗୁ ପ୍ରାୟ ୩ଘଣ୍ଟାରୁ ଅଧିକ ସମୟ ଧରି ଭସାଣି ଯାତ୍ରା ବନ୍ଦ କରାଯାଇଥିଲା। ରାଉସାପାଟଣା ପୂଜା କମିଟିର ସଦସ୍ୟମାନେ ଧାରଣାରେ ବସିଥିଲେ ଏବଂ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ସମସ୍ତ ମେଢ଼ ରାସ୍ତାରେ ଅଟକି ରହିଥିଲା। ପରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ସିପି ନରସିଂହ ଭୋଳ, କଟକ ଡିସିପି ଖିଲାରୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ମହାନଗର ଶାନ୍ତି କମିଟି ସଭାପତି ଓ ସମ୍ପାଦକ ପହଞ୍ଚି ବୁଝାଶୁଝା କରିବାରୁ ଶନିବାର ସକାଳ ପ୍ରାୟ ୫ଟା ୩୦ରେ ମେଢ଼ ଦେବୀଗଡ଼ା ଅଭିମୁଖେ ଯାଇଥିଲା। ଏହି ଘଟଣାରେ ସାମିଲ ଥିବା ୬ ଜଣକୁ ପୋଲିସ ଗିରଫ କରିଥିଲା। ତେବେ ଏହି ଘଟଣାକୁ ନେଇ କଟକ ଭାଇଚାରା ବଜାୟ ରଖିବା ପାଇଁ ଭାଜପା, ବିଜେଡି, କଂଗ୍ରେସ ସ୍ୱର ଏକତ୍ର କରିଛନ୍ତି। ସେହିପରି ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ମଧ୍ୟ ଶାନ୍ତି ବଜାୟ ରଖିବା ଉପରେ ଜୋର ଦେଇଛନ୍ତି।

### ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ

କଟକ ସହରରେ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ହସ୍ତକ୍ଷେପ କରିଛନ୍ତି। ସହରର ଇଣ୍ଟରନେଟ୍ ସେବା ୨୪ ଘଣ୍ଟା ବନ୍ଦ କରିବାକୁ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ବନ୍ଦ ସଫଳ କରିବାକୁ ଶୋଭାଯାତ୍ରା

ବିଶ୍ୱ ହିନ୍ଦୁ ପରିଷଦ କଟକ ମହାନଗର ଓ ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ରବିବାର ଅପରାହ୍ନରେ ଏକ ମୋଟରସାଇକେଲ ରାଲି ହୋଇଯାଇଛି। ଏହି ରାଲି ବିଦ୍ୟାଧରପୁରରୁ ବାହାରି ନୂଆବଜାର, ପୋତାପୋଖରୀ, ଚାଉଳିଆଗଞ୍ଜ, ଓଏମ୍‌ପି, କଲେଜ ଛକ, ରାଣୀହାଟ, ବକ୍ସିବଜାର, ଦୋଳମୁଣ୍ଡାଇ, ବାଦାମବାଡ଼ି ଟ୍ରାଫିକ ଛକ, ହରିପୁର, ହାତୀପୋଖରୀ, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ନିମଚୌଡ଼ି, ଚାନ୍ଦିନୀଚୌକ ଆଦି ଅଞ୍ଚଳ ପରିକ୍ରମା କରିଛି।

### ବନ୍ଦ ରହିବ ମାଲଗୋଦାମ

ସୋମବାର କଟକ ବନ୍ଦ ଡାକରାରେ ବ୍ୟବସାୟୀ ଓ ଲୋକମାନଙ୍କୁ ହଇରାଣ ହେବାରୁ ରକ୍ଷା କରିବା ପାଇଁ ମାଲଗୋଦାମ ବନ୍ଦ ରଖିବାକୁ ବ୍ୟବସାୟୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ଏନେଇ ରବିବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## କଟକରେ ଶାନ୍ତି ରକ୍ଷା ପାଇଁ ନବୀନଙ୍କ ଅନୁରୋଧ

ଭୁବନେଶ୍ୱର, ୫ା୧୦ (ରବିନାରାୟଣ ଜେନା)

ଭାଇଚାରାର ସହର କଟକରେ ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ଏକ ଶାନ୍ତିପ୍ରିୟ ରାଜ୍ୟ ଭାବରେ ଓଡ଼ିଶାର ସୁନାମ ରହିଛି। ଓଡ଼ିଶାବାସୀ, କଟକବାସୀ ଶାନ୍ତି ଓ ସଦ୍‌ଭାବ ଚାହାନ୍ତି। ତେଣୁ କଟକ ସହରରେ ଶାନ୍ତି ବଜାୟ ରଖିବା ପାଇଁ ନବୀନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଆଇଆଇଟି ...

୩ଡିଗ୍ଲାସ୍ ପ୍ୟାକେଜିଂ ଫାସିଲିଟି। ପ୍ରସ୍ତାବିତ ଲାବ୍‌ରେ ସେମିକଣ୍ଡକ୍ଟର ତାଲିମ୍, ଡିଜାଇନ୍ ଓ ଫାବ୍ରିକେଶନ ପାଇଁ ଆବଶ୍ୟକ ଉପକରଣ ଓ ସଫ୍ଟୱେର ରହିବ। ଉପକରଣ ପାଇଁ ୪.୬ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ସଫ୍ଟୱେର ବାବଦରେ ୩୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ରାଜ୍ୟରେ ନମୋ ସେମିକଣ୍ଡକ୍ଟର ଲାବୋରେଟୋରି ସ୍ଥାପନକୁ ମଞ୍ଜୁରୀ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସେମିକଣ୍ଡକ୍ଟର ନୀତିକୁ କ୍ୟାବିନେଟ୍ ନିକଟରେ ମଞ୍ଜୁରୀ ଦେବା ସହ ବୃହତ୍ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହ ସ୍ୱାକ୍ଷର ହୋଇଥିବା ଏକାଧିକ ବୁଝାମଣାପତ୍ରକୁ ଅନୁମୋଦନ କରିଥିଲା। ଏହି ପଦକ୍ଷେପ ସେମିକଣ୍ଡକ୍ଟର ଗବେଷଣା, ଡିଜାଇନ୍ ଓ ଉତ୍ପାଦନର ହବ୍ ଭାବେ ଓଡ଼ିଶାକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନମୋ ସେମିକଣ୍ଡକ୍ଟର ଲାବୋରେଟୋରି ଆମ ଯୁବବର୍ଗଙ୍କୁ ଅନୁପ୍ରାଣିତ କରିବା ସହ ଗବେଷଣାକୁ ତ୍ୱରାନ୍ୱିତ କରିବ। ଜାତୀୟ ଓ ବୈଶ୍ୱିକ ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜଭୁତ କରିବା ସହ ମେକ୍ ଇନ୍ ଇଣ୍ଡିଆ ଓ ଡିଜାଇନ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍‌କୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି।

## ଆଜି ପାଳନ ...

ପଞ୍ଜିକା, ପରମେଶ୍ୱରୀ ପଞ୍ଜିକା, ଶ୍ରୀକ୍ଷେତ୍ର ଖଡିରତ୍ନ ପଞ୍ଜିକା, ରାଧରମଣ ପ୍ରେସ୍ ପଞ୍ଜିକା, କୋହିନୂର ପଞ୍ଜିକା ଆଦିରେ ୬ ତାରିଖରେ ପୂର୍ଣ୍ଣିମା ପାଳନ ନେଇ ଉଲ୍ଲେଖ ରହିଛି। ତେଣୁ କୁମାରୀମାନେ ଚନ୍ଦ୍ରପୂଜା, ଆଞ୍ଜୁଳି ଟେକା, ଜହ୍ନିଓଷା ସମାପ୍ତି ସୋମବାର ସନ୍ଧ୍ୟାରେ ହିଁ ପାଳନ କରିବେ। ସୋମବାର ଉତ୍କଳବାସୀଙ୍କ ପାଇଁ କୁମାରପୂର୍ଣ୍ଣମୀ ପାଳନ ହେଉଥିବାବେଳେ କେବଳ ଶ୍ରୀମନ୍ଦିରରେ ମଙ୍ଗଳବାର ପୂର୍ଣ୍ଣମୀ ପାଳନ କରାଯିବ। କାରଣ ଶ୍ରୀମନ୍ଦିରରେ ଉଦୟ ପର୍ବକୁ ଧରି ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ସେହିପରି ମଙ୍ଗଳବାର ଶ୍ରୀମନ୍ଦିରରେ କାର୍ତ୍ତିକ ବ୍ରତର ପ୍ରଥମ ସଂକଳନ କରାଯିବ। ସେ କହିଛନ୍ତି, କୁମାର ପୂର୍ଣ୍ଣମୀ ବା ଗଜଲକ୍ଷ୍ମୀ ପୂଜା ଦ୍ୱନ୍ଦ୍ୱମୁକ୍ତ ଥିବାବେଳେ ବହୁ ଆଗରୁ ଛପାଯାଉଥିବା କ୍ୟାଲେଣ୍ଡର ୭ ତାରିଖରେ କୁମାର ପୂର୍ଣ୍ଣମୀ ଲେଖି ଏହାକୁ ଦ୍ୱନ୍ଦ୍ୱଯୁକ୍ତ କରାଇଛି। ସେହିପରି କ୍ୟାଲେଣ୍ଡର ଛପା ହେବାର ପ୍ରାୟ ୪ ମାସ ପରେ ପଞ୍ଜିକା ଛପା ହୋଇଥାଏ। ମାତ୍ର ପଞ୍ଜିକା ଅପେକ୍ଷା କ୍ୟାଲେଣ୍ଡର ବହୁଳ ଭାବେ ବିକ୍ରି ହେଉଥିବାରୁ ଏହାକୁ ନେଇ ଅଧିକାଂଶ ଲୋକ ଦ୍ୱନ୍ଦ୍ୱରେ ପଡିଛନ୍ତି ବୋଲି ଜ୍ୟୋତିର୍ବିଦ୍ ମିଶ୍ର କହିଛନ୍ତି।

## ହଣ୍ଡାରେ ନଦୀ ପାର ...

ଡୁମୁରିଗାଟାର ବିଷ୍ଣୁ ମଲ୍ଲିକ, ଦିବାନା ମଲ୍ଲିକ ପ୍ରମୁଖ କହିଛନ୍ତି, ଆମ ଗ୍ରାମକୁ ରାସ୍ତା ନାହିଁ। ସବୁବେଳେ ଜଙ୍ଗଲ ମଧ୍ୟରେ ଚାଲିକି ଯିବା ସମ୍ଭବ ହେଉ ନ ଥିବାରୁ ବାଘ ନଦୀ ପାର ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହୁଏ। ମାସକୁ ଥରେ ନ ହେଲେ ଦୁଇଥର ବାହାରକୁ ଯାଇ ଚଳିବା ପାଇଁ ସାମଗ୍ରୀ ଆଣିବାକୁ ପଡ଼େ। ପିଲାମାନେ ସଲାଗୁଡା ସେବାଶ୍ରମରେ ପଢ଼ୁଛନ୍ତି। ବର୍ଷା ହେଉଥିବାରୁ ନଦୀରେ ବହୁତ ପାଣି। ତେଣୁ ପିଲାମାନଙ୍କୁ ହଣ୍ଡାରେ ବସାଇ ନଦୀ ପାର କରି ସ୍କୁଲ ପଠାଉଛୁ। ସରକାର ଏଠାରେ ପୋଲ କିମ୍ବା ଗ୍ରାମକୁ ରାସ୍ତା ନିର୍ମାଣ କଲେ ଉପକୃତ ହେବୁ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତି ଥିବାରୁ ଗଜକେଶରୀ ଯୋଗ ପ୍ରଭାବରେ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। କୌଣସି ଅଭିସନ୍ଧି ରଖି ବନ୍ଧୁ ସାହାଯ୍ୟର ହାତ ବଢ଼ାଇବେ। ଆଜି ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ବହୁ ଲୋକଙ୍କ ମେଳରେ ଅଧିକାଂଶ ସମୟ ଅତିବାହିତ ହେବ।

**ବୃଷ** ପରିବାର ସ୍ଥାନରେ ଚନ୍ଦ୍ର ଥିବାରୁ କର୍ମକ୍ଷେତ୍ରରେ ଅଭିଳଷିତ କାମ ହାସଲରେ ସମର୍ଥ ହେବେ। ବାଣିଜ୍ୟ କ୍ଷେତ୍ରରେ ଅଥବା ପ୍ରତିଦ୍ୱନ୍ଦ୍ୱିତା କାରଣରୁ କିମ୍ବା ଜମିଜମା ସମ୍ବନ୍ଧୀୟ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମରେ ଶୁକ୍ରଙ୍କ ପ୍ରଭାବରୁ ଅର୍ଥଗତ ଓ ଭାବଗତ ସମ୍ପର୍କକୁ ଦୃଢୀଭୂତ କରିବ।

**ମିଥୁନ** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆର୍ଥିକ ଉନ୍ନତି ସହ ବନ୍ଧୁ ଗହଣରେ ହସଖୁସିରେ ନିଜକୁ ହଜାଇ ଦେବେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାରୁ ମତାନ୍ତର ସୂଚନା ରହିଛି। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କ୍ରନିକ୍ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଓ ଧୀରେ ସୁସ୍ଥେ କାମ କରିପାରନ୍ତି।

**କର୍କଟ** ମୁଖଭାଗରେ ଚନ୍ଦ୍ର ଆପଣଙ୍କ କଥାର ମଧୁରତାରେ ନିକଟସ୍ଥ ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିବ। ଯାହାକି ଆନୁଷ୍ଠାନିକ କାମରେ କାର୍ଯ୍ୟହାସଲ ପାଇଁ ଖୋରାକ ଯୋଗାଇପାରେ। ପାରିବାରିକ ଜୀବନରେ ସୁଖଦ ଅନୁଭୂତିର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନ, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଭିରୁଚି ବଳିବ ଓ ପ୍ରଶଂସିତ ମଧ୍ୟ ହେବେ।

**ସିଂହ** ଚନ୍ଦ୍ରଙ୍କ ରାଶ୍ୟାବସ୍ଥାନ ପ୍ରଭାବରେ ଦୂରଯାତ୍ରା, ବ୍ୟୟବୃଦ୍ଧି, ଶତ୍ରୁତାଜନିତ କାର୍ଯ୍ୟହାନି ସମ୍ବନ୍ଧରେ ଆଲୋଚନା କରିପାରନ୍ତି। ପୂର୍ବାଫାଲଗୁନୀର ବିବାଦରେ ବିଜୟ, ପ୍ରତିଯୋଗିତାରେ ସଫଳତା ପାଇଲେ ମଧ୍ୟ ସାମୟିକ ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମନା କରି ମନ ଚିନ୍ତା ସାଗରରେ ଭାସିବୁଲିବ।

**କନ୍ୟା** ରବିଙ୍କ ଦୁର୍ବଳତାରୁ ଯାତ୍ରା ସ୍ଥଗିତ ରହିବା ସହ ପଦସ୍ଥ ବ୍ୟକ୍ତିଙ୍କ ସହ ବିରୋଧଭାବ ସୃଷ୍ଟି କରିବ। ଭଲ କିମ୍ବା ମନ୍ଦ ବିଚାର ନ କରି କାମକୁ ବଢ଼ାଇ ନେଲେ ସମସ୍ୟା ଆସିପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଭିତରେ କାମ ହାସଲ କରିହେବ। ଚିତ୍ରା ନକ୍ଷତ୍ର ଯେ କୌଣସି ପରିସ୍ଥିତି ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ କିନ୍ତୁ ବିଶାଖା ନକ୍ଷତ୍ର ସକାଶେ ଚାଲି ନ ଜାଣି ବାଟର ଦୋଷ ଭଳି ପରିସ୍ଥିତି ସୃଷ୍ଟି ହେବ। ସବୁ ସୁବିଧା ଥାଇ ମଧ୍ୟ ସାମାଜିକ ସ୍ତରରେ ନିଜକୁ ଆଗରେ ରଖି ପାରିବେ ନାହିଁ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବନ୍ଧୁଙ୍କ ମାଧ୍ୟମରେ ଅର୍ଥଲାଭର ସୂଚନା ରହିଛି।

**ବିଛା** ଚତୁର୍ଥସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ନିଜ ବାସସ୍ଥାନ ନିକଟରେ ରହୁଥିବା ପାଖ ଲୋକଟି ଆପଣା ସ୍ୱାର୍ଥ ରକ୍ଷା କରିବାକୁ ଆପଣଙ୍କୁ ମିଛ କଥା କହିପାରେ। ତଥାପି କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି କେତେକାଂଶରେ ଭଲ ଦିଗକୁ ଗତି କରିବ। ଅଫିସ କାମରେ ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** କେତୁ ନକ୍ଷତ୍ରସ୍ଥ ଚନ୍ଦ୍ର କେତୁଙ୍କ ସହ ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ପାରିବାରିକ ଶାନ୍ତି ଭାରାକ୍ରାନ୍ତ ମନକୁ ସାମୟିକ ଲାଘବ କରିବାର ସୂଚନା ରହିଛି। ତଥାପି ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ସାମାଜିକ ଜୀବନରେ ଅଶାନ୍ତିର କାରଣ ହୋଇପାରେ। ଅବଶ୍ୟ ଆଜିର ଆଲୋଚନା, ସନ୍ତାନ, ଶିକ୍ଷା ଓ ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ।

**ମକର** ଅଷ୍ଟମସ୍ଥ ଚନ୍ଦ୍ର ଯାତ୍ରାକାଳୀନ ସମୟ, ସ୍ତ୍ରୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ହେତୁକ ଅଶାନ୍ତି ସୃଷ୍ଟି କରିପାରେ। ଧନିଷ୍ଠା ନକ୍ଷତ୍ରର ସ୍ୱଗୃହାଭିମୁଖୀ ଶନି ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପିଲାଙ୍କ କଥା ନେଇ ଆଲୋଚନା କରିବେ। ଶ୍ରବଣା କିନ୍ତୁ ଭୁଲ୍‌ବଶତଃ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଶତ୍ରୁତା କାରଣରୁ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ଅନ୍ୟର ପ୍ରରୋଚନାରେ ଜଣେ ଆତ୍ମୀୟ ସମସ୍ୟା ସୃଷ୍ଟି କରିପାରନ୍ତି। ପିଲାଙ୍କ ସମସ୍ୟା ନେଇ ବିବାଦ ବଢ଼ିପାରେ। ଅନଟନ ଦୂରେଇବା ସକାଶେ କରଜ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ବନ୍ଧୁଙ୍କ ପ୍ରେରଣାରେ ଆରମ୍ଭ କରିବାକୁ ଯାଉଥିବା କାମକୁ ମନ୍ଥର କରିପାରନ୍ତି। ନୂତନ ଗାଡି, ମୋଟର, ଯାନ୍ତ୍ରିକ ଜିନିଷ କିଣିବାକୁ ପ୍ରସ୍ତୁତ ହେବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ଅର୍ଥ, ସଭାସମିତି, ଆଲୋଚନା ଓ ପ୍ରଶାସନିକ ସ୍ତରରେ ସୁନାମ ଅର୍ଜନ କରିବେ।

ଆଜି କୁମାରପୂର୍ଣ୍ଣିମା ସୋମବାର, ଗଜଲକ୍ଷ୍ମୀପୂଜା, ଇନ୍ଦ୍ରଐରାବତପୂଜା, ଅକ୍ଷକ୍ରୀଡ଼ା, ଜହ୍ନିଓଷା ସମାପ୍ତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଅକ୍ଟୋବର ୬ ତାରିଖ, ବିଶ୍ୱ ପର୍ଯ୍ୟାବାସ ଦିବସ, (ଅକ୍ଟୋବର ପ୍ରଥମ ସୋମବାର), ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ ଗତେ ଘ. ୦୭.୧୦ ମଧ୍ୟେ, ଘ.୦୮.୫୦ ଗତେ ଘ. ୧୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୧୦ ଗତେ ଘ.୦୮.୪୮ ମଧ୍ୟେ ରାହୁ କାଳ ।

# ବାଜି ରାଉତଙ୍କ ତ୍ୟାଗ, ସାହସ ଯୁବପିଢ଼ିଙ୍କ ପାଇଁ ଆଦର୍ଶ: ମୁଖ୍ୟମନ୍ତ୍ରୀ



ନୀଳକଣ୍ଠପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।




ଶହୀଦ ବାଜି ରାଉତଙ୍କ ଦାୟାଦମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

## ଶହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ସମାରୋହ

### ଭୁବନେଶ୍ୱରରେ ବାଜି ରାଉତଙ୍କ ନାମରେ ଏକ ରାସ୍ତା ନାମିତ ହେବ

**ଢେଙ୍କାନାଳ,୫।୧୦(ରତନ ନାୟକ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶହୀଦ ବାଜି ରାଉତଙ୍କ ଗ୍ରାମ ନୀଳକଣ୍ଠପୁରଠାରେ ରବିବାର ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଭାରତର ଗୌରବ, ଓଡ଼ିଶାର ଗର୍ବ ଶହୀଦ ବାଜି ରାଉତଙ୍କ ସାହସ ଓ ତ୍ୟାଗ ଓଡ଼ିଆ ଜାତିର ବୀରତ୍ୱ ବଖାଣେ। ମାତ୍ର ୧୨ବର୍ଷ ବୟସରେ ସେ ବ୍ରିଟିଶ ଗୁଳି ଆଗରେ ଛାତି ପତେଇ ଦେଇଥିଲେ। ବାଜି ରାଉତଙ୍କ ସାହସ ଓ ତ୍ୟାଗ ଯୁବବର୍ଗଙ୍କ ପାଇଁ ଆଦର୍ଶ। ତାଙ୍କ ଆଦର୍ଶକୁ ଉଜ୍ଜୀବିତ ରଖିବାକୁ ଭୁବନେଶ୍ୱରରେ ଏକ ରାସ୍ତା ତାଙ୍କ ନାମରେ ନାମିତ କରାଯିବା ସହ ତାଙ୍କ ନାମରେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାଜି ରାଉତଙ୍କ ଗାଁକୁ ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇ ଉନ୍ନତି କାର୍ଯ୍ୟ କରାଯାଉଛି। ତାଙ୍କ ସ୍ମୃତିରେ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି, ଯାହା ଯୁବପିଢିଙ୍କ କ୍ରୀଡ଼ା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। ଢେଙ୍କାନାଳ ଜିଲାରେ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏଥିରେ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଏଣୁ ଢେଙ୍କାନାଳ ଜିଲାକୁ ଓଡ଼ିଶାର ସୌରଶକ୍ତି ସମୃଦ୍ଧ ଜିଲା ଓ ରାଜ୍ୟର ଅଗ୍ରଣୀ ଜିଲା ଭାବେ ପରିଗଣିତ କରିବା ହେଉଛି ଆମ ସରକାରର ଲକ୍ଷ୍ୟ। ଏହିସବୁ ପ୍ରକଳ୍ପ ଯୋଗୁ ୨୬ ହଜାର ୪୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ଦାୟାଦ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ଢେଙ୍କାନାଳ ଗଣସଂଗ୍ରାମର ଅମର ଶହୀଦ ବାଜି ରାଉତ' ଓ ବାଜି ରାଉତଙ୍କ ଫଟୋ ଉନ୍ମୋଚନ କରିଥିଲେ, ଯାହା ଜିଲାର ସମସ୍ତ ବିଦ୍ୟାଳୟରେ ବଣ୍ଟନ କରାଯିବ। ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଧନ୍ୟବାଦ ଦେଇଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ଏସ୍‌ପି ଅଭିନବ ସୋନକର ଆଇନଶୃଙ୍ଖଳା ଦାୟିତ୍ୱରେ ଥିଲେ।

# ଗୁଣ୍ଡିଚାଘାଗିରେ ଭାସିଗଲେ ଯୁବକ

**କେନ୍ଦୁଝର/ଘଟଗାଁ/ଢେଙ୍କିକୋଟ,୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)**

**ମାସକ ମଧ୍ୟରେ ୨ ନିଖୋଜ**



ସତ୍ୟପ୍ରକାଶ ମହାନ୍ତ

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଗୁଣ୍ଡିଚାଘାଗି ଜଳପ୍ରପାତରେ ପୁଣି ଏକ ଅଘଟଣ ଘଟିଛି। ସେପ୍ଟେମ୍ବର ୮ରେ ଜଳପ୍ରପାତରେ ଜଣେ ପର୍ଯ୍ୟଟକ ଭାସି ଯାଇଥିଲେ। ତାଙ୍କର ଅଦ୍ୟାବଧି ପତ୍ତା ମିଳି ନ ଥିବା ବେଳେ ରବିବାର ପୁଣି ଜଣେ ଯୁବକ ଗାଧୋଉଥିବା ବେଳେ ଭାସି ଯାଇ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ହେଲେ ହରିଚନ୍ଦନପୁର ଥାନା ବଡଶିଆଡ଼ିମାଳ ଗ୍ରାମର ସତ୍ୟପ୍ରକାଶ ମହାନ୍ତ (୨୬)। ସତ୍ୟପ୍ରକାଶ ଆମ୍ବୁଲାନ୍ସ ଡ୍ରାଇଭର ଭାବେ ପାରାଦୀପରେ କାର୍ଯ୍ୟ କରୁଥିଲେ।

ପ୍ରକାଶ ଯେ, ସତ୍ୟପ୍ରକାଶ ଶନିବାର ରାତିରେ ପାରାଦୀପର କେତେଜଣ ବନ୍ଧୁଙ୍କ ସହ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସିଥିଲେ। ରବିବାର ଭୋର ୫ ଟାରେ ଘଟଗାଁରେ ପହଞ୍ଚି ଗୁଣ୍ଡିଚାଘାଗି ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ମୁଖ୍ୟ କୁଣ୍ଡରେ ଗାଧୋଇବା ବେଳେ ଅସାବଧାନତାବଶତଃ ସତ୍ୟପ୍ରକାଶ ଖସିଯାଇଥିଲେ। ବର୍ଷା ଯୋଗୁ ଜଳପ୍ରପାତରେ ଜଳ ପ୍ରବାହ ଅଧିକ ଥିବାରୁ ତଳକୁ ଭାସିଯାଇଥିଲେ। ସାଙ୍ଗମାନେ ଚେଷ୍ଟା କରି ମଧ୍ୟ ଅଟକାଇ ପାରି ନ ଥିଲେ। ଖବର ପାଇ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆଖପାଖ ଅଞ୍ଚଳର ଲୋକେ ମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଖୋଜାଖୋଜି ଚାଲିଥିଲେ ହେଁ ଯୁବକଙ୍କ କୌଣସି ପତ୍ତା ମିଳିନି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

ପ୍ରକାଶଯୋଗ୍ୟ, ସେପ୍ଟେମ୍ବର ୮ରେ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ବର୍ଣ୍ଣନା ଗ୍ରାମର ଦେବେଶ କୁମାର ବେହେରା (୨୨) ଗୁଣ୍ଡିଚାଘାଗି ଜଳପ୍ରପାତ ବୁଲିବାକୁ ଯାଇ ସେଲ୍ଫି ନେବା ବେଳେ ଗୋଡ଼ ଖସିଯିବାରୁ ଜଳ ସ୍ରୋତରେ ପଡ଼ି ଭାସିଯାଇଥିଲେ।




# ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ସ୍ଲାବ୍ ଖସି ନାବାଳିକା ମୃତ

- ଜେସିବି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ
- ଜାତୀୟ ରାଜପଥ ଅବରୋଧ

**ଭଦ୍ରକ,୫।୧୦(ସନାତନ ରାଉତ)**



ଘଟଣାସ୍ଥଳରେ ଲୋକେ ଜେସିବି ଜାଳି ଦେଇଛନ୍ତି।

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ବିଷ୍ଣୁପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ପ୍ରୋଟେକ୍ସନ ସ୍ଲାବ୍ ଖସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ଜେସିବିକୁ ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଛନ୍ତି। ଘଟଣାସ୍ଥଳରେ ଧାମନଗର ପୋଲିସ ମୁତୟନ ରହିଛି।

ସୂଚନା ଅନୁଯାୟୀ, ବିଷ୍ଣୁପୁର ଛକ ନିକଟରେ ଜାତୀୟ ରାଜପଥର ଓଭରବ୍ରିଜ୍ କାମ ଚାଲିଛି। ସନ୍ଧ୍ୟା ପ୍ରାୟ ୬ଟା ବେଳେ ଭଦ୍ରକ ବ୍ଲକ ଅଧୀନ ବହୁଦରଡ଼ା ପଞ୍ଚାୟତ ବେନ୍ତାଳିଆ ଗ୍ରାମର ଭଜଗୋବିନ୍ଦ ମଲିକଙ୍କ ୮ ବର୍ଷର ଝିଅ କବିତା ଦୋକାନକୁ ଆସି ସେହି ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଫେରୁଥିବା ବେଳେ ନିର୍ମାଣାଧୀନ ଓଭରବ୍ରିଜ୍‌ରୁ ଏକ ପ୍ରୋଟେକ୍ସନ ସ୍ଲାବ୍ ତାଙ୍କ ଉପରେ ଖସି ପଡ଼ିଥିଲା। ସ୍ଲାବ୍‌ରେ ଚାପିହୋଇ ତାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା।

ପ୍ରକାଶଥାଉ କି, ଉକ୍ତ ସ୍ଥାନରେ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଖିଆଲି ନୀତି ଯୋଗୁ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ ସେହି ସ୍ଥାନରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏହାକୁ ନେଇ ବିଭିନ୍ନ ସମୟରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଘଟିଛି। ଏହି ଦୁର୍ଘଟଣା ପାଇଁ ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟ କରୁଥିବା କମ୍ପାନୀର ଅବହେଳାକୁ ଦାୟୀ କରିଛନ୍ତି। ନିର୍ମାଣ ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନାହିଁ। କାମ କରୁଥିବା ଠିକା କମ୍ପାନୀର ଲାଇସେନ୍ସ ରଦ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସେହି ରାସ୍ତା ପାର୍ଶ୍ୱକୁ କେହି ପ୍ରବେଶ ନ କରିବା ପାଇଁ ଅବରୋଧ କରାଯାଇ ନ ଥିଲା। ଜଣେ ନାବାଳିକା ସେହି ରାସ୍ତାରେ ଚାଲି ଚାଲି ଆସୁଥିବା ବେଳେ କାର୍ଯ୍ୟ କରୁଥିବା କୌଣସି ଅଧିକାରୀ କିମ୍ବା କର୍ମଚାରୀ ତାଙ୍କୁ ଅଟକାଇ ନ ଥିବାରୁ ଏକ ନିରୀହ ଜୀବନ ଅକାଳରେ ଚାଲିଗଲା ବୋଲି କୁହାଯାଉଛି। ଖବର ଲେଖାହେବା ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଛି। ଧାମନଗର ଥାନାଧିକାରୀ ରଞ୍ଜନ ସେଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଛି।

# ଦୁର୍ଘଟଣାରେ ମୃତ ସୁଜିତଙ୍କ ଚକ୍ଷୁଦାନ କଲେ ମା', ବାପା

**ପାଟକୁରା,୫।୧୦(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ବଡବେତେରା ପଞ୍ଚାୟତ ମନ୍ମଥପୁର ଭାରିଗୋଳ ଗ୍ରାମର ସୀତାକାନ୍ତ ତ୍ରିପାଠୀ ଏବଂ ପ୍ରଭାତୀ ତ୍ରିପାଠୀଙ୍କ ବଡ଼ପୁଅ ସୁଜିତ କୁମାର ତ୍ରିପାଠୀ(୨୪)ଶନିବାର କେନ୍ଦ୍ରାପଡ଼ା କଜଳା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହି ଦୁର୍ଘଟଣାରେ ସୁଜିତଙ୍କ ଆଖି ଦୁଇଟି ସମ୍ପୂର୍ଣ୍ଣ ଭଲ ଥିଲା। ଏହାକୁ ଦାନ କରିବାକୁ ଡାକ୍ତର ସୁଜିତଙ୍କ ମାତା, ପିତା ଓ ସମ୍ପର୍କୀୟମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବାପା ସୀତାକାନ୍ତ ଓ ମା' ପ୍ରଭାତୀ, ମାମୁ ମାନସ ରଞ୍ଜନ ପଣ୍ଡା, ଅନ୍ତର୍ଜାତୀୟ ମାନବ ଅଧିକାର କମିଶନ ଗରଦପୁର ବ୍ଲକ ପ୍ରେସିଡେଣ୍ଟ ଜ୍ୟୋତିରଞ୍ଜନ ପରିଡା, ୱାର୍ଡମେମ୍ବର ବିଶ୍ୱରଞ୍ଜନ ତ୍ରିପାଠୀ ପ୍ରମୁଖ ରାଜିହୋଇ ସୁଜିତଙ୍କ ଚକ୍ଷୁ ଭୁବନେଶ୍ୱରର ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲକୁ ଦାନ କରିଥିଲେ।



ସୁଜିତ କୁମାର ତ୍ରିପାଠୀ

ସୁଜିତଙ୍କ ମୃତ୍ୟୁ ଖବରପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗଭୀର ଶୋକ ବ୍ୟକ୍ତକରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଭଳି ଦୁଃଖ ସମୟରେ ଚକ୍ଷୁଦାନ ଭଳି ମହତ କାର୍ଯ୍ୟ କରିଥିବାରୁ ପରିବାରକୁ ପ୍ରଶଂସା କରି ଧୈର୍ଯ୍ୟ ଦେବାକୁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା, ବିଧାୟକଙ୍କ ପ୍ରତିନିଧି କ୍ଷିତୀଶ ଚନ୍ଦ୍ର ଦାଶ,ସରପଞ୍ଚ ସଂଯୁକ୍ତା ମହାପାତ୍ର, ସରପଞ୍ଚ ଅନସୂୟା ବେହେରାଙ୍କ ସମେତ ବ୍ଲକର ଅନେକ ନେତୃମଣ୍ଡଳୀ ସୁଜିତଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

MARUTI SUZUKI ARENA

ଉତ୍ସବର ଖୁସି
ଏବେ ହେଲା ଆହୁରି ବଡ଼
GST ଲାଭ ଏବଂ ସୀମିତ ଅବଧି ଫେଷ୍ଟିଭ୍ ଅଫର୍ସର ସହିତ
6 ଅକ୍ଟୋବର, 2025 ପର୍ଯ୍ୟନ୍ତ ମାନ୍ୟ

| MODEL | S-PRESSO | ALTO K10 | CELERIO | WAGONR | SWIFT | DZIRE | BREZZA | ERTIGA | EECO |
|---|---|---|---|---|---|---|---|---|---|
| REDUCTION IN PRICE^ (₹) UP TO | 129 600 | 107 600 | 94 100 | 79 600 | 84 600 | 87 700 | 112 700 | 46 400 | 68 000 |
| NOW STARTING AT^ (₹) | 349 900 | 369 900 | 469 900 | 498 900 | 578 900 | 625 600 | 825 900 | 880 000 | 518 100 |
| ADDITIONAL FESTIVE OFFERS* (₹) UP TO | 65 500 | 75 500 | 65 500 | 70 500 | 90 500 | - | 48 000 | - | 40 500 |

BOOK NOW UP TO 100% PROCESSING FEE WAIVER ON CAR FINANCE#



ARENA SAFETY SHIELD
SCAN TO CONNECT TO SHOWROOM NEAR YOU
E-BOOK TODAY AT WWW.MARUTISUZUKI.COM
Contact us at 1800-102-1800

T&C available at dealership. Features/accessories vary by variant. Black glass shade on the vehicle is due to lighting effect. *Offers / Prices differ by variant/model/location/city and may change or end without notice. Includes consumer, exchange, and institutional/rural offers (where applicable) on select models. Offer values shown are maximums. Prices subject to GST rates as notified by the Government. ^Reductions and starting prices vary by variant. #Valid with select financiers, for personal-use vehicles only.

ଯିଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା– ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ– ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। –ଶ୍ରୀଅରବିନ୍ଦ

-କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଓ ଚନ୍ଦ୍ର ପୂଜା



# ବିଷାକ୍ତ ଔଷଧ

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଷାକ୍ତ କଫ୍ ସିରପ୍ ପିଇ ଗତ କିଛି ଦିନ ହେବ ୧୬ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ଖବର ଏବେ ରାଷ୍ଟ୍ରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମଧ୍ୟପ୍ରଦେଶର ଛିନ୍ଦୱାରା ଜିଲାରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ରାଜସ୍ଥାନରେ ୨ ଜଣ ପିଲାଙ୍କ ପ୍ରାଣହାନି ଘଟିଛି। ତାମିଲନାଡୁର ସ୍ରେସାନ୍ ଫାର୍ମାସ୍ୟୁଟିକାଲ ପକ୍ଷରୁ ପ୍ରସ୍ତୁତ 'କୋଲ୍ଡ୍ରିଫ୍' କଫ୍ ସିରପ୍‌ରେ ଡାଇଥାଇଲିନ୍ ଗ୍ଲାଇକୋଲ୍ (ଡିଇଜି) ମାତ୍ରା ଅତ୍ୟଧିକ ରହିଥିବାରୁ ତାହା ପିଲାଙ୍କ ପାଇଁ ପ୍ରାଣଘାତୀ ସାଜିଛି। ଯାଞ୍ଚ ବେଳେ ଜଣାପଡ଼ିଛି ଯେ ଏହି ସିରପ୍‌ରେ ୪୮.୭ ପ୍ରତିଶତ ଡିଇଜି ରହିଥିବାରୁ ତାହା ଶିଶୁମାନଙ୍କ ବୃକ୍କକୁ ନଷ୍ଟ କରିଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ କଫ୍ ସିରପ୍ ମାନୁଫାକଚରିଂ ୟୁନିଟ୍ ଉପରେ ଯାଞ୍ଚ କରିଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି। ନମୁନା ପରୀକ୍ଷା ବେଳେ ସେଥିରେ ବିପଜ୍ଜନକ ମାତ୍ରାରେ ଡିଇଜି ଥିବା ଜଣାପଡ଼ିଛି। ସଦ୍ୟ ଘଟଣା ବେଳେ ଛିନ୍ଦୱାରାରେ ଜଣେ ଡାକ୍ତରଙ୍କୁ ଇତିମଧ୍ୟରେ ଗିରଫ କରାଯାଇଛି।

କଫ୍ ସିରପ୍ ଭଳି କୌଣସି ଔଷଧ ରୋଗୀଙ୍କୁ ସୁସ୍ଥ କରିବା ପରିବର୍ତ୍ତେ ପ୍ରାଣଘାତୀ ସାଜିବା ନିଶ୍ଚିତ ଭାବେ ଏକ ଗମ୍ଭୀର ବିଗଣ୍ଡ ଦର୍ଶାଉଛି। ଏଥିରେ କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀକୁ ଦାୟୀ କରାଯିବା ସହ ଔଷଧର ମାନ ଠିକ୍ ଭାବେ ଯାଞ୍ଚ ହେଉ ନ ଥିବା ଅଭିଯୋଗ ହୋଇଛି। ନକଲି ବା ଅପମିଶ୍ରିତ ଔଷଧ ପ୍ରସ୍ତୁତି ଓ ବିତରଣ ବିଷୟ ନୂଆ ନୁହେଁ। ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ବିଦେଶ ମାଟିରେ ସନ୍ଦେହ ଘେରକୁ ଆସିଥିଲା। ୨୦୨୨ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍‌କୁ ସେବନ କରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ସ୍ପଷ୍ଟ କରିଥିଲା। ତା' ପରେ ସମ୍ପୃକ୍ତ ରାଷ୍ଟ୍ର ଭାରତୀୟ ଔଷଧ ଉପରେ ନିଷେଧାଜ୍ଞା ଜାରି କରିଥିଲା। କିନ୍ତୁ ଭାରତ ସରକାର ସେହି ଘଟଣା ପରେ ପ୍ରସ୍ତୁତକର୍ତ୍ତାଙ୍କୁ ଯାଞ୍ଚ କରିବା ପରିବର୍ତ୍ତେ ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଥିଲେ। ଔଷଧର ଉପଯୁକ୍ତ ଯାଞ୍ଚ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି ଅନେକେ କହିଆସନ୍ତି। କିନ୍ତୁ ବାସ୍ତବତା ହେଲା ଏବେ ଫାର୍ମାସ୍ୟୁଟିକାଲ ୟୁନିଟ୍‌ଗୁଡ଼ିକ ଯାଞ୍ଚ କରିବା ଲାଗି ସରକାରଙ୍କ ପାଖରେ ସେତିକି ଲୋକବଳ ବା ସାଧନ ନାହିଁ। କୁହାଯାଇପାରେ ଯେ, ମାଲିକ ଚାହାନ୍ତି ବେଶି ବିକ୍ରି ହେଲେ ସେ ଅଧିକ ଅର୍ଥ ରୋଜଗାର କରିବେ। ସେ କଦାପି ଚାହାନ୍ତି ନାହିଁ କମ୍ପାନୀ ଭୁଲ୍ ବାଟରେ ଯାଉ ନିହିତ ହେଉ। ବରଂ କର୍ମଚାରୀମାନଙ୍କ ଦକ୍ଷତାର ଅଭାବ କିମ୍ବା ଔଷଧ ପାଇଁ ଆବଶ୍ୟକ ଉପାଦାନ କ୍ରୟ ବେଳେ କିଛି ହେରଫେର୍ ହେଲେ ତାହା ସମସ୍ୟା ସୃଷ୍ଟି କରିଥାଏ। ଯେଉଁ କମ୍ପାନୀ ସମ୍ପୂର୍ଣ୍ଣ ଔଷଧ ପ୍ରସ୍ତୁତି ବ୍ୟବସ୍ଥାକୁ ଅଟୋମେଶନ କରି ନ ଥାଏ, ତାହା ମଣିଷ ଦ୍ୱାରା ଭାଗମାପ କରି ମିଶା ଯାଇଥାଏ। ସେଥିରେ ବହୁ ପରିମାଣରେ ଗଡ଼ବଡ଼ ହେଲେ ଔଷଧ ବିଷାକ୍ତ ପାଲଟିଯାଇଥାଏ। ହୁଏତ କେହି କହିପାରନ୍ତି ଯେ, ଔଷଧ କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରସ୍ତୁତି ପ୍ରଣାଳୀକୁ ପୁରା ଅଟୋମେଶନ କରିଦେଲେ ଏ ସମସ୍ୟା ଉପୁଜନ୍ତା ନାହିଁ। ମନେରଖିବାକୁ ହେବ ଯେ, ଶତପ୍ରତିଶତ ଗୁଣବତ୍ତା ବଜାୟ ରଖିବା ଲାଗି ଛୋଟ କମ୍ପାନୀଗୁଡ଼ିକ ପୁଞ୍ଜି ନିବେଶ କରିପାରି ନ ଥାଆନ୍ତି। ଏଭଳି ସ୍ଥଳେ ସରକାର କଡ଼ା ନିୟମ ଆଣି ତାହାକୁ କାର୍ଯ୍ୟକାରୀ କରିବା ଦରକାର। ବିଷାକ୍ତ ବା ନକଲି ଔଷଧ ସେବନ କରି ମୃତ୍ୟୁମୁଖରେ ପଡୁଥିବା ରୋଗୀଙ୍କ ପରିବାରକୁ ନ୍ୟାୟ ମିଳିବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଗଲେ କିଛି ପରିମାଣରେ ଚେତା ପଶନ୍ତା। ଏହା ମଧ୍ୟ ଦେଖାଯାଉଛି, ଶସ୍ତାରେ ଔଷଧ ଯୋଗାଇ ଦେବା ଲାଗି କିଛି ଔଷଧ ନିର୍ମାତା ଗୁଣବତ୍ତାକୁ ପ୍ରାଧାନ୍ୟ ଦେଉନାହାନ୍ତି। ତାହା ଦ୍ୱାରା ସମ୍ପୃକ୍ତ କମ୍ପାନୀ ସହ ସମଗ୍ର ବ୍ୟବସ୍ଥା ବିଶ୍ୱସନୀୟତା ହରାଉଛି।

ଔଷଧ ନିର୍ମାତାଙ୍କଠାରୁ ମିଳୁଥିବା କମିଶନ ମୋଟା ଅଙ୍କରେ ଆସେ ବୋଲି ପ୍ରେସ୍କ୍ରିପ୍‌ସନରେ ସେହି କମ୍ପାନୀର ଔଷଧ ଲେଖାଇବାକୁ କେତେକ ଡାକ୍ତର ପଛଘୁଞ୍ଚା ଦିଅନ୍ତି ନାହିଁ ଏହାର ଅର୍ଥ ନୁହେଁ ଭଲ ଡାକ୍ତର ନାହାନ୍ତି କିନ୍ତୁ ଭଲ ଡାକ୍ତରଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ପ୍ରଭାବିତ ହୋଇ ଔଷଧ ଲେଖୁଥିବା ଡାକ୍ତର ଏବଂ ଅତ୍ୟଧିକ ଲାଭ ଖୋଜୁଥିବା ଔଷଧ ନିର୍ମାତାଙ୍କ ମଧ୍ୟରେ ଅଲିଖିତ ବୁଝାମଣା ଆଜି ଭାରତରେ ସାଧାରଣ ରୋଗୀର ଜୀବନକୁ ବିପଦରେ ପକାଉଛି

ଔଷଧ ଅପମିଶ୍ରଣ ବିଷୟରେ ଉଲ୍ଲେଖ କଲା ବେଳକୁ ସେହି ବ୍ୟବସାୟର ମୂଳମନ୍ତ୍ର ସାଙ୍ଗକୁ ଡାକ୍ତରଙ୍କ ସମ୍ପର୍କରେ କିଛି କୁହାଯାଇପାରେ। ବିପୁଳ ଅର୍ଥ ବ୍ୟୟ କରି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସର୍ବନିମ୍ନ ୬ରୁ ୭ ବର୍ଷ ପଢ଼ାଇ ଡାକ୍ତର କରାନ୍ତି। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏହା ଏକ ବିରାଟକାୟ ନଗଦ କାରଖାନା ପାଲଟିଯିବା ସହିତ ସେଠାରୁ ଉତ୍ପାଦନ ହେଉଥିବା ଅଧିକାଂଶ ଡାକ୍ତର କିଭଳି ଅର୍ଥ ଗୋଟାଇବେ ସେଥିରେ ମସଗୁଲ ରହିଥାଆନ୍ତି। ଔଷଧ ନିର୍ମାତାଙ୍କଠାରୁ ମିଳୁଥିବା କମିଶନ ମୋଟା ଅଙ୍କରେ ଆସେ ବୋଲି ପ୍ରେସ୍କ୍ରିପ୍‌ସନରେ ସେହି କମ୍ପାନୀର ଔଷଧ ଲେଖାଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏହାର ଅର୍ଥ ନୁହେଁ ଭଲ ଡାକ୍ତର ନାହାନ୍ତି। କିନ୍ତୁ ଭଲ ଡାକ୍ତରଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ପ୍ରଭାବିତ ହୋଇ ଔଷଧ ଲେଖୁଥିବା ଡାକ୍ତର ଏବଂ ଅତ୍ୟଧିକ ଲାଭ ଖୋଜୁଥିବା ଔଷଧ ନିର୍ମାତାଙ୍କ ମଧ୍ୟରେ ଅଲିଖିତ ବୁଝାମଣା ଆଜି ଭାରତରେ ସାଧାରଣ ରୋଗୀର ଜୀବନକୁ ବିପଦରେ ପକାଉଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 2 | | | 7 | | | |
| | 9 | | | | | | 8 | |
| | | | | 3 | | 1 | | |
| 9 | 3 | | 5 | | | | | |
| | 5 | 7 | | | 6 | | | 3 |
| 6 | | | | | | 8 | | |
| 2 | | | | 1 | | | 4 | |
| | | 9 | | | | 6 | | |
| | | | | | 5 | 7 | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 8 | 9 | 5 | 7 | 6 | 2 | 1 |
| 7 | 9 | 2 | 6 | 1 | 8 | 5 | 4 | 3 |
| 6 | 5 | 1 | 4 | 2 | 3 | 8 | 7 | 9 |
| 9 | 3 | 4 | 2 | 7 | 6 | 1 | 5 | 8 |
| 1 | 7 | 5 | 8 | 4 | 9 | 3 | 6 | 2 |
| 2 | 8 | 6 | 1 | 3 | 5 | 4 | 9 | 7 |
| 5 | 6 | 7 | 3 | 9 | 1 | 2 | 8 | 4 |
| 4 | 1 | 9 | 5 | 8 | 2 | 7 | 3 | 6 |
| 8 | 2 | 3 | 7 | 6 | 4 | 9 | 1 | 5 |

ଗତକାଲିର ଉତ୍ତର

# ଗଣଜୀବନର ବିଶ୍ୱକୋଷ




ଡ. ପ୍ରଫୁଲ୍ଲ କୁମାର ସାହୁ

ଗଣନାଟ୍ୟ ଜଗତରେ ଗଣକବି ବୈଷ୍ଣବ ପାଣି ଥିଲେ ଆଦ୍ୟ ମୌସୁମୀର ଜଳକଣାସିକ୍ତ ଏକ ପ୍ରଚଣ୍ଡ ଝଡ଼, ଯାହାର ଆଘାତରେ ଆଜିସୁଦ୍ଧା ଶିହରିତ ହେଉଛି ଗଣଚେତନାର ରସକଦମ୍ବ। ଦରିଦ୍ରତା ପଙ୍କରେ ସାରା ଜୀବନ ଉହଳ ବିକଳ ହୋଇ ବୁଡ଼ି ରହିଥିଲେ ବି ପ୍ରଚଣ୍ଡ ପ୍ରତିଭା ବଳରେ ଓଡ଼ିଶାର ମାଟି–ମଟାଳକୁ, ପାଣି–ପବନକୁ ଓ ଜନ–ଜୀବନକୁ ସେ ଶୁଣେଇଛନ୍ତି ଏକ ନୂତନ କ୍ରାନ୍ତି ଓ ସଂକ୍ରାନ୍ତିର ଆବାହନୀ। ବିଶେଷକରି ଗୀତିନାଟ୍ୟରେ ବିଭିନ୍ନ ଚରିତ୍ରର ପ୍ରବର୍ତ୍ତନ କରାଇ ଏହାକୁ ଅଧିକ ନାଟକୀୟ କରିଥିଲେ, ଯାହା ଥିଲା ଓଡ଼ିଆ ଯାତ୍ରାରେ ଅଭିବ୍ୟକ୍ତିର ନୂତନ ମଙ୍ଗମୋଡ଼।

ଓଡ଼ିଶାରେ ଗଣନାଟ୍ୟ ଶୈଳୀର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ହେଉଛି ଯାତ୍ରା। ଏହା ଗଣନାଟକର ଭିନ୍ନ ଭିନ୍ନ ଶୈଳୀର ଏକ ଚମତ୍କାର ସମନ୍ୱୟ। ଗଣ ଜୀବନର ହସ–କାନ୍ଦ, ଆଶା–ଆକାଂକ୍ଷା, ଅଭାବ–ଅନଟନ, ନ୍ୟାୟ –ଅନ୍ୟାୟ ଆଦି ଗଣନାଟକର ରସମୟ ରୂପ। ନଗର ଜୀବନ ନୁହେଁ, ପଲ୍ଲୀ ମାଟିର ଅଗଣିତ ଜନତା ହିଁ ଗଣ। ସେହିମାନଙ୍କ କଳା ବିନୋଦନ ଓ ଜୀବନଚର୍ଯ୍ୟା ହିଁ ଗଣନାଟ୍ୟର ପ୍ରାଣ। ପଲ୍ଲୀ ଜୀବନର ରସଚର୍ଯ୍ୟା ପାଇଁ ପାଣିକବି ଗଣନାଟ୍ୟକୁ ବାଛିନେଲେ ଏବଂ ନାଟ୍ୟ ବିନୋଦନ ମାଧ୍ୟମରେ ଗଣଜୀବନକୁ ଦେଲେ ଦିଗ୍‌ଦର୍ଶନ। ଆନୁଷ୍ଠାନିକ ପାଠପଢ଼ା ଥିଲା ପଞ୍ଚମ ଶ୍ରେଣୀ। କିନ୍ତୁ ଗଣବିଦ୍ୟାଳୟ ଥିଲା ତାଙ୍କର ଅସଲ ପଢ଼ାକ୍ଷେତ୍ର। ଗଣ ହିଁ ଥିଲେ ତାଙ୍କ ଶ୍ରୋତା, ଦର୍ଶକ ଓ ପ୍ରଶଂସକ। ଅଭିନୟ, ଓସ୍ତାତି, ଗୀତ ରଚନା, ନାଟ୍ୟ ରଚନା ଓ ସଙ୍ଗୀତ ସଂଯୋଜନା ଆଦି ନାଟ୍ୟକଳାର ପ୍ରତ୍ୟେକ କ୍ଷେତ୍ରରେ ଥିଲା ତାଙ୍କର ଅସାଧାରଣ ପାରଦର୍ଶିତା। ଏହି ସଫଳତା ସେ ପାଇଥିଲେ ଏକଲବ୍ୟ ପରି, ବିନା ଗୁରୁରେ ଜଣେ ମୌଳିକ ଯାତ୍ରାକାର ଭାବରେ।

ବୈଷ୍ଣବ ପାଣି ଥିଲେ ମୁଖ୍ୟତଃ କବି। କସରତିଆ କବି ନୁହନ୍ତି, ଆଶୁକବି। ପାଲା ଗାୟକ ଭାବରେ ସେ ଆରମ୍ଭ କରିଥିଲେ ତାଙ୍କ କଳାକାର ଜୀବନ। ତତ୍କାଳ ଗୀତ ସଂଯୋଜନା କରି ଗାଇବାକୁ ପଡୁଥିଲା ବରାଦ ଆସିବା ମାତ୍ରେ। ସେତେବେଳ ଓଡ଼ିଶାରେ ନୂଆ ନୂଆ ଚାଲିଥିଲା ରେଳଗାଡ଼ି। ବରାଦ ଆସିଲା (ଧାନମଣ୍ଡଳ ପାଖରେ) ରେଳଗାଡ଼ି ଉପରେ କବିତା ବୋଲିବା ପାଇଁ। କବି ଚାମର ବୁଲାଇ ତତ୍‌କ୍ଷଣାତ ଗାଇଲେ–''ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡି ଶୂନ୍ୟେ ଚଳାଇଛି ରେଳଗାଡ଼ି, ପବନ ହୁଁ ଖରେ ଯାଉଛି ଉଡ଼ି''। ଏହାର ଭାଷା ଥିଲା ସରଳ ଓ ସାବଲୀଳ। ବିଶେଷକରି ଏଥିରେ ଅଭ୍ୟାସଲବ୍ଧ କବିତ୍ୱ ଅପେକ୍ଷା ଅନୁଭୂତି ଲବ୍ଧ ଆବେଗ ଓ ସ୍ପନ୍ଦନର ସ୍ପର୍ଶ ବେଶି, ଯାହା ଶୁଣି ମୁଗ୍ଧ ଓ ସ୍ତବ୍ଧ ହୋଇଥିଲେ ଶ୍ରୋତା ମଣ୍ଡଳୀ। ପାଲା ଗାୟକ ଭାବରେ ରାମାୟଣ, ମହାଭାରତ, ଭାଗବତ ଓ ନୃସିଂହ ପୁରାଣ ଆଦି ଗ୍ରନ୍ଥ ଅଧ୍ୟୟନ କରି ସେଥିରୁ ସେ ଅନେକ ଉପାଖ୍ୟାନ ଗ୍ରହଣ କରିଛନ୍ତି ଏବଂ ତା'ର ନାନ୍ଦନିକ ନିର୍ଯାସକୁ ପ୍ରୟୋଗ କରିଛନ୍ତି ନାଟକୀୟ କଳା ପାଟବତାରେ।

ରାଧାନାଥ ଯୁଗର ପ୍ରଚଣ୍ଡ ମଧ୍ୟାହ୍ନରେ ବୈଷ୍ଣବ ପାଣିଙ୍କର ଆବିର୍ଭାବ। ଓଡ଼ିଆ କାବ୍ୟ ଧାରାରେ ପରିବର୍ତ୍ତନ ଆଣିଥିବା ରାଧାନାଥୀ କାବ୍ୟର ବୌଦ୍ଧିକ ରସକଦମ୍ବ ଶିକ୍ଷିତ ସମାଜର କାବ୍ୟତୃଷ୍ଣା ନିବାରଣ କରିଥିଲା ସତ, କିନ୍ତୁ ସେଥିରେ ନ ଥିଲା ଗ୍ରାମ୍ୟ ଜୀବନବୋଧର ଚିତ୍ର ଓ ଚଟୁଳ ରସିକତା। ପାଣିକବି ଏହି ଅଭାବକୁ ପୂରଣ କରି ଜିଣିଲେ ଗଣହୃଦୟ। ଜଣେ ଓସ୍ତାତି ଅଭିନେତା ଭାବରେ ଗୋବର୍ଦ୍ଧନ ନାୟକଙ୍କ ଯାତ୍ରାଦଳ ସହିତ ବାଦିଯାତ୍ରାରେ ପରାଜୟର ଗ୍ଲାନି ହିଁ ତାଙ୍କ ଭିତରେ ଭରିଥିଲା ନାଟକ ଲେଖିବାର ଦୁର୍ବାର ପ୍ରେରଣା। ନିଜ ଜନ୍ମସ୍ଥାନ କୋଠପଦା (ମାହାଙ୍ଗା) ନିକଟସ୍ଥ କଅଁରପୁର ଗ୍ରାମର ପ୍ରତିଷ୍ଠିତ ଦେବତା ବିନୋଦବିହାରୀଙ୍କ ଆଶୀର୍ବାଦରୁ ୨୨ ବର୍ଷ ବୟସରେ ସେ ରଚନା କଲେ (୧୯୦୩) ଜୀବନର ପ୍ରଥମ ଗୀତାଭିନୟ 'ମେଘନାଦ ବଧ'। ଏହାର କବିତ୍ୱରେ ରାଧାନାଥୀୟ ସାମ୍ରାଜ୍ୟ ନ ଥିଲା ସତ, ନାଟକୀୟ ଉତ୍କଣ୍ଠା ସାଙ୍ଗକୁ କାରୁଣ୍ୟର ମର୍ମସ୍ପର୍ଶୀ ସ୍ପନ୍ଦନ ତାଙ୍କ ଆଦ୍ୟ ସୃଷ୍ଟିକୁ ଦେଇଥିଲା ଏକ ଅବିଶ୍ୱସନୀୟ ସଫଳତା। ପରବର୍ତ୍ତୀ ରଚନା ଥିଲା 'ରଙ୍ଗସଭା' ଓ 'ବ୍ରଜଲୀଳା'। ସେତେବେଳ ଏଇ ସାମାନ୍ୟ ପୁଞ୍ଜିରେ ଗ୍ରାମେଗ୍ରାମେ ବଚ୍ଛୁରିତ ହୋଇପଡିଲା କବିଙ୍କ ଯଶ ଓ ଲୋକପ୍ରିୟତା। ଅଗଣିତ ଗଣଜୀବନର ସମର୍ଥନକୁ ପାଥେୟ କରି ସେ ଲେଖିଚାଲିଲେ ରଙ୍ଗସଭା, ମହୀରାବଣ ବଧ, ନଳ ଦମୟନ୍ତୀ, ଖୁଲଣା ସୁନ୍ଦରୀ, କୀଚକ ବଧ, ଦକ୍ଷଯଜ୍ଞ, କପଟପାଶା, ଶ୍ରୀୟା ଚାଣ୍ଡାଲୁଣୀ, ଭକ୍ତ ସୁଦାମା ଓ ବସନ୍ତ ରାସ ଆଦି ଶତାଧିକ ଗୀତିନାଟ୍ୟ। କେବଳ ଓଡ଼ିଶା ନୁହେଁ, ତାଙ୍କ ନାଟ୍ୟ ପରିବେଷଣ କଳା କଲିକତା ଓ ତା'ର ଆଖପାଖ ଅଞ୍ଚଳରେ ସୃଷ୍ଟିକଲା ଅପୂର୍ବ ଆଲୋଡ଼ନ ଓ ଉନ୍ମାଦନା। ଜଣେ ଆଲୋଚକଙ୍କ ମତରେ କଲିକତାର ନାଟ୍ୟପ୍ରେମୀଙ୍କ ନିକଟରେ ବୈଷ୍ଣବ ପାଣି ଥିଲେ କିମ୍ବଦନ୍ତୀ ପୁରୁଷ। ଗଣକବିଙ୍କୁ ଜଣାଥିଲା ଓଡ଼ିଆ ଭାଷାର କଳାକୁଶଳତା ବ୍ୟବହାରିକ ଚମତ୍କାରିତା ବଳରେ ଜନଅରଣ୍ୟକୁ ସମ୍ମୋହିତ କରି ରଖିବାର କଳା। କବିତାର ମର୍ମ ବୁଝନ୍ତୁ କି ନାହିଁ, ବଙ୍ଗୀୟ ଦର୍ଶକମଣ୍ଡଳୀକୁ ବାନ୍ଧି ରଖୁଥିଲା ତାଙ୍କ ଯମକ ଓ ଅନୁପ୍ରାସ ପ୍ରୟୋଗର ଚମତ୍କାରିତା ବା 'ଆଲୋ ବୁଲା ମା' ! କୁଲାଟାକୁ ଛାଡିଲୁକି, ଝୁଲାମାଳି ଆଣୁଆଣୁ ହୁଡିଲୁକି' ଭଳି କବିତାର ଯାଦୁକରୀ ଶକ୍ତି। ଅନ୍ୟପକ୍ଷରେ ସେତେବେଳେ ବଙ୍ଗଳା ଗୀତାଭିନୟ ଓ ଯାତ୍ରା ନାଟକକୁ ନକଲ କରି ସୁନାମ ଅର୍ଜନ କରିବାକୁ ପ୍ରୟାସ କରୁଥିଲେ କତିପୟ ଓଡ଼ିଆ ନାଟ୍ୟକାର। ଏଥିରେ ଭାଷାପ୍ରେମୀ ପାଣିକବି ଖୁବ୍ ମର୍ମାହତ ହୋଇଥିଲେ ଏବଂ ନକଲ ଓ ଅନୁକରଣ ପ୍ରିୟମାନଙ୍କୁ ବଙ୍ଗଳା ଅଇଣ୍ଠାଚଟା ବୋଲି ଆକ୍ଷେପ କରି 'ବିଦ୍ୟାସୁନ୍ଦର' ଗୀତିନାଟ୍ୟରେ ଅତି କ୍ଷୋଭର ସହିତ ଲେଖିଥିଲେ ''ଦେଶ ଦଶା ଦେଖି ଉଡ଼ି ଯାଉଅଛି ହଂସା,ଦିନକୁଦିନ ହୀନ ଭଜୁଛି ସାହିତ୍ୟ ଭାଷା''।



ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ହରିଜନ ପଦଯାତ୍ରା ଓ ଭାରତଛାଡ଼ ଆନ୍ଦୋଳନ–ଏକ ବିରାଟ ବିଶାଳ ସଂଘର୍ଷ, ବିପ୍ଲବ ଓ ସାଧନାମୟ ଅର୍ଦ୍ଧଶତାବ୍ଦୀର ପୃଷ୍ଠଭୂମି ଉପରେ ପରିପୁଷ୍ଟ ହୋଇଛି ଗଣକବିଙ୍କ ଜାତୀୟବାଦୀ ଭାବନା। ସେ କେବଳ ନାଟ୍ୟକାର ନୁହନ୍ତି, ବରଂ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅଗ୍ନିବର୍ଷୀ ବିପ୍ଳବୀ କବି। ଜଣେ ବୃହତ୍ତର କର୍ତ୍ତବ୍ୟବୋଧର ନିର୍ମାତା ତଥା ସାମାଜିକ ଦାୟବଦ୍ଧତାର ମାନ୍ତ୍ରିକ। ନିଶାସେବନ ଓ ଛୁଆଁ ଅଛୁଆଁ ଭଳି ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଓଡ଼ିଆଙ୍କ କୁଲିଗିରି ଓ ଗରିବଙ୍କ ଅସହାୟତା ସମ୍ପର୍କରେ ଉପସ୍ଥାପନ କରି ତତ୍କାଳୀନ ଓଡ଼ିଶାରେ ଆଣିଥିଲେ ସାଂସ୍କୃତିକ ଜାଗରଣ। କେବଳ ସାହିତ୍ୟରେ ନୁହେଁ, ବ୍ୟକ୍ତିଗତ ଜୀବନରେ ଜାତିପ୍ରଥାକୁ ଅସ୍ୱୀକାର କରି ରଜକିନୀ ହାରାମଣିକୁ ଦେଇଥିଲେ ପତ୍ନୀର ମର୍ଯ୍ୟାଦା।

ପରକୀୟା ନାରୀ କିପରି ଓ କାହିଁକି ଯେ ଶିଳ୍ପୀର ସୃଷ୍ଟି ଚେତନାକୁ ଅନୁପ୍ରେରିତ କରେ, ତାହା ଏକ ମନସ୍ତାତ୍ତ୍ୱିକ ଅନୁସନ୍ଧାନର ବିଷୟ। କିନ୍ତୁ ପରକୀୟା ଓ କବିତା, ଜୀବନ ଓ ଆବେଗ, ସ୍ପନ୍ଦନ ଓ ସଙ୍ଗୀତ – ଏହା ଥିଲା ପାଣିକବିଙ୍କ ଜୀବନର ଏକୀଭୂତ ସତ୍ତା। ପରକୀୟା ନାରୀ ସହିତ କବିର ସମ୍ପର୍କ ନୈତିକତା ମାପକାଠିରେ ଗ୍ରହଣୀୟ ନୁହେଁ ଏହା ସତ୍ୟ, ମାତ୍ର ରସ ସୃଷ୍ଟିରେ ସେ ସମ୍ପର୍କ ଯେପରି ନିଷ୍ପାପ, ସେପରି ବୈଚିତ୍ର୍ୟମୟ। ଶାରଦା ବେଶ୍ୟା ହୋଇପାରେ, ନୀଳା ହୋଇପାରେ ରୂପଜୀବ୍ୟା, ମାତ୍ର ପାଣିକବିଙ୍କ ଦୃଷ୍ଟିରେ ସେମାନେ ଅନନ୍ତ ଯୁଗର ଚିରନ୍ତନୀ କାବ୍ୟନାୟିକା। ସେମାନଙ୍କ ପ୍ରେରଣାରେ କବିଙ୍କ ଲେଖନୀରେ ଫୁଟିଛି କବିତାର ଶତଦଳ। କବି କୌଣସି କଥା ଲୋକଚକ୍ଷୁ ଅନ୍ତରାଳରେ ଲୁଚାଇ ରଖିବାକୁ ଚାହିଁ ନାହାନ୍ତି, ଯାହା ଫଳରେ ତାଙ୍କର ଜୀବନ କାବ୍ୟଠାରୁ ଆହୁରି ଶୁଦ୍ଧ। ପଙ୍କରୁ ପଙ୍କଜର ଜନ୍ମ ପରି ଜୀବନର ପାପ ପଙ୍କ ଭିତରୁ ସେ ଫୁଟେଇଛନ୍ତି ସାହିତ୍ୟର ଲାବଣ୍ୟମୟ ଓ ବାସ୍ନାଯୁକ୍ତ ପଙ୍କଜ।

ଅଶ୍ଳୀଳତା ଦୋଷଦୁଷ୍ଟ ଯାତ୍ରା ସାହିତ୍ୟ ପ୍ରତି ବୈଷ୍ଣବ ପାଣିଙ୍କ ନାଟ୍ୟ ରଚନା ଏକ ତୀବ୍ର ପ୍ରତିବାଦ। ତାଙ୍କ ଗୀତିନାଟ୍ୟରେ ରହିଛି ଭାଷାରେ ତାରଲ୍ୟ,ସାରଲ୍ୟ ଓ ପ୍ରାସଙ୍ଗିକତା ମଧ୍ୟରେ ଶୃଙ୍ଗାର ରସର ମାର୍ଜିତ ଓ ମନୋଜ୍ଞ ପରିବେଷଣ। ସଙ୍ଗୀତ ମାଧ୍ୟମରେ ଚଟୁଳ ହାସ୍ୟରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ଚମତ୍କାରିତା। କଳାକୁ ଜୀବନ ସହିତ ମିଶାଇ ଦେଇଥିବା ପାଣିକବି ଅଜସ୍ର ଭଜନ ଜଣାଣ ରଚନା କରି ଜଗନ୍ନାଥଙ୍କ ନିକଟରେ ନିବେଦନ କରିଛନ୍ତି ଜୀବନର ବ୍ୟଥା ଓ ବେଦନା।

ପାଣି ସାହିତ୍ୟ ଗଣଜୀବନର ବିଶ୍ୱକୋଷ। ସେ ନିଃସ୍ୱ ହୋଇ ମଧ୍ୟ ବିଶ୍ୱ ଜୀବନର ଶିଳ୍ପୀ। ଗଣ ହୃଦୟର ମୁକୁଟ ବିହୀନ ସମ୍ରାଟ। ତାଙ୍କର ମୃତ୍ୟୁକାଳ ଯେତିକି ଅତୀତ ହେଉଛି, ସେତିକି ଉଜ୍ଜ୍ୱଳିତ ହେଉଛି ତାଙ୍କ ସାହିତ୍ୟର କାଳଜୟୀ କଳା–ମୂଲ୍ୟ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁପଟ୍ଟନାୟକ ନଗର ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଅଧିକାରୀ ଓ ହିତାଧିକାରୀ



ଯଦୁମଣି ପାଣିଗ୍ରାହୀ

ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଲୋକଙ୍କ ହିତ ଲାଗି ସରକାର ଅନେକ ଯୋଜନା ପ୍ରଣୟନ କରିଥାନ୍ତି। ଏହି ଯୋଜନାଗୁଡ଼ିକ ମଧ୍ୟରୁ କେତେକ ପ୍ରାୟ ସବୁ ଲୋକଙ୍କର କାମରେ ଆସୁଥିବା ବେଳେ କେତେକ ଯୋଜନା ଛାତ୍ରୀଛାତ୍ର, କୃଷକ, ଶ୍ରମିକ, ବୃଦ୍ଧାବୃଦ୍ଧ, ଆର୍ଥିକ ଅନଗ୍ରସର, ମହିଳା, ଶିଶୁ ଓ ଭିନ୍ନକ୍ଷମ ଆଦିଙ୍କ ଉପକାରରେ ଆସିଥାଏ। ସରକାର ଏମାନଙ୍କ ଆର୍ଥିକ ଅବସ୍ଥାର ପରିବର୍ତ୍ତନ କରିବା ଲାଗି କଲ୍ୟାଣକାରୀ ଯୋଜନା ମାନ ପ୍ରଣୟନ କରାଇଥାନ୍ତି। ଏହିସବୁ ଯୋଜନା ଲୋକଙ୍କର ହିତରେ ଆସୁଥିବାରୁ ଏମାନେ ହେଲେ ହିତାଧିକାରୀ ବା ଲାଭାର୍ଥୀ। ସେହିପରି ସରକାରୀ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଇବାର ଦାୟିତ୍ୱ ଯେଉଁମାନଙ୍କ ହାତରେ ରହିଥାଏ ସେମାନେ ହେଉଛନ୍ତି ଅଧିକାରୀ। ଏମାନେ ହିତାଧିକାରୀଙ୍କୁ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେବା ସହିତ ଆବଶ୍ୟକ ସ୍ଥଳେ ସଚେତନତା ସୃଷ୍ଟି କରାଇବେ, ଆବେଦନ କରିବାର ବାଟ ବତାଇ ଦେବେ, ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରିବେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ଯେଭଳି ଯୋଜନାର ସୁଫଳ ପ୍ରାପ୍ତ ହେବେ ସେଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଅଧିକାରୀମାନେ ଏହିସବୁ କାର୍ଯ୍ୟ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହିତ ଏବଂ ସରକାରୀ ନୀତିନିୟମ ଆଧାରରେ ସମ୍ପାଦନ କରିବେ। ଏଥିରେ କୌଣସି ପାତରଅନ୍ତର ଅବା ପ୍ରିୟାପ୍ରୀତି ତୋଷଣ ନୀତି ଅନୁସରଣ କରିପାରିବେ ନାହିଁ କିମ୍ବା ହିତାଧିକାରୀଙ୍କଠାରୁ ଏଥିନେଇ କୌଣସି ଉତ୍କୋଚ ଦାବି କରିପାରିବେ ନାହିଁ। ଯାହାଦ୍ୱାରା ଯୋଗ୍ୟ ହିତାଧିକାରୀଟିଏ ଯେକୌଣସି ସରକାରୀ ଯୋଜନାରେ ସାମିଲ ହେବାର ସୁଯୋଗ ଲାଭ କରିପାରିବ ଏବଂ ଏଥିରୁ ଉପକୃତ ହୋଇପାରିବ। ଏଭଳି ହୋଇପାରିଲେ ସରକାରୀ ଯୋଜନାରୁ କେହିଜଣେ ବି ହିତାଧିକାରୀ ବଞ୍ଚିତ ହେବେ ନାହିଁ ଆଉ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ କୌଣସି ପ୍ରଶ୍ନବାଚୀ ଦେଖାଦେବ ନାହିଁ। ସମାଜର ସବୁ ବର୍ଗର ଲୋକେ ଉପକୃତ ହେଲେ ଶାସକ ଓ ଶାସନକୁ ନେଇ କେହି ଆପତ୍ତି ଉଠାଇବେ ନାହିଁ। ତେବେ ବଡ଼କଥା ହେଉଛି ସରକାରୀ ଯୋଜନାଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ନେଇ ଉଭୟ ଅଧିକାରୀ ଓ ହିତାଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ସାଧୁତା ଓ ନିରପେକ୍ଷ ବିଚାରଧାରା ଯେକୌଣସି ଯୋଜନାର ସଫଳ ରୂପାୟନର ମାର୍ଗ ପ୍ରସ୍ତୁତ କରିଥାଏ। କାରଣ, କୌଣସି ଯୋଜନାରେ ସାମିଲ ହେବା ଲକ୍ଷ୍ୟରେ ହିତାଧିକାରୀଟି ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିବା ଯେତିକି ସାମାଜିକ ମୂଲ୍ୟବୋଧ ବହନ କରିଥାଏ, ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ଅଧିକାରୀଙ୍କ ନିଷ୍ଠା ଓ କାର୍ଯ୍ୟଦକ୍ଷତା ସାଧାରଣରେ ସେତିକି ଗୁରୁତ୍ୱ ବହନ କରିଥାଏ। ଏ କ୍ଷେତ୍ରରେ ଉଭୟ ସ୍ୱଚ୍ଛତାର ପଥ ଅନୁସରଣ କରିପାରିଲେ ଜଣେ ହେଲେ କେହି ଅଯୋଗ୍ୟ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ପାଇ ପାରନ୍ତା ନାହିଁ କି କେହି ଜଣେ ହେଲେ ବି ଏଥିରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୁଅନ୍ତା ନାହିଁ।



ଦେଶ ସ୍ୱାଧୀନତାଠାରୁ ଏକାଧିକ ସରକାର ଦେଶ/ରାଜ୍ୟକୁ ଶାସନ କଲେଣି। ସେମାନଙ୍କ ଶାସନ କାଳରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଶେଷକରି ସମାଜରେ ଗରିବ ଓ ଅବହେଳିତ ବର୍ଗଙ୍କ ଲାଗି ପ୍ରଣୀତ ଯୋଜନାରୁ ହିତାଧିକାରୀମାନେ ଆଂଶିକ ଭାବେ ଉପକୃତ ହୋଇଥିବା ବେଳେ ଅଧିକାଂଶ ଯୋଜନାରୁ ସେମାନଙ୍କୁ କୌଣସି ସୁଫଳ ମିଳିପାରିନି। ଯେଉଁ ଉଦ୍ଦେଶ୍ୟ ନେଇ ସରକାର ଯୋଜନା ପ୍ରଣୟନ କରିଥାଆନ୍ତି ତାହା ଫଳପ୍ରସୂ ନ ହୋଇପାରିଲେ ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ। ଉଦାହରଣସ୍ୱରୂପ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେତେ ଅର୍ଥ ବ୍ୟୟ କରିଆସୁଛନ୍ତି ତାହାଦ୍ୱାରା ଆଜିଯାଏ ଦାରିଦ୍ର୍ୟ ଦୂର ହୋଇ ପାରିନାହିଁ। ଆଜି ବି କିଛି କିଛି ନୂଆ ଯୋଜନା ପ୍ରଣୟନ କରାଯାଉଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ, ପାଠ୍ୟପୁସ୍ତକ ଓ ଆର୍ଥିକ ପ୍ରୋତ୍ସାହନ, ଆବାସ ଯୋଜନାରେ ପକ୍କାଗୃହ ଯୋଗାଇବା, ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାଶନ ପ୍ରଦାନ, ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା, କୃଷକଙ୍କୁ ଆର୍ଥିକ ପ୍ରୋତ୍ସାହନ, ଆତ୍ମନିର୍ଭରଶୀଳ ହେବାକୁ ବେକାର ଯୁବକ ଓ ମହିଳାଙ୍କୁ କମ୍ ସୁଧ ହାରରେ ଦୀର୍ଘମିଆଦୀ ଋଣ ଯୋଗାଇବା ସର୍ବୋପରି ରୋଗୀର ଚିକିତ୍ସା ଲାଗି ସହାୟତା ଆଦି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଏହାବ୍ୟତୀତ ସାମଗ୍ରିକ ଭାବେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଓ ପାନୀୟ ଜଳ ଯୋଗାଣ ଓ ଗମନାଗମନର ସୁବ୍ୟବସ୍ଥା କରାଯିବାକୁ ଅନେକ ଯୋଜନା ପ୍ରଣୟନ କରାଯାଇଛି। ହେଲେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ଆଜି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଦୁଃଖକଷ୍ଟ ଭୋଗ କରୁଛନ୍ତି। ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ମିଳିପାରୁନି। ଏ କ୍ଷେତ୍ରରେ ଅବଶ୍ୟ ସରକାରଙ୍କର କିଛି ଦୋଷ ଦୁର୍ବଳତା ରହିଛି। ତେବେ ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପାଇଁ ଅନେକ ମାତ୍ରାରେ ଦାୟୀ। ସେମାନଙ୍କ ଅବହେଳା ଓ ଦାୟିତ୍ୱହୀନତାରୁ ସରକାରୀ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି। ସେସବୁ ଅଞ୍ଚଳରେ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ନିବିଡ଼ତା ବଦଳରେ ଦୂରତା ବଢିବାରେ ଲାଗିଛି।

ଅନ୍ୟପକ୍ଷେ ଅଧିକାରୀମାନେ ସେମାନଙ୍କ ଚାକିରି ବଞ୍ଚାଇବା ଲକ୍ଷ୍ୟରେ ସରକାରୀ କାର୍ଯ୍ୟକୁ କେବଳ ବିଧିରକ୍ଷା ଭିତରେ ସୀମିତ ରଖୁଥିବା ବେଳେ ଯୋଜନାର ସଫଳ ରୂପାୟନ ନେଇ ସେମାନେ ଆଦୌ ବିବ୍ରତ ହୁଅନ୍ତି ନାହିଁ। ରାଜନୈତିକ ଚାପରେ ପଡ଼ି ଅଧିକାରୀମାନେ ନିଷ୍ପତ୍ତି ଗ୍ରହଣ କରୁଥିବାରୁ ପ୍ରକୃତ ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବାଦ ପଡୁଥିବା ବେଳେ ଅଯୋଗ୍ୟମାନେ ଯୋଜନାରୁ ଲାଭ ଉଠାଉଛନ୍ତି। ଏପରି କ୍ଷେତ୍ରରେ ଅଧିକାରୀମାନେ ସେମାନଙ୍କ ମନୋଭାବର ପରିବର୍ତ୍ତନ କରିବା ସହିତ ହିତାଧିକାରୀଙ୍କ ହିତରେ ଆପଣାର ବିବେକାନୁମୋଦିତ କାର୍ଯ୍ୟ ଜାରି ରଖିପାରିଲେ ହିତାଧିକାରୀମାନେ ଯୋଜନାରୁ ବହୁଳ ମାତ୍ରାରେ ଉପକୃତ ହୋଇପାରନ୍ତେ।

**ଶଙ୍ଖଡ଼ା, ତିହିଡ଼ି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

## ଏଇ ଭାରତରେ

ସୁନାର ଦାମ୍ ଏବେ ଯେଉଁଭଳି ବଢ଼ିଚାଲିଛି ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏଭଳି ଏକ ସମୟରେ ମ୍ୟାଗି ପ୍ୟାକେଟ୍ ବଦଳରେ ସୁନା ମୁଦିଟିଏ ଦେବା କଥା କେହି କେବେ ଚିନ୍ତା ବି କରିପାରିବେ ନାହିଁ। ହେଲେ ଏମିତି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶ କାନପୁରର ଶାସ୍ତ୍ରୀ ନଗରରେ। ଏଠାରେ ୧୩ ବର୍ଷର ବାଳକଟିଏ ମ୍ୟାଗି ଖାଇବ ବୋଲି ଘରୁ ସୁନା ମୁଦି ନେଇ ବିକ୍ରି କରିବାକୁ ଯାଇଥିଲା। ଗୋଟିଏ ମ୍ୟାଗି ପ୍ୟାକେଟର ଦାମ୍ ତୁଳନାରେ ସୁନା ମୁଦିର ଦାମ୍ ଯେ କେତେ ଗୁଣ ଅଧିକ ସେ ନେଇ ପିଲାଟିର ଆଦୌ ଧାରଣା ନ ଥିଲା। ନିଜର ପ୍ରିୟ ଖାଦ୍ୟ ଖାଇବା ତୁଳନାରେ ପିଲାଙ୍କ ପାଇଁ ସୁନା, ରୁପା କି ଅନ୍ୟ କୌଣସି ଦାମୀ ଜିନିଷର କିଛି ମୂଲ୍ୟ ନ ଥାଏ। ସେଥିପାଇଁ ତ ମ୍ୟାଗି ପ୍ୟାକେଟ କିଣିବା ପାଇଁ ସେ ଏଭଳି କାମ କରିବାକୁ ଆଦୌ ସଙ୍କୋଚ କରି ନ ଥିଲା। ଶାସ୍ତ୍ରୀନଗରର ସରାଫା ବଜାରରେ ସେ ଦୋକାନୀ ମାଲିକ ପୁଷ୍ପେନ୍ଦ୍ର ଜୟସ୍ୱାଲଙ୍କୁ ମୁଦି ଦେଇ ମ୍ୟାଗି ନିମନ୍ତେ ପଇସା ମାଗିଥିଲା। ଦୋକାନୀ ମୁଦିଟି ସୁନା କି ନାହିଁ ଯାଞ୍ଚ କରିଥିଲେ। ମୁଦିଟି ସୁନାର ବୋଲି ଜଣିବା ପରେ ଦୋକାନୀ ବାଳକକୁ କିଛି ପଇସା ଦେଇ ତାଙ୍କ ଘର ଲୋକଙ୍କୁ ଡକାଇ ମୁଦି ଫେରାଇ ଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୬ ଅକ୍ଟୋବର ୧୯୭୬

- ରେଲ୍‌ୱେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ୬୬୫ ନିୟୁତ ଟଙ୍କାର ବ୍ୟୟ ବ୍ୟବସ୍ଥା।
- ଧାନବାଦଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ସୁଦାମଡିଲ କୋଇଲା ଖଣିରେ ବିସ୍ଫୋରଣ ଘଟି ୩୬ ଜଣ ନିହତ।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାରର ବିକଳ୍ପ ବ୍ୟବସ୍ଥା କରାଯାଉ

ମହାଶୟ,
ଚାଷୀମାନଙ୍କୁ ଠିକ୍ ସମୟରେ ସାର ଯୋଗାଇ ଦେବା ସରକାରଙ୍କ କାମ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କେଉଁ ଅଞ୍ଚଳରେ କେତେ ସାର ଦରକାର, ସରକାର ତାହା ନିର୍ଦ୍ଧାରଣ କରି ଡିଲରମାନଙ୍କ ପାଖରେ ପହଞ୍ଚାଇ ଦେବା ଉଚିତ୍। ଡିଲରଙ୍କ ପାଖରେ ଯଦି ସାର ନାହିଁ, କଳାବଜାରକାରୀଙ୍କ ପାଖକୁ କେମିତି ଆସୁଛି। ସରକାର ମୁକ୍ତକଣ୍ଠରେ କହୁଛନ୍ତି ପ୍ରଚୁର ସାର ମହଜୁଦ ରହିଛି। ତେବେ ଚାଷୀଙ୍କୁ ଯୋଗାଇ ଦିଆଯାଉନି କାହିଁକି? ଚାଷ କରିବାକୁ ସରକାର ଯେଉଁ ଅର୍ଥ ଯୋଗାଇ ଦେଉଛନ୍ତି, ତାହା କ'ଣ ଏହି କଳାବଜାରରୁ ସାର କିଣିବାକୁ ଦେଉଛନ୍ତି। ଠିକ୍ ସମୟରେ ଯଦି ଚାଷୀଙ୍କୁ ସାର ଯୋଗାଇ ଦିଆ ନ ଯାଉଛି ତେବେ ସରକାର ଦାୟୀ। ଯେଉଁ ଡିଲରମାନେ ସାର ମହଜୁଦ ରଖି କଳାବଜାରରେ ବିକୁଛନ୍ତି, ସେମାନଙ୍କର ଡିଲରଶିପ୍ ବ୍ୟାନ କରାଯାଉ ଓ ଯୋଗାଣ ଅଫିସରଙ୍କୁ ତାଗିଦ କରାଯାଉ। ଶୀଘ୍ର ସରକାର ଏଥିପାଇଁ କିଛି ବିକଳ୍ପ ବ୍ୟବସ୍ଥା କରନ୍ତୁ।

**–ଅକ୍ଷୟ ମହାନ୍ତି, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଶହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ଅବସରରେ ରବିବାର ବିଧାନସଭା ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ବାବୁ ସିଂ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ।

# ଛିଡ଼ା ହୋଇଥିବା ଟ୍ରକ୍ ସହ ପିଟି ହୋଇ ୨ ବାଇକ୍ ଆରୋହୀ ମୃତ

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ପାଣ୍ଡ୍ରିପାଣି,୫।୧୦
(ରାମମୂର୍ତ୍ତି କିର୍ସାନୀ)

ମାଲକାନଗିରି ବ୍ଲକ୍ କଟାମେଟା ଗ୍ରାମ ନିକଟ ୩୨୬ନଂ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଗୋଟିଏ ଟ୍ରକ୍‌କୁ ୨ଟି ବାଇକ୍ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମାଲକାନଗିରି ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତ କଙ୍କଡି ଗ୍ରାମର ସୁକୁ ଖିଲ ଓ ଭୀମ ଖିଲ । ଦୁର୍ଘଟଣାରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ପରିବାର ବର୍ଗ ରବିବାର ସକାଳ ୬ରୁ ୧୦ଟା ପର୍ଯ୍ୟନ୍ତ ୩୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ୪ଘଣ୍ଟା ଧରି ଜାତୀୟ ରାଜପଥ ବନ୍ଦ ଯୋଗୁ ବହୁ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ମାଲକାନଗିରି ଏସ୍‌ଡିପିଓ ଦିବ୍ୟରଞ୍ଜନ ଦଳେଇ, ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ମାଥିଲି ତହସିଲଦାର ମାନସୀ ଭୋଇ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଶନିବାର ସକାଳେ ଦୁଇଜଣ ବ୍ୟକ୍ତି ବାଇକ ଯୋଗେ ଜୟପୁର ଅଭିମୁଖେ ଯାଉଥିବା ସମୟରେ କଟାମେଟା ଗ୍ରାମ ନିକଟରେ ଗତ ୨ ଦିନ ହେଲା ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



ପରବର୍ତ୍ତୀ ସମୟରେ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଆହତ ଯୁବକ ଦ୍ୱୟଙ୍କ ପରିଚୟ ମିଳି ପାରିନାହିଁ। ସେହିପରି ଶନିବାର ରାତିରେ ସିନ୍ଧ୍ରିମାଳ ପଞ୍ଚାୟତର ସୁକୁ ଓ ଭୀମ ବାଇକ୍ ଯୋଗେ ଗୋବିନ୍ଦପାଲ୍ଲୀରେ ହେଉଥିବା ସପ୍ତଧାରା ଯାତ୍ରା ଦେଖିବାକୁ ଯାଉଥିବା ସମୟରେ ଉକ୍ତ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ମାଲକାନଗିରି ଥାନା ଅଧିକାରୀ କିଣ୍ଡୋ ସୂଚନା ଦେଇଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ

ନୂଆପଡା,୫।୧୦(ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୋମବାର ଦିନିକିଆ ନୂଆପଡା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପ୍ରସ୍ତୁତି ବୃତାନ୍ତ ହୋଇ ସାରିଛି। ଶାନ୍ତି ଶୃଙ୍ଖଳା ବଜାର ରଖିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ହୋଇ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଉଡ଼ାଜାହାଜରେ ଆସି ଖରିଆରରୋଡ ଗୋଟମାସ୍ଥିତ ଉଡାଜାହାଜ ପଡିଆରେ ଅବତରଣ କରି ସଡ଼କ ପଥରେ ନୂଆପଡ଼ା ଆସି ମିନି ଷ୍ଟାଡିୟମଠାରେ ଆୟୋଜିତ ସଭାରେ ସାମିଲ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହିତ ନିର୍ବାଚିତ ଜନ ପ୍ରତିନିଧି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମଧ୍ୟରୁ ୨ ଦଳର ପ୍ରାର୍ଥୀ ଏକ ପ୍ରକାର ସ୍ପଷ୍ଟ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଭାଜପାର ପ୍ରାର୍ଥୀ ଘୋଷଣା କରିବେ କି ବୋଲି ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ନୂଆପଡ଼ା ଜିଲାବାସୀଙ୍କୁ ସଭାରେ ଉଦ୍‌ବୋଧନ ଦେଇ ପୁଣି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

# ଖସିଯିବ ୩୫୦କୋଟି

## ଡିସେମ୍ବର ୩୧ କଣ୍ଟ

ଭୁବନେଶ୍ୱର,୫।୧୦
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ହାତରେ ଆଉ ମାତ୍ର ୮୬ଦିନ ରହିଛି। ଯଦି ଡିସେମ୍ବର ୩୧ ସୁଦ୍ଧା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍‌ଏସ୍)ଅର୍ଥ ଅର୍ଥମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ଖର୍ଚ୍ଚ ହେବା ସହିତ ହିସାବ ଦିଆଯାଏ, ତେବେ ଓଡ଼ିଶା ୩୫୦କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ହେବ। ଅନ୍ୟଥା ଏହି କେନ୍ଦ୍ରୀୟ ପ୍ରୋତ୍ସାହନ ଅର୍ଥ ରାଜ୍ୟକୁ ମିଳିବ ନାହିଁ ବୋଲି ଶନିବାର ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ) ଏବଂ ସ୍ୱର୍ଣ୍ଣ ସମୀକ୍ଷା ବୈଠକରୁ ଜଣାଯାଇଛି।

ଅର୍ଥ ବିଭାଗର ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁସାରେ ରାଜ୍ୟ ସରକାରଙ୍କ ୨୨ବିଭାଗ ଏସ୍‌ଏନ୍‌ଏ ଆକାଉଣ୍ଟ ଖାତା ସ୍ୱର୍ଣ୍ଣ ମାଧ୍ୟମରେ ଖୋଲି ସାରିଥିବାବେଳେ ଅବଶିଷ୍ଟ ବିଭାଗର ପ୍ରାୟ ୨୫ଟି ବ୍ୟାଙ୍କ ଖାତା ଖୋଲିବା ଦିଗରେ ତତ୍ପରତା ଦେଖାଇ ନାହାନ୍ତି। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାର ୬ହଜାର କୋଟି ଟଙ୍କା ପାଇବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ଏହି ରାଶି ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ସର୍ତ୍ତାବଳୀ ରହିଛି। ଯଦି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଉକ୍ତ ରାଶି ପାଇପାରିବେ ତେବେ ପ୍ରୋତ୍ସାହନ ବାବଦକୁ ଅଧିକ ୩୫୦ କୋଟି ଟଙ୍କା ମିଳିବ। ହେଲେ ସେପ୍ଟେମ୍ବର ସୁଦ୍ଧା ଯେଉଁ ତଥ୍ୟ ଆସିଛି ରାଜ୍ୟ ପ୍ରୋତ୍ସାହନ ରାଶି ପାଇବାଠାରୁ ବହୁ ଦୂରରେ ରହିଛି। କେବଳ କେତେକ ବିଭାଗ ସିଙ୍ଗଲ ନୋଡାଲ ଏଜେନ୍ସୀ ଆକାଉଣ୍ଟ ଖୋଲିବାରେ ସମର୍ଥ ହୋଇଥିଲେ ମଧ୍ୟ ଏହା ଯେପରି ଭାବେ ସ୍ୱର୍ଣ୍ଣ ପଦ୍ଧତି ଦେଇ ଖର୍ଚ୍ଚ ହେବାର ଆବଶ୍ୟକତା ରହିଛି ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସମୀକ୍ଷାରୁ ଜଣାଯାଇଛି।

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ୨୫ଟି ଏସ୍‌ଏନ୍‌ଏ-ସ୍ୱର୍ଣ୍ଣ ରାଜ୍ୟ ଅନୁଦାନ ପ୍ରସ୍ତୁତ ହୋଇପାରିନାହିଁ। ସେଥିମଧ୍ୟରେ କୃଷି ବିଭାଗର କୃଷି ଉନ୍ନତି ଯୋଜନା ରହିଥିବାବେଳେ ସମବାୟ ବିଭାଗର ପାକ୍ସର ଡିଜିଟାଇଜେସନ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରାଣୀସମ୍ପଦ ବିଭାଗ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୋଜନା, ଜଙ୍ଗଲ ଓ ପରିବେଶ ବିଭାଗର ୩ଟି, ନଗର ଉନ୍ନୟନ ବିଭାଗର ୩ଟି, ସ୍ୱାସ୍ଥ୍ୟବିଭାଗର ଜାତୀୟ ଆୟୁଷ ମିଶନ, ଗୃହ ବିଭାଗର ନ୍ୟାୟିକ ଭିତ୍ତିଭୂମି ବ୍ୟବସ୍ଥା ଭଳି ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ମିଶାଇ ୨୭ଟି ଯୋଜନା ରହିଛି। ସେହିପରି ୧୭ଟି ଯୋଜନାରେ ଏପର୍ଯ୍ୟନ୍ତ ଦାବି ହୋଇ ନ ଥିବାବେଳେ ୧୮ଟି ଯୋଜନାରେ ଖାତା(ଏସ୍‌ଜି) ଖୋଲାଯାଇନାହିଁ। ଅନ୍ୟପକ୍ଷରେ ପ୍ରୋତ୍ସାହନ ରାଶି ପାଇବାକୁ ହେଲେ ୫ଟି ସର୍ତ୍ତାବଳୀ ପୂରଣ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାର ୨୦୨୫ ଜୁନ୍ ମଧ୍ୟରେ ସମସ୍ତ ସିଏସ୍‌ଏସ୍ ପାଣ୍ଠିକୁ ସ୍ୱର୍ଣ୍ଣ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ସହବନ୍ଧିତ ହେବା ଉଚିତ। ଯେତେବେଳେ ରାଜ୍ୟ ସରକାରଙ୍କ ଅଂଶଧନ(ଏସ୍‌ଏଲ୍‌ଏସ୍) ଓ କେନ୍ଦ୍ର ସରକାରଙ୍କ ଅଂଶଧନ(ସିଏସ୍‌ଏସ୍) ସ୍ୱର୍ଣ୍ଣ ମାଧ୍ୟମରେ ଅତି କମ୍‌ରେ ଗୋଟିଏ ପେମେଣ୍ଟ କରିବାକୁ ହେବ। ଉକ୍ତ ଦେୟ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହେବା ଆବଶ୍ୟକ। ଏହାସହିତ ସମ୍ପୃକ୍ତ ରାଜ୍ୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏବଂ ଏନ୍‌ପିସିଆଇ ସହ ଆଧାର ଲିଙ୍କ୍ ହୋଇଥିବା ଆବଶ୍ୟକ।

ସେହିପରି ଅର୍ଥ ମନ୍ତ୍ରଣାଳୟ ୨୦୨୩ ଜୁଲାଇ ୧୩ ନିର୍ଦ୍ଦେଶନାମା ଅନୁସାରେ, ରାଜ୍ୟ ସରକାର ନିଜର ଇଣ୍ଟିଗ୍ରେଟେଡ୍ ଫାଇନାନ୍‌ସିଆଲ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଇନ୍‌ଫରମେଶନ ସିଷ୍ଟମ (ଆଇଏଫ୍‌ଏମ୍‌ଆଇଏସ୍)ରେ ଏକ ରାଜକୋଷ ଏବଂ ଇ-ଅଭିଯୋଗ, ଇ-ଭାଉଚର ମଡ୍ୟୁଲ ପ୍ରସ୍ତୁତ କରିବାକୁ ପଡ଼ିବ; ଯାହା ମାଧ୍ୟମରେ ସମସ୍ତ ପ୍ରକାର ଆର୍ଥିକ ନେଣଦେଣ ଏବଂ ଇ-ଅଭିଯୋଗ ହୋଇପାରୁଥିବ। ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ରାଜ୍ୟ ସରକାର ୨୦୨୫ ଡିସେମ୍ବର ୩୧ରେ ତାଙ୍କର ପ୍ରୋତ୍ସାହନ ରାଶି ପାଇବାକୁ ଦାବି କରିପାରିବେ।

# ଅନାସ୍ଥାରେ ପଦ ହରାଇଲେ ରାଇକିଆ ବ୍ଲକ ଅଧ୍ୟକ୍ଷ

ରାଇକିଆ,୫।୧୦
(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ ତାଙ୍କ ପଦବୀ ହରାଇଛନ୍ତି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏହା ଉପରେ ଗତ ୨୬ ତାରିଖରେ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ର ଧାରା ୪୬- ବି ପ୍ରକାରେ ହୋଇଥିବା ସ୍ୱତନ୍ତ୍ର ବୈଠକରେ ଅନୁଷ୍ଠିତ ଭୋଟରେ ଫଳାଫଳ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଯାଇଥିଲା। ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ସମର୍ଥନ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୋଟିଂରେ ୧୨ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମୋଟ ୨୪ ଜଣଙ୍କ ମଧ୍ୟରୁ ୨୨ ଜଣ ଉପସ୍ଥିତ ଥିଲେ। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମଧ୍ୟ ଯୋଗ ଦେଇ ଭୋଟ ଦେଇଥିଲେ। ଏପରି ମୋଟ ୨୩ଜଣ ମତଦାନ କରିଥିଲେ। ଫଳାଫଳ ପ୍ରୀତମଙ୍କ ବିପକ୍ଷରେ ଯାଇଥିଲା। ଜିଲାପାଳଙ୍କ ଆଦେଶ ପତ୍ର ସଂଖ୍ୟା ୧୪୨୫/୨୦୨୫ ମାଧ୍ୟମରେ ଶନିବାର ତାଙ୍କୁ ପଦଚ୍ୟୁତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଅଧ୍ୟକ୍ଷଙ୍କ ସମସ୍ତ ଦାୟିତ୍ୱ ଉପାଧ୍ୟକ୍ଷ ରିନା ପ୍ରଧାନଙ୍କୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ରହିଛି।

# ଭୁବନେଶ୍ୱର ଆସି ଫସିଲେ ହରିୟାଣାର ଦୁଇ ଠକ

## କମିଶନ ଅଧ୍ୟକ୍ଷଙ୍କ ପରିଚୟ ଦେଇ ବଡ଼ ଠକେଇ ଯୋଜନା


ଗିରଫ ଅଭିଯୁକ୍ତ ମନିନ୍ଦର, ରିଙ୍କୁ।

ଭୁବନେଶ୍ୱର,୫।୧୦(ସତ୍ୟଜିତ ରାଉତ)

ଠକେଇ କରିବାକୁ ଆପଣାଇଥିଲେ ନୂଆ ଯୋଜନା। କେନ୍ଦ୍ର ସରକାରଙ୍କ ସୋସିଆଲ ଜଷ୍ଟିସ୍ ଆଣ୍ଡ ୱିମେନ ଏମ୍ପାୱାରମେଣ୍ଟ କମିଶନ ନାଁରେ ବଡ଼ ଠକେଇ ପାଇଁ ଜାଲ ବିଛାଇଥିଲେ। କମିଶନ ଅଧ୍ୟକ୍ଷ ପରିଚୟ ଦେଇ ପ୍ରୋଟୋକଲ ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ସମେତ ପୋଲିସ ଓ ବିଭିନ୍ନ ବିଭାଗକୁ ଫେକ୍ ମେଲ୍ ବି ପଠାଇଥିଲେ। ଉଦ୍ଦେଶ୍ୟ ଥିଲା ସରକାରୀ ପୋଟୋକଲ୍‌ରେ ଆସି ବଡ଼ ଠକେଇ କରିଥାନ୍ତେ। ତେବେ ଭୁବନେଶ୍ୱର ଆସିଥିବାବେଳେ କମିଶନରେଟ୍ ପୋଲିସ ହାତରେ ଧରାପଡିଗଲେ ହରିଆଣାର ଦୁଇ ଠକ। ମୈତ୍ରୀ ବିହାର ଥାନା ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା କର୍ନଲ ଜିଲାର ଚୌଧୁରୀ ରିଙ୍କୁ ସାଇନି (୩୬) ଓ ସୋନିପତ୍ ଜିଲାର ମନିନ୍ଦର ସିଂହ (୩୯)। ରିଙ୍କୁ ନିଜକୁ ସୋସିଆଲ ଜଷ୍ଟିସ୍ ଆଣ୍ଡ ୱମେନ ଏମ୍ପାୱାରମେଣ୍ଟ କମିଶନ ଅଧ୍ୟକ୍ଷ ଓ ମନିନ୍ଦର ତାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ବୋଲି ପରିଚୟ ଦେଇଥିଲେ। ରବିବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଏନେଇ ଏକ ମାମଲା (ନଂ.୪୦୪/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟଙ୍କ ଜାଲରେ କିଛି ଲୋକ ଠକାମୀର ଶିକାର ହୋଇଥିବା ପୋଲିସ ସନ୍ଦେହ କରୁଛି। ଯଦି କେହି ଅଭିଯୁକ୍ତଦ୍ୱୟଙ୍କ ଦ୍ୱାରା ଠକାମୀର ଶିକାର ହୋଇଥାନ୍ତି, ତେବେ ସେମାନେ ନିକଟସ୍ଥ ଥାନା କିମ୍ବା ମୈତ୍ରୀ ବିହାର ଥାନା ଅଧିକାରୀଙ୍କ ମୋବାଇଲ ନମ୍ବର (୯୪୩୭୧୨୩୪୯୬)କୁ କଲ୍ କରି ଜଣାଇବାକୁ କୁହାଯାଇଛି।

- ସରକାରୀ ପ୍ରୋଟୋକଲ ଯୋଗାଇଦେବାକୁ ମେଲ୍ ପଠାଇଥିଲେ
- ଠକେଇର ଶିକାର ହୋଇଥିଲେ ଥାନାରେ ଜଣାଅ: ଡିସିପି

ଚୌଧୁରୀ ରିଙ୍କୁ ସାଇନଙ୍କ ଗସ୍ତ ନେଇ ଗୁରୁବାର ଏକ ଫେକ୍ ମେଲ୍ ଆସିଥିଲା। ଫେକ୍ ଲେଟର ପ୍ୟାଡ୍ ବ୍ୟବହାର କରାଯାଇ ଓଡ଼ିଶା ସରକାର, ମୁଖ୍ୟ ଶାସନ ସଚିବ, ପୋଲିସ କମିଶନର, ଭୁବନେଶ୍ୱର ଏୟାରପୋର୍ଟ, ପୋଲିସ ଡିଜି, ଜିଲାପାଳ ଆଦିଙ୍କୁ ଏହି ମେଲ୍ ପଠାଯାଇଥିଲା। ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି କମିଶନଙ୍କ ଅଧ୍ୟକ୍ଷ ରିଙ୍କୁଙ୍କୁ ପ୍ରୋଟୋକଲ୍ ସୁବିଧା ଯୋଗାଇଦେବାକୁ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି ମେଲ୍‌ରେ ଏକାଧିକ ତ୍ରୁଟି ଥିବାରୁ ପୋଲିସ ସନ୍ଦେହ କରିଥିଲା। ଫେକ୍ ମେଲ୍ ଅନୁଯାୟୀ, ଅକ୍ଟୋବର ୩ରେ ରିଙ୍କୁଙ୍କ ଗସ୍ତ ବିବରଣୀ ଥିଲା। ଶୁକ୍ରବାର ସକାଳ ୯ଟା ୫ରେ ନୂଆଦିଲ୍ଲୀ ଏୟାରପୋର୍ଟରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା। ୧୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର ପରିଦର୍ଶନ ପରେ ରାତିରେ ଜୟଦେବବିହାରସ୍ଥିତ ପଞ୍ଚତାରକା ହୋଟେଲରେ ରାତ୍ରିଯାପନ। ପରେ ଅକ୍ଟୋବର ୪ ଅପରାହ୍ନ ୧ଟା ୨୦ରେ ଭୁବନେଶ୍ୱର ଏୟାରପୋର୍ଟରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ନେଇ ରୁଟ୍ ବିବରଣୀ ଦିଆଯାଇଥିଲା। ସୁରକ୍ଷା ପାଇଁ ଏସ୍କର୍ଟ ଓ ପାଇଲଟିଂ ଯୋଗାଇଦେବାକୁ ନେଇ କୁହାଯାଇଥିଲା। ତେବେ ଅଧିକ ଯାଞ୍ଚ ପରେ 'ସୋସିଆଲ ଜଷ୍ଟିସ୍ ଆଣ୍ଡ ୱମେନ ଏମ୍ପାୱାରମେଣ୍ଟ କମିଶନ' ନାଁରେ କୌଣସି କମିଶନ ନ ଥିବା ଜଣାପଡିଥିଲା। ଏପରିକି ହରିୟାଣା ପୋଲିସ ସହ ଯୋଗାଯୋଗ ପରେ ଅଭିଯୁକ୍ତଦ୍ୱୟଙ୍କ ଗତିବିଧି ସନ୍ଦେହଜନକ ବୋଲି କୁହାଯାଇଥିଲା। ଶେଷରେ ରିଙ୍କୁ ଓ ତାଙ୍କ ସହଯୋଗୀ ଉକ୍ତ ହୋଟେଲରେ ଥିବା ବେଳେ ମୈତ୍ରୀ ବିହାର ଥାନା ଟିମ୍ ଶନିବାର ଚଢ଼ାଉ କରି ଗିରଫ କରିଥିଲା। ତେବେ ମାମଲାରେ ଅଧିକ ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତଦ୍ୱୟଙ୍କ ଜାଲରେ ପଡିଥିଲେ ଜଣାଇବାକୁ ଡିସିପି ଜଗମୋହନ ମୀନା ଅପିଲ୍ କରିଛନ୍ତି। ଏପରିକି ଉଭୟଙ୍କୁ ଚିହ୍ନଟ ପାଇଁ ଅଭିଯୁକ୍ତଦ୍ୱୟଙ୍କ ଫଟୋ ଜାରି କରାଯିବ ବୋଲି ଡିସିପି କହିଛନ୍ତି।






**ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ**

ଶେରଗଡ଼,(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ନିକଟସ୍ଥ ପଦ୍ମପୁର ଗ୍ରାମ ଛକଠାରେ ରବିବାର ସନ୍ଧ୍ୟା ୭ଟାରେ ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଡ଼ାମାରି ଗ୍ରାମର ରିଙ୍କୁ ଗୌଡ଼ (୩୫)। ବାଇକ୍‌ରେ ରିଙ୍କୁ ଆସିକା ପଟୁ ଶେରଗଡ଼ ଆସୁଥିବା ବେଳେ ଶେରଗଡ଼ ପଟୁ ଟ୍ରାକ୍ଟରଟି ଯାଉଥିଲା। ପଦ୍ମପୁର ଗ୍ରାମ ଛକରେ ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଶେରଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ଶେରଗଡ଼ ଡାକ୍ତରଖାନାରେ ରଖାଯାଇଛି। ସୋମବାର ସକାଳେ ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଶୁଭମ୍ ନିଖୋଜ ଘଟଣା ୩୦ ଘଣ୍ଟା ପରେ ମଧ୍ୟ ହୋଇପାରିନି ଠାବ

ଧରାକୋଟ,୫।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ମୁଣ୍ଡମରାଇ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ (୧୭)ଙ୍କ ଋଷିକୁଲ୍ୟାରେ ଭାସିଯାଇ ନିଖୋଜ ହେବାର ୩୦ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନି। ଶନିବାର ସେ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଧରାକୋଟ ଦମକଳ ବାହିନୀ ରବିବାର ଶୁଭମଙ୍କୁ ଖୋଜିବା ଆରମ୍ଭ କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ। ଧରାକୋଟ ଦମକଳ କେନ୍ଦ୍ର ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅଗ୍ନିକ ପବିତ୍ର ବେହେରା, ଶୁଭ୍ରଜିତ ରଥ, କୃଷ୍ଣଚନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ ଲାଇଫ୍ ବୋଟ୍ ସାହାଯ୍ୟରେ ପୋଡ଼ାପଲିଠାରୁ ସୁନାପଲି, ସିନ୍ଦୂରାପଲି, ଲକ୍ଷ୍ମୀପୁର, ପଙ୍କଳବାଡ଼ି, ରେଣ୍ଟି ଦାମୋଦରପଲି ସମେତ ଆସିକା ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଶୁଭମଙ୍କୁ ଠାବ କରିପାରିନାହାନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ବେଦବ୍ୟାସ କଲେଜରେ ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ଶୁଭମ ଦଶହରା ଛୁଟିରେ ଗାଁକୁ ଆସିଥିଲେ। ଶନିବାର ଗାଁ ନିକଟରେ ପ୍ରବାହିତ ଋଷିକୁଲ୍ୟା ନଦୀକୁ ସକାଳ ୯ଟାରେ ଗାଧୋଇବାକୁ ଯାଇଥିଲେ। ନଦୀରେ ତାଙ୍କ ଗୋଡ଼ ଖସିଯିବାରୁ ଭାସିଯାଇ ନିଖୋଜ ହୋଇଯାଇଥିଲେ।

# ହାତୀ ଦାଉ ସାଧୁଛି, ପ୍ଲାଷ୍ଟିକ ଜୀବିକା ନେଇଛି

ବ୍ରହ୍ମପୁର,୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବନ୍ୟପ୍ରାଣୀ ସପ୍ତାହର ରବିବାର ଦ୍ୱିତୀୟ ଦିବସ। ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ଲଢୁଥିବା ଆଞ୍ଚଳିକ ବିକାଶ ପରିଷଦ ଓ ଧରିତ୍ରୀ ପ୍ରତିନିଧି କୁକୁଡାଖଣ୍ଡି ବ୍ଲକ କଙ୍କିଆ ପଞ୍ଚାୟତର ଜଙ୍ଗଲ ଭିତରେ ଥିବା ସାନ କରଞ୍ଜେଇ ଗ୍ରାମକୁ ଯାଇଥିଲେ। ହାତୀ ଓ ମନୁଷ୍ୟର ସହାବସ୍ଥାନ ସମ୍ପର୍କରେ ସେଠାକାର ଲୋକଙ୍କ ସହିତ ଆଲୋଚନା ବେଳେ ସେମାନଙ୍କ ଜୀବନଶୈଳୀ ଅତି ଦୁର୍ବିସହ ଥିବା ଜଣାପଡିଥିଲା। ହାତୀ ଦାଉ ସାଧୁଥିବାବେଳେ ପ୍ଲାଷ୍ଟିକ ସେମାନଙ୍କ ଜୀବିକା ଛଡାଇ ନେଇଛି ବୋଲି ଗ୍ରାମର ଅନେକ ଲୋକ କହିଥିଲେ। ଗ୍ରାମରେ ଏକ ପ୍ଲାଷ୍ଟିକମୁକ୍ତ ଅଭିଯାନ କରାଯାଇଥିଲା। ଗ୍ରାମର ଜିରା ମଲିକଙ୍କ ସହ ଆଲୋଚନା ବେଳେ ସେ କହିଥିଲେ ଯେ, ଜଙ୍ଗଲ ଭିତରେ ସେମାନଙ୍କ ଗାଁ ରହିଛି। ପ୍ରାୟ ସମୟ ହାତୀ ଆସୁଛି। ହେଲେ ଘର ଭାଙ୍ଗୁନି। ଲୋକଙ୍କୁ ଆକ୍ରମଣ ନକଲେ ବି ଭୟରେ କାଳାତିପାତ କରିବାକୁ ପଡୁଛି। କିନ୍ତୁ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ସେମାନେ ପାହାଡରେ ଲଗାଯାଇଥିବା ଧାନ, ମକା ଓ ପରିବା ଫସଲ ନଷ୍ଟ କରୁଛନ୍ତି। ହାତୀ ଭୟ ରହୁଥିଲେ ବି ଜଙ୍ଗଲ ସେମାନଙ୍କ ଜୀବିକା। ତେଣୁ ଜଙ୍ଗଲରୁ ସଂଗୃହୀତ ସାମଗ୍ରୀ ସହ କାଠ ଆଣି ସହରକୁ ନେଇ ବିକ୍ରି କଲେ ଦୁଇ ପଇସା ମିଳେ। ସେଥିରେ ପରିବାର ପ୍ରତିପୋଷଣ ହେଉଛି। ଏ ସଂକ୍ରାନ୍ତରେ ବନ ବିଭାଗ ନିକଟରେ ଅଭିଯୋଗ କରାଯିବାରୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦୂରର କଥା ଜଙ୍ଗଲକୁ ଯିବାକୁ ବାରଣ କରାଯାଇଛି। ଜଙ୍ଗଲ ଆମ ପାଇଁ ମନା। କେବଳ ମାଗଣା ଚାଉଳକୁ ଭରସା କରି ଚଳୁଛୁ ବୋଲି କହିଥିଲେ। ଗାଁର ପରିବାର ସଂଖ୍ୟା କହିଲେ ୩୦ ଓ ଲୋକ ସଂଖ୍ୟା କହିଲେ ୯୦। ରାତି ପାହିଲେ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ। ପୂର୍ବରୁ ଶିଆଳି ପତ୍ର, ଦାନ୍ତ କାଠି ଜଙ୍ଗଲରୁ ସଂଗ୍ରହ କରି ବିକି ଦୁଇ ପଇସା ରୋଜଗାର କରୁଥିଲେ। କିନ୍ତୁ ଏଇ ଦଶ ବର୍ଷ ହେଲା ସାହୁକାର ଆଉ ନେଉନି। ଗାଁରୁ ସହର ସବୁଠି ପ୍ଲାଷ୍ଟିକର ଚାହିଦା। ଆମେ ଭିଟା ମାଟି ଛାଡି ପାରୁନୁ ବୋଲି ଗ୍ରାମବାସୀ କହିଛନ୍ତି। ଚାକିରିଆ କହିଲେ ଗାଁ ରେ ଦୁଇଜଣ ସରକାରୀ ଚାକିରୀ କରୁଛନ୍ତି। କିନ୍ତୁ ଏବେ ଗାଁରେ ସେମାନେ ରହୁନାହାନ୍ତି। ରାସନ ଚାଉଳ ଓ ସ୍ଥାନୀୟ ପଦରର ପରିବା ଯାହା ମିଳିଲା ସେତିକିରେ ଜୀବନ ଜୀଉଁଛୁ। ଅନ୍ୟପକ୍ଷରେ ଗାଁର ଆଉ କେତେଜଣ କହିଛନ୍ତି ଯେ, ହାତୀ ପ୍ରାୟ ସମୟ ଆସୁଥିବାରୁ ସେମାନଙ୍କ ସହ ଜୀବନ ବିତାଇବାକୁ ପଡୁଛି। କିଛି ଦିନ ତଳେ ହାତୀ ଗାଁକୁ ଆସିଥିଲା। ଜଙ୍ଗଲ ସୁରକ୍ଷାରେ ଆପଣମାନଙ୍କ ଭୂମିକା କିଭଳି ବୋଲି ପଚାରିବାରୁ ସେମାନେ କହିଥିଲେ ଯେ, ଜଙ୍ଗଲର ସୁରକ୍ଷା କରୁଛୁ। ବନବିଭାଗ ପକ୍ଷରୁ କୌଣସି ସହାୟତା ମିଳୁନି। ପ୍ଲାଷ୍ଟିକ ଓ ଆଟା ପ୍ଲେଟ ଯୋଗୁ ଶିଆଳି ପତ୍ରର ଚାହିଦା କମିଯାଇଛି। ଦାନ୍ତକାଠିର ଚାହିଦା କମିଯାଇଛି ବୋଲି ଗାଁର ପ୍ରତିମା ମଲିକ କହିଛନ୍ତି। ଗାଁକୁ ରାସ୍ତା ଯାଇଛି, ବିଦ୍ୟୁତ ବି ଯାଇଛି। ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ବି ଅଛନ୍ତି। କିନ୍ତୁ କୌଣସି ପ୍ରକାର ଲାଭ ମିଳୁନି କି ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳୁନି ବୋଲି ସେ କହିଛନ୍ତି। ପରିଷଦର ସଭାପତି ସାଗର କୁମାର ପାତ୍ର କହିଥିଲେ ଯେ, ପ୍ରଶାସନ ସହ ଆଲୋଚନା କରି ପରିଷଦ ପକ୍ଷରୁ ସମସ୍ତ ପ୍ରକାର ସହାୟତା କରାଯିବ। ଆଲୋଚନା ବେଳେ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର,ନଳିନୀ କାନ୍ତ ପରିଡା, ପି. ଅରବିନ୍ଦ ଦେଶୀବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମର ଜଣେ ମହିଳାଙ୍କ ସହିତ ପରିଷଦର ସଭ୍ୟମାନେ ଆଲୋଚନା କରୁଛନ୍ତି।

# ଶଙ୍କର ପୃଷ୍ଟିଙ୍କ କଳା ସାମ୍ରାଜ୍ୟର ଖୁଲାସା ହେଉଛି

ବ୍ରହ୍ମପୁର,୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ପୋଲିସ ଏସ୍‌ଆଇ ନିଯୁକ୍ତି ଲିଖିତ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ରବିବାର ଆଉ ଜଣେ ଦଲାଲ ବାଲେଶ୍ୱର ଜିଲାର ଅରବିନ୍ଦ ଦାସ(୪୩)ଙ୍କୁ ବାନ୍ଧିଛି। ସନ୍ଧ୍ୟାରେ ତାଙ୍କୁ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) କୋର୍ଟରେ ହାଜର ପରେ ଜେଲ ପଠାଇ ଦିଆଯାଇଛି। ଅରବିନ୍ଦଙ୍କୁ ମିଶାଇଲେ ଗିରଫଙ୍କ ସଂଖ୍ୟା ଏବେ ୧୧୯ ହୋଇଛି। ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ଥିବାବେଳେ ଏହି ବଡ଼ ର୍‍ୟାକେଟ ପଛରେ ଅନ୍ୟ କେଉଁମାନେ ଅଛନ୍ତି ତାହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। କୋର୍ଟ ଖୋଲିବା ପରେ ଆହୁରି ଅଧିକ ଜାମିନ ଆବେଦନ ହେବ ବୋଲି ଆଶା କରାଯାଉଛି। ଏସଆଇ ନିଯୁକ୍ତି ଜାଲିଆତି ଧରାପଡିବା ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ଏହି ର୍‍ୟାକେଟର ଚେର ରାଜ୍ୟର ବିଭିନ୍ନ ଅଞ୍ଚଳରେ ମାଡ଼ିଥିବା ବେଳେ କିଛି ନିଯୁକ୍ତି କୋଚିଂ ଏକାଡେମୀ ମଧ୍ୟ ସଂପୃକ୍ତ ଥିବା କ୍ରାଇମବ୍ରାଞ୍ଚ ତଦନ୍ତରେ ଜଣାପଡିଛି। ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଏବେ ବି ଫେରାର ଥିବା ବେଳେ ତାଙ୍କର ବିରାଟ କଳା ସାମ୍ରାଜ୍ୟର ଖୁଲାସା ହେଉଛି। ଶଙ୍କର ପ୍ରଥମେ ଆର୍ମି ନିଯୁକ୍ତି ତାଲିମ ଦେଉଥିଲେ। ୨୦୧୨ରୁ ସେ ନିଯୁକ୍ତି କୋଚିଂ ସେଣ୍ଟର ଚଳାଉଥିବା ବେଳେ ୨୦୨୨ରେ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ଆରମ୍ଭ କରିଥିଲେ। ବ୍ରହ୍ମପୁର ଓ ଭୁବନେଶ୍ୱରରେ ଥିବା ବିଭିନ୍ନ ନିଯୁକ୍ତି କୋଚିଂ ଏକାଡେମୀ ସହ ସେ ଯୋଗାଯୋଗରେ ଥିଲେ । ସେହି ଏକାଡେମୀକୁ ଆସୁଥିବା ଚାକିରି ଆଶାୟୀଙ୍କୁ ଡାଲ କରାଯାଉଥିଲା। ପୋଲିସ ୧୧୪ଜଣ ଏସଆଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଗିରଫ କରିବା ପରେ ଏହା ପ୍ରମାଣିତ ହୋଇଛି। ଗିରଫ ପରୀକ୍ଷାର୍ଥୀଙ୍କ ଭିତରେ କେତେଜଣ ବ୍ରହ୍ମପୁରର ଦୁଇଟି ପ୍ରମୁଖ ଏକାଡେମୀରେ କୋଚିଂ ନେଉଥିବା ପୋଲିସ ରିପୋର୍ଟରେ ଦର୍ଶାଇଛି । ସେମାନେ କୋଚିଂ ଏକାଡେମୀ ମାଧ୍ୟମରେ ଶଙ୍କର ର୍‍ୟାକେଟକୁ ଟଙ୍କା ଦେଇଛନ୍ତି। ବର୍ତ୍ତମାନ ସେହି ଏକାଡେମୀର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଏକାଡେମୀରେ ଭଲ ରେଜଲ୍ଟ କରିବା ପାଇଁ ମାଲିକମାନେ ଶଙ୍କରଙ୍କ ର୍‍ୟାକେଟରେ ସଂପୃକ୍ତ ରହୁଥିବା ଏବଂ ତାଙ୍କୁ ଟଙ୍କା ଦେଉଥିବା କୁହାଯାଉଛି । ଶଙ୍କରଙ୍କ ର୍‍ୟାକେଟ ଏହି ଏକାଡେମୀମାନଙ୍କ ମାଧ୍ୟମରେ ପିଲାଙ୍କୁ ଡାଲ କରୁଥିଲେ। କେବଳ ପୋଲିସ ନୁହେଁ, ଅନ୍ୟାନ୍ୟ ସରକାରୀ ଚାକିରି ପାଇଁ ମଧ୍ୟ ଟଙ୍କା କାରବାର ହେଉଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟି ର୍‍ୟାକେଟ ଜରିଆରେ କେତେଜଣ ନିଯୁକ୍ତି ମଧ୍ୟ ପାଇଛନ୍ତି। ଶଙ୍କର ୨୦୧୩ରେ ଗଜପତିରେ ହୋଇଥିବା ସିପାହୀ ନିଯୁକ୍ତି ର୍‍ୟାକେଟଠାରୁ ଆରମ୍ଭ କରି ୨୦୧୭ରେ ପଞ୍ଚାୟତ ନିର୍ବାଚନ ସମୟରେ ହତ୍ୟା, ୨୦୨୩ରେ ବ୍ରହ୍ମପୁରରେ ଧରାପଡିଥିବା ଜାଲ ସାର୍ଟିଫିକେଟ ର୍‍ୟାକେଟ, ବାଲେଶ୍ୱରରେ ଧରାପଡିଥିବା ନିଯୁକ୍ତି ର୍‍ୟାକେଟରେ ସଂପୃକ୍ତ ଅଛନ୍ତି ।

# ଭିଏସ୍ଏସ୍ କର୍ମକର୍ତ୍ତା ପାଳିଲେ ବନ୍ୟପ୍ରାଣୀ ସପ୍ତାହ

## ସହଯୋଗ କଲା ନାହିଁ ବନ ବିଭାଗ

ଭଞ୍ଜନଗର,୫।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଆଜକୁ କିଛି ମାସ ହେବ ୧୫ରୁ ଊର୍ଦ୍ଧ୍ୱ ବନ ସୁରକ୍ଷା ସମିତି (ଭିଏସ୍ଏସ୍) କର୍ମକର୍ତ୍ତା ଓ ବନ ବିଭାଗ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ତେଣୁ ପରିବେଶବିତ୍‌ମାନଙ୍କୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଚିନ୍ତା ଘାରିଛି। ଗତ ମାସରେ ଉକ୍ତ ୧୫ ଭିଏସ୍ଏସ୍ କର୍ମକର୍ତ୍ତା ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତିଙ୍କୁ ଭେଟି ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ ଲୋଡିଥିଲେ। ସେପ୍ଟେମ୍ବରରେ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଗାଡି, ପ୍ରଚାରପତ୍ର ଆଦି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ, ପି. କେ. ଗୌଡ, କୃଷ୍ଣଚନ୍ଦ୍ର ନାୟକ, ସୂର୍ଯ୍ୟନାରାୟଣ ଗୌଡ, କେଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ବନ ବିଭାଗ ଉକ୍ତ ଭିଏସ୍ଏସ୍ କର୍ମକର୍ତ୍ତାଙ୍କୁ କୌଣସି ସହଯୋଗ କରି ନ ଥିଲା। ବର୍ତ୍ତମାନ ଗତ ୨ ତାରିଖରୁ ବନ୍ୟ ପ୍ରାଣୀ ସପ୍ତାହ ଆରମ୍ଭ ହୋଇଛି। ତଥାପି ବିଭାଗ ଭିଏସ୍ଏସ୍ କର୍ମକର୍ତ୍ତାଙ୍କୁ କୌଣସି ସହଯୋଗ କରୁନାହିଁ । ତେଣୁ ବଣିଆପଲ୍ଲୀ ଭିଏସ୍ଏସ୍ ପକ୍ଷରୁ ଗତ ୨ ତାରିଖରେ ନିଜସ୍ୱ ଖର୍ଚ୍ଚରେ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଥିଲା।

ରବିବାର ପୁଣି ଉକ୍ତ ୧୫ ଭିଏସ୍ଏସ୍ କର୍ମକର୍ତ୍ତା ମିଶି ବ୍ୟକ୍ତିଗତ ଆର୍ଥିକ ସହାୟତା ଦେଇ କେପିଟିଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରିଥିଲେ। ରେଞ୍ଜର ଏବଂ ବନପାଳଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିଥିଲେ। ରେଞ୍ଜର ସୁଜାତା ରାଣୀ ପଣ୍ଡା ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବନ୍ୟପ୍ରାଣୀ ବଞ୍ଚିବେ, ଆମେ ବଞ୍ଚିବା, ତେଣୁ ସନ୍ତୁଳନ ରକ୍ଷା କରିବାକୁ ସେ କହିଥିଲେ। ଭିଏସ୍ଏସ୍ ବରିଷ୍ଠ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ ସଭା ସଂଯୋଜନା କରିଥିଲେ। ସମିତିସଭ୍ୟ ପ୍ରଭାସ ସାହୁ, ବନପାଳ ମିତା ପୋଲେଇ, କେପିଟି ଉପ ସଭାପତି ବୈଜୟନ୍ତ ପାତ୍ର, ପୂର୍ବତନ ସଭାପତି କେଳା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ବୈଠକରେ ବଣିଆପଲ୍ଲୀ ଭିଏସ୍ଏସ୍ ସଭାପତି ବିଶ୍ୱନାଥ ନାୟକ, ଜରିପଙ୍କାଳ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋଠଲୁଣ୍ଡା ସଭାପତି ରଙ୍କନିଧି ଗୌଡ, ପାଟରାପଲ୍ଲୀ ସଭାପତି କାଶୀ ଗୌଡଙ୍କ ସମେତ ନାରାୟଣପଲ୍ଲୀ, କପିଳପଲ୍ଲୀ, ହଜପଲ୍ଲୀ, ଗୋଠଲୁଣ୍ଡା, ଆଲମରା, ବିଲୁଆମରା, କେପିଟି, ଦୁବ ଭିଏସ୍ଏସ୍‌ର ଅନେକ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେଥିମଧ୍ୟରୁ କିଛି କର୍ମକର୍ତ୍ତା ବିଭାଗର ଅବହେଳା ନେଇ ଅଭିଯୋଗ କରିଥିଲେ। ବିଭାଗ ଓ ଭିଏସ୍ଏସ୍ ମଧ୍ୟରେ ସହଭାଗିତା ରହିଲେ ଜଙ୍ଗଲ ସୁରକ୍ଷିତ ରହିପାରିବ ବୋଲି ଅଧିକାଂଶ ସଭ୍ୟ ମତ ପ୍ରକାଶ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିମାନେ।

### ୨୦ ଦିନରେ ଜୁଆ ଆଡ୍ଡାରୁ ୧୬୫ ଗିରଫ

ବ୍ରହ୍ମପୁର, ୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜୁଆଖେଳରୁ ଅପରାଧ ହେଉଛି। ଗତ ସେପ୍ଟେମ୍ବର ୧୫ ତାରିଖରୁ ଏହା ଆରମ୍ଭ ହୋଇଥିବା ବେଳେ ଗତ ୪ତାରିଖ ସୁଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ଉ କରି ଗତ ୨୦ ଦିନରେ ୧୬୫ ଜଣଙ୍କୁ ଗିରଫ କରିଛି। ମୋଟ ୯ଲକ୍ଷ ୪୧ହଜାର୮୧୫ ଟଙ୍କା ଜବତ କରିଛି। ୯୫ଟି ମୋବାଇଲ, ୧୮ ବାଇକ ମଧ୍ୟ ଜବତ ହୋଇଥିବା ଏସପି ଡା. ସର୍ବଣା ବିବେକ ଏମ . ସୂଚନା ଦେଇଛନ୍ତି।

# ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଉତ୍ସବ



ଉପସ୍ଥିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦସ୍ୟ।

ସୋରଡ଼ା,୫।୧୦(ରଜନୀ ମହାପାତ୍ର)

ଘୁମୁସର ଜିଲା ଅନ୍ତର୍ଗତ ସୋରଡା ଶାଖାରେ ରବିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍ଏସ୍)ର ଶତବାର୍ଷିକୀ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଛି। ଏହି ଅବସରରେ ସୋରଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ବିଭାଗ ସଂଘ ଚାଳକ ଭଗବାନ ତ୍ରିପାଠୀ, ଘୁମୁସର ଜିଲା ସଂଘ ଚାଳକ ବନମାଳୀ ଗୌଡ଼, ସହ ଜିଲା କାର୍ଯ୍ୟବାହ ସୀମାଞ୍ଚଳ ମିଶ୍ର, ସୋରଡା ବିଧାୟକ ନୀଳମଣି ବିଷୋୟୀ, ସୋରଡାର ପ୍ରଥମ ସ୍ୱୟଂସେବକ ଲଡ୍ଡୁ କିଶୋର ଦାସ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାତଃରୁ ଧ୍ୱଜା ସ୍ଥାପନ ସହ ସଂଘ ଗଠନର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କାର୍ଯ୍ୟ ସଂଘ କାର୍ଯ୍ୟକର୍ତ୍ତାଙ୍କ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ଉପରେ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋରଡା ଖଣ୍ଡ କାର୍ଯ୍ୟବାହ ଗୋବିନ୍ଦ ପାଢ଼ୀ ଓ ସୋରଡ଼ା ବିଭାଗ ସେବା ପ୍ରମୁଖ ଅରୁଣ ନାୟକଙ୍କ ତତ୍ତ୍ୱାବଧାନରେ ୧୫୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସେବକ ଗଣବେଶ ଧାରଣ କରି ନଗର ପରିକ୍ରମା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ସୁନିଲ ରଥ ଓ ସମସ୍ତ ସଂଘ ସଦସ୍ୟା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ।

### ମାଛ ଧରିବାକୁ ଯାଇ ଯୁବକ ନିଖୋଜ ଘଟଣା ଦେଢ଼ ମାସ ପରେ ଡ୍ୟାମ୍‌ରୁ ମିଳିଲା ମୃତଦେହ

ମୋହନା,୫।୧୦ (ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ହରଭଙ୍ଗୀ ଡ୍ୟାମ୍‌କୁ ମାଛ ଧରିବାକୁ ଯାଇ ଅଡବା ଗାଁର ସୁବ୍ରତ ନାୟକ ନିଖୋଜ ହେବାର ଦେଢ଼ମାସ ପରେ ତାଙ୍କ ମୃତଦେହ ମିଳିଛି। ଗୁଡୁରିପଦର ଗାଁଠାରୁ ୭ କି.ମି. ଦୂର ହରଭଙ୍ଗୀ ଡ୍ୟାମରୁ ମୃତଦେହ ଅଡବା ପୋଲିସ ଜବତ କରିଛି। ଗତ ଅଗଷ୍ଟ ୧୯ ତାରିଖରେ ଅଡବା ଗାଁର ସୁବ୍ରତ କେତେ ଜଣ ବ୍ୟକ୍ତିଙ୍କ ସହ ମିଶି ହରଭଙ୍ଗୀ ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିଲେ। ଡ୍ୟାମ କୂଳରେ ଅଳ୍ପ ପାଣିରେ ମାଛ ଧରୁଥିବା ବେଳେ ଡ୍ୟାମ୍‌କୁ ଅଚାନକ ପ୍ରଖର ବେଗରେ ବନ୍ୟା ପାଣି ଆସିଯିବାରୁ ସୁବ୍ରତ ପାଣି ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ ବୋଲି ତାଙ୍କ ସହ ଯାଇଥିବା ବ୍ୟକ୍ତିମାନେ ପହଁରିପହଁରି କୂଳକୁ ଆସି ଗ୍ରାମକୁ ଫେରିବା ପରେ କହିଥିଲେ। ସୁବ୍ରତଙ୍କୁ ଗ୍ରାମବାସୀ ଓ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ସେହିଦିନ ରାତିରେ ଖବରପାଇ ମୋହନା ଅଗ୍ନିଶମବାହିନୀ ପହଞ୍ଚି ବୋଟ୍ ସହାୟତାରେ ଖୋଜାଖୋଜି କରିଥିଲେ। ଗତ ଦେଢ଼ ମାସ ଧରି ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ସୁବ୍ରତଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ସନ୍ଧ୍ୟାରେ ଡ୍ୟାମ୍‌ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଡ୍ୟାମ୍‌ରୁ ମୃତଦେହ ଜବତ କରିଥିଲା। ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

### ସାପ କାମୁଡାରେ ନାବାଳିକାଙ୍କ ମୃତ୍ୟୁ

ଭଞ୍ଜନଗର,୫।୧୦(ବାବୁଲା ପ୍ରଧାନ)

ତାରସିଂ ଥାନା ଅନ୍ତର୍ଗତ ବାଲିସାହିର ବର୍ଷା ପରିଜା (୧୩)ଙ୍କ ଶନିବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ପୋଲିସ ନଂ. ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା। ମୃତ ନାବାଳିକାଙ୍କ ମା'ବାପା ପାଗଳ। ତାଙ୍କର ଆହୁରି ଦୁଇ ଭାଇ ଓ ତିନି ଭଉଣୀ ଅଛନ୍ତି। ଏତେବଡ ପରିବାରକୁ ତାଙ୍କ ବୃଦ୍ଧ ଜେଜେ ମା' ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ବିକ୍ରି କରି ପରିବାର ଚଳାଉଛନ୍ତି। ଏନେଇ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଜାଣିବା ପରେ ରବିବାର ତାଙ୍କ ବାସଭବନରେ ପହଞ୍ଚି ଡାଲି, ଚାଉଳ ସମେତ ଅନ୍ୟାନ୍ୟ ଜିନିଷ କ୍ରିୟାକର୍ମ ପାଇଁ ପ୍ରଦାନ କରିଥିଲେ।

# କଳିଙ୍ଗା ଘାଟିରେ ହେଲା କଂକ୍ରିଟ ପକା କାର୍ଯ୍ୟ

## ବର୍ଷା ନ ହେଲେ ସପ୍ତାହକ ମଧ୍ୟରେ ଘାଟି ରାସ୍ତା ଖୋଲିବ: ସହକାରୀ ଯନ୍ତ୍ରୀ

ଜି. ଉଦୟଗିରି,୫।୧୦
(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

କଳିଙ୍ଗା ଘାଟି ଭୂସ୍ଖଳନ ସ୍ଥାନରେ ଯୁଦ୍ଧକାଳୀନ ଭିତରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ଶନିବାର ଦିନରେ ପ୍ରବଳ ବର୍ଷା ସମୟରେ ପ୍ରଖର ବେଗରେ ପାହାଡ଼ରୁ ପାଣି ଆସିବାରୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ମାତ୍ର ଶନିବାର ସନ୍ଧ୍ୟାରୁ ବର୍ଷା ଛାଡି ଯାଇଥିବା ଯୋଗୁ ରବିବାର ସକାଳୁ ରାସ୍ତା କାମ ଆରମ୍ଭ ହୋଇଛି। ପଡିଥିବା ହ୍ୟୁମ୍ ପାଇପ ଉପରେ କଂକ୍ରିଟ ପକା କାର୍ଯ୍ୟ ଚାଲିଛି। ଅଧିକ ବର୍ଷା ନ ହେଲେ ଆସନ୍ତା ଏକ ସପ୍ତାହ ମଧ୍ୟରେ କଳିଙ୍ଗା ଘାଟି ରାସ୍ତା ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ସାହୁ କହିଛନ୍ତି। ଭୂସ୍ଖଳନ ସ୍ଥାନ ଉପରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପଥରଗୁଡିକୁ ମଧ୍ୟ ହଟାଇବା ପାଇଁ ଉଦ୍ୟମ ଚାଲିଛି। ଭୂସ୍ଖଳନ ଘଟିଥିବା ସ୍ଥାନଟି ଭଞ୍ଜନଗର ବନବିଭାଗ ଅଧୀନରେ ଯାଉଛି। ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ଗଞ୍ଜାମ ଓ କନ୍ଧମାଳ ଜିଲା ପ୍ରଶାସନ ଏବଂ ଭଞ୍ଜନଗର ବନ ବିଭାଗ ସହ ପରାମର୍ଶ କରି ପଥରଗୁଡିକୁ ଶୀଘ୍ର ହଟାଇବା ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଦୀର୍ଘ ୨୦ ଦିନ ହେବ କଳିଙ୍ଗା ଘାଟି ରାସ୍ତା ବନ୍ଦ ହୋଇଥିବା ଯୋଗୁ କନ୍ଧମାଳ ଓ ଗଞ୍ଜାମ ଜିଲାର ଲୋକେ ବହୁ ଭାବେ ପ୍ରଭାବିତ ହୋଇଛନ୍ତି । ଘାଟି ରାସ୍ତାର ଅନେକ ସ୍ଥାନରେ ପଥର ଖସିଯିବା ଭୟ ରହିଥିବାରୁ ସେ ସବୁ ସ୍ଥାନରେ 'ପଥର ଖସିବା ଭୟ ଅଛି'ବୋଲି ସୂଚନାଫଳକ ଲଗାଇବା ପାଇଁ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

# କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଶୀଘ୍ର ସହାୟତା ଦେବାକୁ ବିଧାୟକଙ୍କ ନିର୍ଦ୍ଦେଶ

## ଲଘୁଚାପଜନିତ ଲଗାଣ ବର୍ଷାରେ ଫସଲ କ୍ଷତି

ଗଞ୍ଜାମ,୫।୧୦(ଅଖିଳ ତରାଇ)

ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁର, ଖରିଡି, ରାମଗଡ଼ ଆଦି ପଞ୍ଚାୟତରେ ପ୍ରବଳ ବର୍ଷା ଯୋଗୁ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଫୁଲକୋବି, କାଙ୍କଡ଼ ଏବଂ ଅନ୍ୟାନ୍ୟ ପନିପରିବା ଫସଲ ବର୍ଷାରେ ନଷ୍ଟ ହୋଇଛି। ଫଳରେ ଏହି ଅଞ୍ଚଳର ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଆକଳନ କରିଛନ୍ତି। ସେ କୃଷି ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ କ୍ଷୟକ୍ଷତିର ମୂଲ୍ୟାଙ୍କନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗ ଏକ ଟିମ୍ ଗଠନ କରି କ୍ଷୟକ୍ଷତ ରିପୋର୍ଟ ପ୍ରସ୍ତୁତ କରୁଥିବା ଜଣାପଡିଛି।



ଫସଲ କ୍ଷୟକ୍ଷତି ବୁଲି ଦେଖୁଛନ୍ତି ବିଧାୟକ।

### ଚୋରି ଘଟଣାରେ ୨ ଗିରଫ

ଛତ୍ରପୁର,୫।୧୦(ଦିଲୀପ ସାମଲ)

ଚୋରି ଘଟଣାରେ ଛତ୍ରପୁର ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସୁନାଚେନ, ୩ଟି ମୁଦି ଓ ୭୦ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପି.ମୁରଲି ରେଡ୍ଡୀ ଓ ଏସ.ଭାନୁ ରେଡ୍ଡୀ । ରାମଲକ୍ଷ୍ମୀ ନଗର ୩ୟ ଲାଇନରେ ଲକ୍ଷ୍ମୀଧର ନାୟକ ଜଣଙ୍କ ଘରେ ଭଡାରେ ରହୁଥିଲେ। ଭଡା ଦେଇଥିବା ବ୍ୟକ୍ତିଙ୍କ ନାବଳକ ନାତି ଲକ୍ଷ୍ମୀଧରଙ୍କ ଆଲମିରାରେ ସୁନା ଓ ଟଙ୍କା ରହୁଥିବା ଜାଣିଥିଲେ। ଲକ୍ଷ୍ମୀଧର ଘରେ ଅନୁପସ୍ଥିତ ଥିବାବେଳେ ସମ୍ପୃକ୍ତ ନାବଳକ ଓ ଅନ୍ୟ ୨ ଅଭିଯୁକ୍ତ ମିଶି ଆଲମିରାରୁ ଟଙ୍କା ଓ ସୁନା ଚୋରି କରିଥିଲେ। ଚୋରି ହୋଇଥିବା ନେଇ ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୫୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

### ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା ଅଭିଯୋଗ

ଦିଗପହଣ୍ଡି,୫।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବଡବନ୍ଧ ସାହିର ଏ.ବାବା ରାଓଙ୍କ ଝିଅ ଏ.ସୋନାଲି ପାତ୍ର(୩୦) ରବିବାର ଭୋରରେ ଘରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ୨୦୧୯ରେ ସୋନାଲି ଜର୍ମାନୀରେ ଏରୋନେଟିକ ଇଞ୍ଜିନିୟର ଚାକିରି କରୁଥିବା ବ୍ରହ୍ମପୁର ବଡ଼ ବଜାର ଥାନା ପାଣିଗ୍ରାହୀ ପେଣ୍ଠ ଗଣପତି ନଗରର ବଳରାମ ସୁବୁଦ୍ଧିଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ଅନୁଯାୟୀ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହର କିଛିଦିନ ହସ ଖୁସିରେ କଟିବା ପରେ ଅଧିକା ଯୌତୁକ ପାଇଁ ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯିବାରୁ ସେ ଶାଶୁଘରୁ ଆସି ଦିଗପହଣ୍ଡି ବଡ଼ବନ୍ଧ ସାହି ସ୍ଥିତ ବାପଘରେ ରହୁଥିଲେ। ରବିବାର ଭୋରରେ ପରିବାର ଲୋକେ ଶୋଇଥିବା ବେଳେ ସେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦିଆଯାଇଥିଲେ ମଧ୍ୟ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସୋନାଲିଙ୍କ ବାପା ଏ ନେଇ ଏତଲା ଦେଇଛନ୍ତି। ନଂ.୩୫୮/୨୫ରେ ଏକ ମାମଲା ହୋଇଛି।

# ଜରାପଦରରେ ଦୁଇ ପରିବାରକୁ ବାସନ୍ଦ ଅଭିଯୋଗ

## ମାମଲା ରୁଜୁରେ ସୀମିତ ପୋଲିସ କାର୍ଯ୍ୟାନୁଷ୍ଠାନ

ଗଞ୍ଜାମ, ୫।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ଜରାପଦର ଗାଁରେ ଦୁଇ ପରିବାରକୁ ବାସନ୍ଦ କରାଯାଇଥିବା ନେଇ ଗତ କିଛି ଦିନ ତଳେ ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତିକରି ପୋଲିସ ନଂ. ୩୦୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହି ଗ୍ରାମର ଏଚ. ରାମଚନ୍ଦ୍ର ରେଡ୍ଡୀଙ୍କୁ କୌଣସି କଥାକୁ ନେଇ ଗ୍ରାମବାସୀ ବାସନ୍ଦ କରିଥିଲେ । ଏଥିସହ ଗ୍ରାମବାସୀ ରାମଚନ୍ଦ୍ରଙ୍କ ସ୍ତ୍ରୀ ଏଚ. ସାବିତ୍ରୀ ରେଡ୍ଡୀଙ୍କୁ ଜରିମାନା ବାବଦ ଅର୍ଥ ମାଗିଥିଲେ। ଗରିବ ଲୋକ ଜରିମାନା ବାବଦ ଟଙ୍କା ମୁଁ କେଉଁଠୁ ଆଣି ଦେବି କହି ସାବିତ୍ରୀ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ । ବାସନ୍ଦ ସାବିତ୍ରୀଙ୍କ ସହ ଭାଇ ଏସ. ଅଶାନ୍ତା କଥା ହେବାରୁ ତାଙ୍କୁ ମଧ୍ୟ ଗ୍ରାମବାସୀ ବାସନ୍ଦ କରିଥିବା ଅଭିଯୋଗ ହୋଇଛି । ଶନିବାର ଗାଁରେ ବୈଠକ ଚାଲିଥିବା ବେଳେ ପୋଲିସ ପହଞ୍ଚି ବିଭିନ୍ନ ଖାତାପତ୍ର ଯାଞ୍ଚ କରିବା ସହ ଫଟୋ ଉତ୍ତୋଳନ କରି ଆଣିଥିବା ଜଣାପଡିଛି। ଏନେଇ ଆଇଆଇସି ସୁମିତ୍ରା ପାତ୍ର କହିଛନ୍ତି, ୩ରେ ଗ୍ରାମବାସୀଙ୍କ ବୈଠକ ହେବାର ଥିଲା, କିନ୍ତୁ ବନ୍ୟା ବାତ୍ୟା ପାଇଁ ବୈଠକ ହୋଇ ପାରି ନ ଥିଲା। ଏସ୍ଆଇ ସୁପ୍ରଭା ସାହୁଙ୍କୁ ପଚାରିବାରୁ ସେ କହିଲେ ଏହା ୪ ବର୍ଷର ଘଟଣା । ଅଭିଯୋଗ ପରେ ତିନି ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ନ୍ୟାୟିକ ତଦନ୍ତ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି

## ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି

■ ସମସ୍ତ ବିଷୟ ଉଲ୍ଲେଖ କରି ଡାକ ଯୋଗେ ପଠାଇଲେ ପୂର୍ବତନ ଜିଲା ପରିଷଦ ସଭ୍ୟ

ଗୋପାଳପୁର,୫।୧୦(ନବୀନ ରାଜ ଆଚାରୀ)

ରାଜ୍ୟରେ ପୋଲିସ ଏସ୍ଆଇ ପରୀକ୍ଷା ପୂର୍ବରୁ ବଡ଼ ଜାଲିଆତି ଉଦ୍ୟମ ଘଟଣା ସାମ୍ନାକୁ ଆସିବା ପରେ ଗତ ୧ ତାରିଖରେ ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ପୋଲିସ ପର୍ଦ୍ଦାଫାଶ କରିବା ସହ ୧୧୪ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଭାର ନେବା ସହ ତଦନ୍ତ ଆଗେଇଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଶନିବାର ମଧ୍ୟସ୍ଥଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଗିରଫ ସଂଖ୍ୟା ୧୧୮ରେ ପହଞ୍ଚିଛି। ରବିବାର ୫୩ ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ.ଡମ୍ବୁରୁ ରେଡ୍ଡୀ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିଜଆଡୁ ନ୍ୟାୟିକ ଅନୁସନ୍ଧାନ କରିବାକୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡିଶା ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି କରି ପ୍ରାର୍ଥୀଙ୍କଠାରୁ ୨୫ ଲକ୍ଷ ଲେଖାଏ ଟଙ୍କା ନେବାକୁ ଡ଼ିଲ ହୋଇଥିଲା। ଏଥିରେ ଦଲାଲ, ଉଚ୍ଚସ୍ତରୀୟ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଏହାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ହୋଇପାରିବ ନାହିଁ। କୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନ୍ୟାୟିକ ଅନୁସନ୍ଧାନ କଲେ ସତ୍ୟ ଘଟଣା ଜନମାନସକୁ ଆସିପାରିବ ଏବଂ ନ୍ୟାୟିକ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଥିବା ଦୃଢ ଆସ୍ଥା ଅତୁଟ ରହିବ ବୋଲି ରେଡ୍ଡୀ ପ୍ରକାଶ କରିଛନ୍ତି। ଏହି ପତ୍ର ସେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ଡାକ ଯୋଗେ ପଠାଇଛନ୍ତି। ସୂଚନାଥାଉ କି ଚଳିତ ମାସ ୫ ଓ ୬ ତାରିଖରେ ଓଡ଼ିଶା ପୋଲିସ ଏସ୍ଆଇ ଲିଖିତ ପରୀକ୍ଷା ରହିଥିଲା। ଏହି ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରୁ ଏକାଠି ହୋଇ ପ୍ରାର୍ଥୀମାନେ ଆନ୍ଧ୍ରପ୍ରଦେଶର ବିଜୟନଗରମର ଏକ ଅଜ୍ଞାତ ସ୍ଥାନକୁ ୩ଟି ଏସି ବସ୍ ଯୋଗେ ଯାଉଥିଲେ। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତିନି ବସ୍‌କୁ ପିଛା କରି ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସ ଟିମ ବସଗୁଡିକୁ ଅଟକାଇ ଧରିଥିଲେ। ସେମାନଙ୍କୁ ଆମ୍ବପୁଆ ପୋଲିସ ରିଜର୍ଭକୁ ଆଣି ଅଟକ ରଖି ପଚରାଉଚରା କରିବା ପରେ ନଂ. ୪୪୭/୨୫ରେ ଏକ ମାମଲା ରୁଜୁ ହୋଇ ୧୧୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା।

**ବାଇକ୍ ଦୁର୍ଘଟଣାରେ ଜଣେ ମୃତ**

ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା): ଆସିକା ଥାନା ଅନ୍ତର୍ଗତ ଚେରମାରିଆ ଛକ ନିକଟରେ ରବିବାର ରାତିରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆସିକା ଲାଲା ଶାସନର ହିମାଂଶୁ ଶେଖର ପାତ୍ର (୨୪) । ଗୁରୁତର ଆହତ ସେହି ଗ୍ରାମର ରାଜେନ୍ଦ୍ର ଗୌଡ (୨୨) ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରବିବାର ରାତିରେ ଉଭୟ ବ୍ରହ୍ମପୁର ଠାରୁ ଆସିକା ଯାଉଥିବା ବେଳେ ଚେରମାରିଆ ଛକ ନିକଟରେ ଦୁର୍ଘଟଣା ଘଟିଥିଲା।

# ସାର ପାଇଁ ଉତ୍ତେଜନା, ପୋଲିସ ଉପସ୍ଥିତିରେ ବଣ୍ଟନ

**ଦିଗପହଣ୍ଡି,୫।୧୦(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ରବିବାର ସକାଳୁ ୟୁରିଆ ସାର ପାଇଁ ଚାଷୀଙ୍କ ଲମ୍ବାଲାଇନ ଲାଗିଥିଲା । ସେମାନଙ୍କ ମଧ୍ୟରେ ଠେଲାପେଲା ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ପୋଲିସ ଉପସ୍ଥିତିରେ ସାର ବଣ୍ଟନ କରାଯାଇଥିଲା। ସମବାୟ ସମ୍ପାଦକ ଚନ୍ଦ୍ରଧ୍ୱଜ ସାହୁ କହିଛନ୍ତି, ପୂର୍ବରୁ ୫ଟି ଟ୍ରକରେ ଆସିଥିବା ୧୧୨୫ ବସ୍ତା ୟୁରିଆ ସାର ଉଭୟ ଭ୍ରମରପୁର ପଞ୍ଚାୟତ ଏବଂ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ଅଧୀନ ଗ୍ରାମର ପଞ୍ଜୀକୃତ ଚାଷୀଙ୍କୁ ବିକ୍ରି କରାଯାଇଥିଲା। ଶନିବାର ପୁଣି ୩ଟି ଟ୍ରକରେ ୬୭୫ ବସ୍ତା ସାର ସମବାୟ ଗୋଦାମକୁ ଆସିଥିଲା।

ଚାଷୀଙ୍କୁ ବିକ୍ରି ପାଇଁ ବ୍ୟବସ୍ଥା କରିବା ବେଳେ ପୂର୍ବରୁ ସାର ନେଇସାରିଥିବା କେତେଜଣ ଚାଷୀ ପୁଣି ସାର ପାଇଁ ଆସିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମର ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ସମାଧାନ କରାଯାଇଥିଲେ ମଧ୍ୟ ସାର ବିକ୍ରି ବନ୍ଦ ରଖାଯାଇଥିଲା। ଦୁଇଟି ପଞ୍ଚାୟତର ୨୨ ଖଣ୍ଡ ଗାଁକୁ ନେଇ ଗଠିତ ଚୌଧୁରୀ ଟିକରପଡ଼ା ଗ୍ରାମ ପ୍ରାଥମିକ ସେବା ସମବାୟ ସମିତିକୁ ନିଅଣ୍ଟିଆ ସାର ଯୋଗାଣ ଯୋଗୁ ପରିସ୍ଥିତି ଅସମ୍ଭାଳ ହୋଇଛି। ପ୍ରାୟ ୫ ହଜାର ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨ ହଜାର ୟୁରିଆ ସାର ବସ୍ତା ଯୋଗାଣ କରାଯାଇଥିବାରୁ ଚାଷୀଙ୍କୁ ଆବଶ୍ୟକ ସାର ମିଳୁନି। କେତେଜଣ ଚାଷୀ ଅନ୍ୟ ସେବା ସମବାୟ ସମିତିରୁ ସାର କ୍ରୟ କରି ଜମିରେ ପକାଇଥିବା ସମ୍ପାଦକ ସାହୁ କହିଛନ୍ତି।



ସମବାୟ ଗୋଦାମ ସମ୍ମୁଖରେ ଚାଷୀଙ୍କ ହୋହଲ୍ଲା।

# ଇସକଫର ଗଞ୍ଜାମ ଜିଲା ସମ୍ମିଳନୀ

**ଛତ୍ରପୁର,୫।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ)ର ୧୫ତମ ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ଛତ୍ରପୁର ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ହର ପ୍ରସାଦ ରଥ ଏଥିରେ ସଭାପତିତ୍ୱ କରିଥିଲେ। ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଇସକଫ ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ମହାନ୍ତି ମୁଖ୍ୟ ଅତିଥି, ସମାଜ ବିଜ୍ଞାନୀ ଭଗବାନ ସାହୁ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଅବନୀ ଚନ୍ଦ୍ର ଗୟା, ଇସକଫ ରାଜ୍ୟ ସଭାପତି ମଣ୍ଡଳୀ ସଦସ୍ୟ ଗୋକୁଳ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ କୁମାର ପ୍ରିୟଦର୍ଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଦ୍ଧ ବିରୋଧରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବା, ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମୈତ୍ରୀ ବନ୍ଧନକୁ ସୁଦୃଢ଼ କରିବା ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରେ ଜିଲା ସମ୍ପାଦକ ବିଦେଶୀ ନାହାକ ସାଂଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ହରପ୍ରସାଦ ରଥଙ୍କୁ ପୁଣି ଥରେ ସଭାପତି ଓ ଆଇନଜୀବୀ କୈଳାସ ପଲେଇଙ୍କୁ ଜିଲା ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସମ୍ମିଳନୀ ପରିଚାଳନାରେ ନୀଳକଣ୍ଠ ଦାସ, ଡି.ଆଦି ନାରାୟଣ ରେଡ୍ଡୀ,ଏସ.କ୍ରିଷ୍ଣା ରେଡ୍ଡୀ, ଅଦିତ୍ୟ ମିଶ୍ର, ତ୍ରିନାଥ ରେଡ୍ଡୀ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ।

# ଚାଷ କ୍ଷତି ସହି ନ ପାରି ଚାଷୀଙ୍କ ଆତ୍ମହତ୍ୟା

## ଲଘୁଚାପଜନିତ ଲଗାଣ ବର୍ଷା ଉଜାଡି ଦେଲା ପରିବା ଚାଷ

**ମୋହନା, ୫।୧୦(ମନ୍ମଥ ମିଶ୍ର)**

ଲଘୁଚାପଜନିତ ଲଗାଣ ବର୍ଷା ଗଜପତି ଜିଲା ମୋହନା ବ୍ଲକରେ ବ୍ୟାପକ ଫସଲ କ୍ଷତି କରିଛି। ଚାଷୀଙ୍କ ପରିବା ଚାଷ ଉଜାଡ଼ି ଦେଇଛି। ଏହାକୁ ସହ୍ୟ କରି ନ ପାରି ଜଣେ ଚାଷୀ ରବିବାର କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପରିବା ଚାଷୀ ଲକ୍ଷ୍ମଣ ନାୟକ(୫୩)। ମୋହନା ଥାନା ତଥା ପିଣ୍ଡିକି ପଞ୍ଚାୟତ ଅନ୍ତର୍ଗତ ପ୍ରତାପପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ଲକ୍ଷ୍ମଣ ଗାଁର ଜଣେ ପରିବା ଚାଷୀ ରୂପେ ପରିଚିତ। ଚଳିତବର୍ଷ ସେ ସାହୁକାରଙ୍କଠାରୁ କରଜ ଆଣି ଜମିରେ ବନ୍ଧା କୋବି, ଫୁଲକୋବି, ମୂଳା ଆଦି ପରିବା ସହ ମକା ଚାଷ ମଧ୍ୟ କରିଥିଲେ। ମାତ୍ର ଗତ କିଛିଦିନ ହେଲା ଜାରି ରହିଥିବା ଲଗାଣ ବର୍ଷା ତାଙ୍କ ଫସଲ ଉଜାଡ଼ି ଦେଇଛି। ଏହି କ୍ଷତିକୁ ସହ୍ୟ କରି ନ ପାରି ଋଣ କିପରି ଶୁଝିବେ ସେହି ଚିନ୍ତାରେ ଲକ୍ଷ୍ମଣ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ମୋହନା ମେଡିକାଲ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବ୍ରହ୍ମପୁର ନେବା ସମୟରେ ବାଟରେ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ପୁଣି ମୋହନା ମେଡିକାଲକୁ ପରିବାର ଲୋକେ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମୋହନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଏହି ଖବର ପାଇ ବିଡିଓ ରାଜୀବ ଦାସଙ୍କ ନିର୍ଦ୍ଦେଶରେ ତହସିଲଦାର ଚକ୍ରଧର ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ ଏବଂ ଜିଲା କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ, ପିଣ୍ଡିକି ସରପଞ୍ଚ ରାଜ କିଶୋର ମଲ୍ଲିକ ଓ ଅନ୍ୟମାନେ ଲକ୍ଷ୍ମଣଙ୍କ କ୍ଷେତରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

# ଆର୍‌ଟି ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ବୈଠକ



ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**ପୁରୁଷୋତ୍ତମପୁର,୫।୧୦(ସବିତା ମିଶ୍ର)**

ପୁରୁଷୋତ୍ତମପୁର ବ୍ଲକ ପ୍ରତାପୁର ଆର୍‌ଟି ବିଦ୍ୟାପୀଠ ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ରବିବାର ତାରାତାରିଣୀ ଠାରେ ପ୍ରାକ୍ତନ ଛାତ୍ର ଯଜ୍ଞନାରାୟଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ଦାଶ ଓ ସହକାରୀ ଶିକ୍ଷକ ନରସିଂହ ଜେନା, ସନ୍ନ୍ୟାସୀ ନାୟକ, ବାସୁଦେବ ମିଶ୍ର, ଲକ୍ଷ୍ମୀଚରଣ ପାଣିଗ୍ରାହୀ, ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, ଗୋକୁଳ ପଣ୍ଡା ଯୋଗଦେଇ ଦିଗଦର୍ଶନ ଦେଇଥିଲେ। ପୁରାତନ ଛାତ୍ରମାନେ ନିଜର ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ଛାତ୍ର ପୂର୍ଣ୍ଣଚନ୍ଦ୍ର ପାଳ, ଚକ୍ରପାଣି ନାୟକ, ପଦ୍ମନାଭ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ପିଲାଦିନର ସ୍ମୃତି ସାଉଁଟିଲେ ଛାତ୍ରୀଛାତ୍ର

## ରମ୍ଭା ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

ରମ୍ଭା,୫।୧୦(ବନବାସୀ ସେଠୀ): ରମ୍ଭା ଏମ୍‌ଏସ୍‌ଭି ପବ୍ଲିକ ସ୍କୁଲ ପରିସରରେ ୧୯୯୦ ମସିହାର ଦଶମ ଶ୍ରେଣୀ ଛାତ୍ରୀଛାତ୍ର ମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍କୁଲ ଅଧ୍ୟକ୍ଷ ବିଶ୍ୱଜିତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଦୂର ଦୁରାନ୍ତରୁ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୁରୁଣା ସାଙ୍ଗ ସାଥୀମାନେ ଏକାଠି ହୋଇ ପିଲାଦିନର ସ୍ମୃତିକୁ ସାଉଁଟିଥିଲେ। ସମସ୍ତେ ଭୋଜିଭାତ ସହ ନାଚଗୀତର ମଜା ଉଠାଇଥିଲେ। ସନ୍ଧ୍ୟାରେ ମେଲୋଡି ଦେଖିଥିଲେ। ସୀମାଞ୍ଚଳ ଆଚାରୀ, ରବୀନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ବେହେରା, ଗଣେଶ ସୁବୁଦ୍ଧି, ଆନନ୍ଦ ନାୟକ ପରିଚାଳନା କରିଥିଲେ। ପବ୍ଲିକ ସ୍କୁଲର ପ୍ରତିଭା ସାହୁ, ସନ୍ତୋଷ ଆଚାର୍ଯ୍ୟ ସହଯୋଗ କରିଥିଲେ।


**GOVERNMENT OF ODISHA** e-mail: eerw_sunabeda@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

**No. O-934**

**e-Procurement Notice for Road Works**

**Identification No. Online Tender/05/RWD-SBD/2025-26**

**Letter No. 3691** **Date: 26.09.2025**

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

**OIPR-25059/11/0022/2526** **Sd./- Superintending Engineer, Rural Works Division, Sunabeda**


# ସିମନବାଡ଼ିରେ ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ

**ଦାରିଙ୍ଗବାଡି,୫।୧୦(ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ ତଥା ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଖଣ୍ଡ ପ୍ରଭାରୀ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପ୍ରଚାରକ କର୍ଣ୍ଣ ପ୍ରଧାନ, ସ୍ୱାମୀ ପୂର୍ଣ୍ଣାନନ୍ଦ ପ୍ରମୁଖ ମଞ୍ଚାସୀନ ରହି ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ନାଗରିକର କର୍ତ୍ତବ୍ୟ ଓ ସାମାଜିକ ସୁରକ୍ଷା ସହ ସମାଜରେ କୌଣସି ଭେଦଭାବ ନ ରଖି କିଭଳି ଏକାଠି ହୋଇ ଚଳିବା ସେ ନେଇ ପରାମର୍ଶ ଦେଇଥିଲେ । ସେହିପରି ସ୍ୱଦେଶୀ ଜିନିଷ ବ୍ୟବହାର କରିବା ସହ ନିଜ ଅଞ୍ଚଳରେ ଜୈବିକ ପଦ୍ଧତିରେ ଚାଷ କରି ତାକୁ ଅମଳ କରି ଖାଦ୍ୟ ଭାବେ ଗ୍ରହଣ କରିବାକୁ କହିଥିଲେ। ଆର୍‌ଏସ୍‌ଏସ୍‌ର ଶହେ ବର୍ଷ ପାଳନ ଅବସରରେ ସମସ୍ତେ ନିଜ ସ୍ୱାସ୍ଥ୍ୟକୁ ଠିକ ରଖିବା ପାଇଁ ନିୟମିତ ସକାଳେ ଶାଖାକୁ ଆସିବାକୁ ଜିଲା ପ୍ରଚାରକ ପରାମର୍ଶ ଦେଇଥିଲେ। ଦାରିଙ୍ଗବାଡି ଜଳେଶ୍ୱର ପ୍ରଭାତ ଶାଖାର ବ୍ୟବସ୍ଥା ପ୍ରମୁଖ, ଫ୍ରାଞ୍ଚିଶ ପ୍ରଧାନ, ମଣ୍ଡଳ ସଭାପତି ମିଟୁ ସାହୁ, ପ୍ରଭାକର ସାହୁ, ଅରୁଣ ପ୍ରଧାନ, ବିଷ୍ଣୁ ଚରଣ ପ୍ରଧାନ, ଅଶୋକ ଚୌଧୁରୀ, ସୁଧାକର ଚୌଧୁରୀଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଭୁଶୁଡ଼ିଲା ଗୁମ୍ମା ମେଡିକାଲ ପାଚେରି



**ପାରଳାଖେମୁଣ୍ଡି, ୫।୧୦(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲାରେ ଲଘୁଚାପଜନିତ ବର୍ଷା ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷାରେ ଭିଜି ରହିଥିବା ଗୁମ୍ମା ମେଡିକାଲ ପାଚେରି ରବିବାର ଭୁଶୁଡ଼ି ପଡିଛି। ଫଳରେ ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି। ଗୁମ୍ମା ବ୍ଲକ ସଦର ମହକୁମା ମୁଖ୍ୟ ରାସ୍ତାରେ ଥିବା ଏହି ମେଡିକାଲ ପାଚେରି ପାର୍ଶ୍ୱରେ କେତେ ଜଣ ଲୋକ ଦୋକାନ କରି ଗୁଜୁରାଣ ମେଣ୍ଟାଉ ଥିଲେ। ବର୍ଷାରେ ପାଚେରି ଭୁଶୁଡ଼ି ପଡିବାରୁ ଏହି ୩ଟି ଦୋକାନ ଘରର ପଛପଟ କାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଯାହାଦ୍ୱାରା ୩ଟି ଦୋକାନରେ ଥିବା ହଜାର ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିବା ଦୋକାନୀ ମହଲନ ଲିମ୍ମା, ମିହିରଲାଲ ପାଣି ଓ ବାବୁଜୀ ଜେନା କହିଛନ୍ତି। ସେହିପରି ଉକ୍ତ ପାଚେରି ନିକଟରେ ଯାନବାହନ ପାର୍କିଂ କରାଯାଉଥିଲା। ତେବେ ମେଡ଼ିକାଲ ବନ୍ଦ ଯୋଗୁ କୌଣସି ଯାନବାହନ ସେଠାରେ ନ ଥିବାରୁ କିଛି କ୍ଷତି ହୋଇନାହିଁ। ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ପୁରାତନ ମେଡ଼ିକାଲ। ପୁରୁଣା ଗୃହରେ ଏହା ଚାଲିଛି। ନୂତନ ମେଡ଼ିକାଲ କୋଠା ଗୃହକୁ ମେଡିକାଲ ତୁରନ୍ତ ସ୍ଥାନାନ୍ତର କରାଯାଉ ବୋଲି ଘଟଣା ପରେ ମେଡ଼ିକାଲ ଅଧିକାରୀ ଡା. ପାର୍ଥ ପ୍ରୀତମ ପଣ୍ଡା କହିଛନ୍ତି।

# କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଲେ ବିଧାୟକ

**ପାରଳାଖେମୁଣ୍ଡି, ୫।୧୦(ଗିରିଧାରୀ ପରିଚ୍ଛା)**

ଲଘୁଚାପଜନିତ ବର୍ଷା ହେତୁ ଗଜପତି ଜିଲାର ପ୍ରାୟ ସମସ୍ତ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୁମ୍ମା ବ୍ଲକର ବିଭିନ୍ନ ସ୍ଥାନରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଚଳିତବର୍ଷ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ଚାଷ ଜମି ଭିତରେ ମାଟି ଅତଡା, ବାଲି ମାଟି ଓ ପାଣି ପଶି ବହୁ ପରିମାଣରେ ଫସଲ ନଷ୍ଟ ହୋଇଛି। ଏହାକୁ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। ପାରାଳଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ରବିବାର କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖି ଚାଷୀଙ୍କୁ ଶାନ୍ତ୍ୱନା ଜଣାଇଛନ୍ତି। ବିଧାୟକ ପାଣିଗ୍ରାହୀ ପ୍ରଥମେ ତରଭା ପଞ୍ଚାୟତ ଅନ୍ତର୍ଗତ ଆଶ୍ରୟଗଡ଼ଠାରୁ ବୁରୁଡିଙ୍ଗ ଯିବା ରାସ୍ତାର ମୁଖ୍ୟ ବ୍ରିଜ ଓ ରାସ୍ତା କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀଙ୍କ ସହିତ ସେ ଆଲୋଚନା କରିଥିଲେ। ପରେ ଗୁମ୍ମା ପଞ୍ଚାୟତର ଟାଙ୍ଗଲୁଇବ, ଦାନ୍ତ ପରିଡ଼ା, ଗାଇବା, ସେରଙ୍ଗ ଓ ଅଜୟଗଡ଼ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିଲେ। ହୋଇଥିବା ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ସେ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**Notice Inviting RFP**

**No. 10773/Ped/25** **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof.

Address for Submission of Proposal:

**State Project Director,**

**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

**OIPR-27068/11/0073/2526** **Sd./- State Project Director**


# ୨ ଜୁଆ ଆଡ୍ଡାରେ ଚଢ଼ାଉ, ୩୧ ଗିରଫ

**ଦାରିଙ୍ଗବାଡି, ୫।୧୦ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ପୋଲିସ ୨ଟି ଜୁଆଆଡ୍ଡା ଉପରେ ଚଢ଼ାଉ କରି ୩୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮ଟି ବାଇକ୍,୨୪ଟି ମୋବାଇଲ ଫୋନ ଜବତ ହୋଇଥିବା ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁଆଆଡ୍ଡା ଚଳାଇଥିବା ଘରମାଲିକ ମହେଶ୍ୱର ପ୍ରଧାନ ଏବଂ ଟିଟୁ ସାହୁଙ୍କୁ ପୋଲିସ ଅଧିକା ପଚରାଉଚରା କରୁଛି। ଅନ୍ୟମାନଙ୍କୁ ନୋଟିସ ଦେଇ ଛଡାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଏକ ସ୍ୱତନ୍ତ୍ର ଟିମ ଏବଂ ଦାରିଙ୍ଗବାଡି ଥାନା ଅଧିକାରୀ କନକ ମାଝୀ, ଏସ୍‌ଆଇ ଲକ୍ଷ୍ମୀ ମାଝି, ବାସନ୍ତୀ ବେହେରା, ଜୟନ୍ତ ସେଠୀ,ଏଏସ୍‌ଆଇ ଅର୍ଜୁନ ଶବର ଶନିବାର ବିଳମ୍ବିତ ରାତିରେ ୨ଟି ସ୍ଥାନରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ପୋଲିସ ଗୋଟିଏ ଆଡ୍ଡାର ୨୨ ଜଣଙ୍କୁ କାବୁ କରି ସେମାନଙ୍କଠାରୁ ୬୫,୭୪୦ ଟଙ୍କା, ୭ଟି ବାଇକ୍ ଏବଂ ୧୮ଟି ମୋବାଇଲ ଫୋନ୍ ଜବତ କରିଥିଲା। ସେହିପରି ଅନ୍ୟ ଏକ ଜୁଆଆଡ୍ଡାରେ ଚଢ଼ାଉ କରାଯାଇ ୯ ଜଣଙ୍କୁ ଗିରଫ କରାଯାଇଥିଲା। ଏଠାରୁ ଗୋଟିଏ ବାଇକ୍ ଏବଂ ୬ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଏହି ଜୁଆଆଡ୍ଡାରେ ସ୍ଥାନୀୟ ଲୋକଙ୍କ ସମେତ ପଡୋଶୀ ଗଞ୍ଜାମ ଜିଲାର କେତେ ଜଣ ଲୋକ ଜୁଆ ଖେଳୁଥିବା ଏସ୍‌ଡିପିଓ କହିଥିଲେ।

# ହରିହର ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଆସିକା,୫।୧୦(ସୁରେନ୍ଦ୍ର ନାଥ ସାହୁ):** ଆସିକା ହରିହର ହାଇସ୍କୁଲ ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ୟାଚ୍‌ର ୧୩୭ଜଣ ଯୋଗଦେଇଥିଲେ। ପ୍ରଥମେ ଦିବଂଗତ ଛାତ୍ର ଓ ଶିକ୍ଷକମାନଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗଣେଶ ରଥ, ଯୁଧିଷ୍ଠିର ଦୋରା, ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ, ବିଜୟ କୁମାର ପଟ୍ଟନାୟକ, କୈଳାସ ପ୍ରଧାନ, ଲକ୍ଷ୍ମୀ ନାରାୟଣ ମିଶ୍ର, ଦଣ୍ଡପାଣି ମିଶ୍ର, ରଜନୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଶିକ୍ଷକଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଗୁରୁପୂଜନ କରାଯାଇଥିଲା । ତତ୍କାଳୀନ ଶିକ୍ଷାଦାନ ବ୍ୟବସ୍ଥାରେ ରହିଥିବା ଗୁରୁ-ଛାତ୍ରଙ୍କ ସଂପର୍କର ବିସ୍ତୃତ ଆଲୋଚନା କରାଯାଇଥିଲା । ପୁରାତନ ଛାତ୍ରମାନେ ପରସ୍ପର ଭାବର ଆଦାନପ୍ରଦାନ କରିଥିଲେ । ଦେବେନ୍ଦ୍ର କୁମାର ପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପ୍ରମୋଦ କୁମାର ପଣ୍ଡା, ମୁନାଫ ସରିଫ, ସନ୍ତୋଷ କୁମାର ପାଣିଗ୍ରାହୀ, ମନମୋହନ ଚୌଧୁରୀ, ଦତ୍ତାତ୍ରୟ ଆଚାରୀ, ଦୀପକ ସେନାପତି, ସୁଧୀର ପାତ୍ର, ସୁଶାନ୍ତ ପାତ୍ର, ରବିନାରାୟଣ ଗୁପ୍ତା, ଭେଙ୍କଟରମଣ ମୂର୍ତ୍ତି, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ପୁରାତନ ଛାତ୍ର ଉପସ୍ଥିତ ଥିଲେ ।


**OFFICE OF THE**

**BHAWANIPATNA MUNICIPALITY, DIST.: KALAHANDI**

**No. 2972/BPM** **Date: 03.10.2025**

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

**OIPR-13100/11/0018/2526** **Sd./- Executive Officer, Bhawanipatna Municipality**

# ପରୀକ୍ଷା କେନ୍ଦ୍ର ସିଲ୍, ପଞ୍ଚମ ମଧ୍ୟସ୍ଥ ଗିରଫ

**ଏସ୍‌ଆଇ ପରୀକ୍ଷା ଜାଲିଆତି**


■ମାଷ୍ଟରମାଇଣ୍ଡ ଶଙ୍କରଙ୍କ ସହଯୋଗୀ ଥିଲେ ଅରବିନ୍ଦ

■ କ୍ରାଇମବ୍ରାଞ୍ଚ ସ୍କାନରରେ ବହୁ ଅନ୍‌ଲାଇନ୍ ପରୀକ୍ଷା ସେଣ୍ଟର

ଭୁବନେଶ୍ୱର, ୫।୧୦(ସତ୍ୟଜିତ ରାଉତ)



ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସ।






'ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍' ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଉଛି।

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ ତଦନ୍ତ ଯେତେ ଆଗଉଛି, ରହସ୍ୟ ସେତେ ପଦାକୁ ଆସୁଛି। ରାକେଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଫେରାର ଥିବାବେଳେ ତାଙ୍କର ସବୁ ଲିଙ୍କ୍ ଓ କେଳେଙ୍କାରିର ପର୍ଦ୍ଦାଫାଶ କରିବାକୁ କ୍ରାଇମବ୍ରାଞ୍ଚ ୫ ଦିନ ହେବ ଛାନଭିନ୍ ଚଳାଇଛି। ଏକାଧିକ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ସହ ଲିଙ୍କ୍‌ରେ ରହି ଶଙ୍କର ଏସ୍‌ଆଇ ପରୀକ୍ଷାରେ ଜାଲିଆତି କରିବାକୁ ପୂରା ଯୋଜନା ପ୍ରସ୍ତୁତ କରିସାରିଥିଲେ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍‌ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍) ସହ ଶଙ୍କରଙ୍କ ଲିଙ୍କ୍ ମିଳିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ସେଠାରେ ମାରାଥନ୍ ଚଢ଼ାଉ କରିଛି। ପୋଲିସ ଟିମ୍ 'ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍'ରେ ପହଞ୍ଚି ତାଲା ଖୋଲି ଭିତରେ ତନ୍ନ ତନ୍ନ ଯାଞ୍ଚ କରାଯିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଜବତ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିଥିଲା। ପରେ ଏହି ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଇଛି। ଚଢ଼ାଉରେ ସାମିଲ ଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକ କହିଛନ୍ତି, ଘଟଣାରେ ଯାହାର ଲିଙ୍କ୍ ରହୁଛି, ତାଙ୍କୁ ଆମେ ତଦନ୍ତ ପରିସରଭୁକ୍ତ କରିବୁ। ରଘୁନାଥପୁରସ୍ଥିତ ପରୀକ୍ଷା କେନ୍ଦ୍ରକୁ ଶଙ୍କର ପୃଷ୍ଟି ଯିବା ଆସିବା କରିବାର ପ୍ରମାଣ ମିଳିଥିଲା। ଏଥିସହ ଏଠାରେ ଜାଲିଆତି କରାଯାଇଥିବା ପ୍ରାରମ୍ଭିକ ପ୍ରମାଣ ମିଳିବା ପରେ ଚଢ଼ାଉ କରାଯାଇଛି। ତେବେ ରାଜ୍ୟବ୍ୟାପୀ ଏଭଳି ବହୁ ପରୀକ୍ଷା ସେଣ୍ଟର ସହ ଶଙ୍କରଙ୍କ ଲିଙ୍କ୍ ରହିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ବାଲେଶ୍ୱର, ପୁରୀ, ପାରଳାଖେମୁଣ୍ଡି, କଟକ, କଳାହାଣ୍ଡି ଆଦି ଜିଲାରେ ଏସବୁ କେନ୍ଦ୍ର ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଆଗକୁ ଏଗୁଡିକରେ ମଧ୍ୟ ଚଢ଼ାଉ କରିବ ବୋଲି ଜଣାପଡିଛି। ତେବେ ବ୍ରହ୍ମପୁର ଆମ୍ବପୁଆସ୍ଥିତ 'ତାରାତାରିଣୀ ଟେକପାର୍କ' ନାଁରେ ଥିବା ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ସହ ଶଙ୍କରଙ୍କ ମଧ୍ୟ ଲିଙ୍କ୍ ଥିବା ଜଣାପଡିଛି। କେନ୍ଦ୍ରର ମୂଳ ମାଲିକ ଶଙ୍କର ପୃଷ୍ଟି ରହିଥିବା ବେଳେ ବେନାମୀ ନାଁରେ ଏହାକୁ ପଞ୍ଜୀକୃତ କରାଯାଇଛି। ତେବେ ଏହି ମହାଜାଲିଆତି ଘଟଣାରେ ଅନେକ ଅଭିଯୁକ୍ତ ରହିଥିବାବେଳେ ବଡ଼ ପୋଲିସ ଅଧିକାରୀ ସମ୍ପୃକ୍ତ ଥିବା ନେଇ ସନ୍ଦେହ ଦୃଢ଼ିଭୂତ ହେବାରୁ ଘଟଣା ରାଜ୍ୟ ପୋଲିସ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଚାଞ୍ଚଲ୍ୟକର ଘଟଣା ହେଲା ଏହି ଜାଲିଆତିରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ପ୍ରଚ୍ଛଦ ହାତ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ଆଉଜଣେ ଅଭିଯୁକ୍ତ (ପଞ୍ଚମ ମଧ୍ୟସ୍ଥ)ଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଛି। ସେ ହେଲେ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କ ସହଯୋଗୀ ତଥା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବର ଗାଁର ଅରବିନ୍ଦ ଦାସ (୪୩)। ତାଙ୍କ ପାଖରୁ ବହୁ ଆପତ୍ତିଜନକ ଦସ୍ତାବିଜ୍ ଜବତ ହୋଇଛି। ଅରବିନ୍ଦଙ୍କୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧୧୪ ପରୀକ୍ଷାର୍ଥୀ ଓ ୪ ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇଥିବାବେଳେ ଏବେ ଏହି ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ତେବେ ଫେରାର ଥିବା ପଞ୍ଚସଫ୍ଟ ସଂସ୍ଥାର ମାଲିକ ଶଙ୍କର ଧରାପଡିବା ପରେ ତାଙ୍କ ପଛରେ ଥିବା ବଡ଼ବଡ଼ିଆଙ୍କ ମୁଖା ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ଶଙ୍କରଙ୍କ ଘର ଗଞ୍ଜାମ ଜିଲା ଶେରଗଡ ବ୍ଲକ ବ୍ରାହ୍ମଣଛାଇ ଗାଁରେ ହୋଇଥିବାବେଳେ ତାଙ୍କ ନାଁରେ ପୂର୍ବରୁ ମଧ୍ୟ ବହୁ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଶଙ୍କର ଏହାପୂର୍ବରୁ ବହୁ ନିଯୁକ୍ତି ଜାଲିଆତି ଘଟଣାରେ ଜଡ଼ିତ ଥିବା ଓ କେତେକ ମାମଲାରେ ଅଭିଯୁକ୍ତ ଥିବାରୁ ତାଙ୍କୁ ଧରିବା କ୍ରାଇମ୍‌ବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। କାରଣ ଏହି ନିଯୁକ୍ତି କେଳେଙ୍କାରିରେ ବଡ଼ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ସେମାନେ ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଥିବା ଆଶଙ୍କା କରାଯାଉଛି।

# ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀ ସଂଘର୍ଷ

**୨ ଗୁରୁତର, ଜଣେ ଆହତ**

ଜଳେଶ୍ୱର,୫।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚାଳନ୍ତିଠାରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଚୋରାଚାଲାଣକାରୀଙ୍କ ଆକ୍ରମଣରେ ୨ଜଣ ଗ୍ରାମବାସୀ ଗୁରୁତର ହୋଇଥିବାବେଳେ ଅପରପକ୍ଷର ଜଣେ ଆହତ ହୋଇଛନ୍ତି। ଗୁରୁତର ଗ୍ରାମବାସୀଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅଧୀନ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ଚୋରାଚାଲାଣକାରୀମାନେ ବାଲି ଉତ୍ତୋଳନ କରିଆସୁଛନ୍ତି। ପୋଲିସ ଓ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିଲେ ହେଁ ଚାଲାଣକାରୀମାନେ ଚତୁରତାର ସହ ଖସି ପଳାଇବାରେ ସମର୍ଥ ହେଉଛନ୍ତି। ତେବେ ଶନିବାର ବିଳମ୍ବିତ ରାତିରେ ମହମ୍ମଦନଗର ପାଟଣା ପଞ୍ଚାୟତ ଅନ୍ତର୍ଗତ ଚାଳନ୍ତିଠାରେ କେତେଜଣ ଚୋରାଚାଲାଣକାରୀ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିଲେ। ଖବରପାଇ ସେହି ଗ୍ରାମର ୪/୫ଜଣ ଯୁବକ ସେଠାରେ ପହଞ୍ଚି ଏହାକୁ ବିରୋଧ କରିବାରୁ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା। ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣରେ ଗ୍ରାମର ପର୍ଶୁରାମ ଗିରି ଓ ମନୋଜ ଦେ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଚୋରାଚାଲାଣକାରୀ ଗୋଷ୍ଠୀର ଅଧୀର କୁମାର ଗିରି ଆହତ ହୋଇ କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଉଭୟ ଗୋଷ୍ଠୀ ପକ୍ଷରୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



ଚିକିତ୍ସାଧୀନ ୨ ଯୁବକ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ, ସଂସ୍ଥା ପରିଚାଳକ ଫେରାର**

ବ୍ରହ୍ମପୁର,୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି ମୁଖ୍ୟ ରାସ୍ତାରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମଖଣ୍ଡି ଥାନା ଖାରବେଳ ନଗର ପ୍ରଥମ ଲାଇନର ସୁଧାଂଶୁ ପାଣିଗ୍ରାହୀଙ୍କ ଏକମାତ୍ର ପୁଅ ଅଶୋକ କୁମାର ପାଣିଗ୍ରାହୀ (୩୦)। ରବିବାର ଏମ୍‌କେସିଜି ମେଡିକାଲରୁ ପୋଲିସ ମୃତଦେହ ଜବତ କରି ନଂ.୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ସ୍ମୃତିରେଖା ପାଣିଗ୍ରାହୀ ସ୍ୱାମୀଙ୍କୁ ନିଶା ନିବାରଣ କେନ୍ଦ୍ରରେ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗ କରିଛନ୍ତି। ସେଠାକାର କର୍ମଚାରୀ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ସେ ସନ୍ଦେହ କରୁଛନ୍ତି। ତେଣୁ ଏହାର ଠିକ୍ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ମୃତିରେଖା ଦାବି କରିଛନ୍ତି। ଅନ୍ୟପଟେ ଅଶୋକ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ବୋଲି ଉକ୍ତ ସଂସ୍ଥାର କର୍ମଚାରୀମାନେ କହିଛନ୍ତି। ଅଶୋକଙ୍କ ପରିବାର ଲୋକେ ତାହାକୁ ଖଣ୍ଡନ କରିଛନ୍ତି। ଭଉଣୀ ବନିତା ପାଣିଗ୍ରାହୀ କହିଛନ୍ତି, ଭାଇ ମା'ବାପାଙ୍କ ସହ ଖାରବେଳ ନଗରରେ ରହୁଥିଲେ। ତାଙ୍କର ନିଶା ଅଭ୍ୟାସ ଦୂର କରିବା ପାଇଁ ଲାଠି ନିଶା ନିବାରଣ କେନ୍ଦ୍ରକୁ ଗତ ଜୁଲାଇ ମାସରେ ଛାଡ଼ିଥିଲୁ। ଉକ୍ତ କେନ୍ଦ୍ରର ମୁଖ୍ୟଙ୍କ କହିବା ଅନୁସାରେ ମାସକୁ ୬ ହଜାର ଟଙ୍କା ଦେଉଥିଲୁ। ଔଷଧ ପାଇଁ ୩ରୁ ୪ହଜାର ଟଙ୍କା ଦେଉଥିଲୁ। ଶନିବାର ସକାଳେ ସେଠାରୁ ଫୋନ୍ ଆସିଲା ଯେ, ଭାଇ ଛାତରୁ ଡେଇଁ ଗୁରୁତର ହୋଇଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆମେ ଦୁଇ ଭଉଣୀ ମେଡିକାଲରେ ପହଞ୍ଚିବା ପରେ ଭାଇଙ୍କୁ ଆଇସିୟୁରେ ରଖାଯାଇଥିବା ଜାଣିଲୁ। ରାତି ସାଢ଼େ ୧୧ ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଶୋକଙ୍କ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରେ ଫାଉଲ ପ୍ଲେ ରହିଥିବା ଏଫଏମ୍‌ଟି ବିଭାଗ ତରଫରୁ ସୂଚନା ମିଳିଛି। ନିଶା ନିବାରଣ କେନ୍ଦ୍ର ମୁଖ୍ୟ ପରିଚାଳକ ଫେରାର ଅଛନ୍ତି।

# ସାବତପୁଅ ଭୁଜାଲି ଚୋଟରେ ବାପାଙ୍କ ମୃତ୍ୟୁ

ଯୋଡ଼ା,୫।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ହନୁମାନ ହାଟିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାବତପୁଅଙ୍କ ଭୁଜାଲି ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ମନୋଜ କାଳନ୍ଦୀ (୪୫)। ଘଟଣା ପରେ ସାବତପୁଅ ଓ ତାଙ୍କ ୨ ସହଯୋଗୀ ଫେରାର ଅଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମନୋଜ କାଳନ୍ଦୀଙ୍କ ପ୍ରଥମ ସ୍ତ୍ରୀ ଥିବା ବେଳେ ୫ ବର୍ଷ ହେବ ଜଣେ ବିଧବା ମହିଳାଙ୍କୁ ବିବାହ କରିଥିଲେ। ମନୋଜଙ୍କ ଦ୍ୱିତୀୟ ପତ୍ନୀଙ୍କର ଜଣେ ୧୫ ବର୍ଷିୟ ନାବାଳକ ପୁଅ ଅଛନ୍ତି। ଅନେକ ସମୟରେ ବିଭିନ୍ନ କାରଣରୁ ସାବତ ବାପା ଓ ପୁଅଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ରବିବାର ସକାଳ ପ୍ରାୟ ୯ଟା ସମୟରେ ମନୋଜ ସ୍କୁଟି(ନଂ. ଓଡି ୦୯ ଜି ୮୩୭୨) ନେଇ ବଜାରକୁ ଯାଉଥିଲେ। ଏହି ସମୟରେ ସାବତପୁଅ ଏକ ଲୁହାରଡ଼ରେ ଆକ୍ରମଣ କରିଥିଲେ। ମନୋଜ ତଳେ ପଡ଼ି ଯାଇଥିବା ବେଳେ ସାବତପୁଅ ଓ ତାଙ୍କ ୨ ସାଙ୍ଗ ସଂଘବଦ୍ଧ ଭାବେ ପାଇପ୍ ଓ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଟାଟା ଷ୍ଟିଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡ଼ା ପୋଲିସ ପହଞ୍ଚି ଛାନ୍‌ଭିନ ଜାରି ରଖିଛି। ଏ ନେଇ ଯୋଡ଼ା ପୋଲିସ ଏକ ମାମଲା(ନଂ.୨୯୯/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## Business

# ଓଡ଼ିଶାରେ ମେଟର ଇ-ବାଇକ୍‌ର ବଜାର ପ୍ରବେଶ



ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)

**■ଭାରତର ପ୍ରଥମ ଗିୟର ବିଶିଷ୍ଟ ଇ-ବାଇକ୍**

ଭାରତର ପ୍ରମୁଖ ଇଲେକ୍ଟ୍ରିକ ମୋଟରସାଇକେଲ୍ କମ୍ପାନୀ ମେଟର ମୋଟର ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ ରବିବାର ଓଡ଼ିଶାରେ ମେଟରର ବଜାର ପ୍ରବେଶ କରିଛି। ଏହା ଭାରତର ପ୍ରଥମ ଗିଅରଯୁକ୍ତ ଇଲେକ୍ଟ୍ରିକ ମୋଟରସାଇକେଲ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅନାବରଣ ଉତ୍ସବରେ ମେଟରର ଫାଉଣ୍ଡର ତଥା ଗ୍ରୁପ୍ ସିଇଓ ମୋହାଲ ରାଜୀବ ଲାଲଭାଇ କହିଛନ୍ତି, ଏହି ଇ-ବାଇକ୍ ମାଧ୍ୟମରେ ଲୋକେ ନୂଆ ଟେକ୍ନୋଲୋଜିର ମଜା ନେଇପାରିବେ। ଆଏରା ରୋମାଞ୍ଚକର ଯାତ୍ରା ଅନୁଭୂତି ଦେବ। ମେଟରର ଫାଉଣ୍ଡର ତଥା ସିଟିଓ କୁମାର ପ୍ରସାଦ ତେଲିକେପାଲି କହିଛନ୍ତି, ଆଏରା ଭାରତୀୟ ଇଞ୍ଜିନିୟରମାନଙ୍କ ଦ୍ୱାରା ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଡିଜାଇନ କରାଯାଇଛି। ନନ୍ଦ ମୋଟର୍ସର ପ୍ରିନ୍ସିପାଲ ହେଡ୍ ନିଶୀଥ୍ ରଞ୍ଜନ ନନ୍ଦ କହିଛନ୍ତି, ଭୁବନେଶ୍ୱରରେ ଏହି ବାଇକ ପରିବେଶ ଅନୁକୂଳ ଗତିଶୀଳତା ଆଣିବ। ଆଏରା ୫୦୦୦+ରେ ୪ସ୍ପିଡ ଗିଅର, ଲିକୁଇଡ-କୁଲ୍ଡ ଇଞ୍ଜିନ, ୭ ଇଞ୍ଚ ଟଚ୍ ସ୍କ୍ରିନ, ୧୭୨ କିମି ରେଞ୍ଜ ସହିତ ୫ କିଲୋୱାଟ ବ୍ୟାଟେରି, ୨.୮ ସେକେଣ୍ଡରେ ୦-୪୦ କିମି/ଘଣ୍ଟା ବେଗ ଧରିବା ସହ ଏବିଏସ ସହିତ ଡୁଆଲ ଡିସ୍କ ବ୍ରେକ, ସ୍ମାର୍ଟ ପାର୍କିଂ, ମୋବାଇଲ ଆପ ଓ ଲାଇଫଟାଇମ ବ୍ୟାଟେରି ୱାରେଣ୍ଟି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମେଟରର ଭାଇସ୍ ପ୍ରେସିଡେଣ୍ଟ(ମାର୍କେଟିଂ) ସନ୍ତୋଷ ଦେଶମୁଖ, ଏରିଆ ସେଲସ୍ ମ୍ୟାନେଜର ଦୀପକ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ମେଟର ଇ-ବାଇକ୍‌ର ପ୍ରଥମ ଡିଲର ନନ୍ଦ ମୋଟର୍ସ

ଭୁବନେଶ୍ୱର,୫।୧୦

ବରମୁଣ୍ଡା ଆଇଏସବିଟିସ୍ଥିତ ନନ୍ଦ ମୋଟର୍ସର ଉଦଘାଟନ ତଥା ମେଟର ମୋଟରର ଆଧୁନିକ ଇଲେକ୍ଟ୍ରିକ ବାଇକ 'ଆଏରା' ଓଡ଼ିଶା ବଜାର ପ୍ରବେଶ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ କରାଯାଇଛି। ନନ୍ଦ ମୋଟର୍ସ ପକ୍ଷରୁ ନିଶୀଥ୍ ରଞ୍ଜନ ନନ୍ଦ, ସ୍ଥାନୀୟ ବିଧାୟକ ବାବୁ ସିଂ, ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ ଏବଂ ଶ୍ରୀମୟୀ ମିଶ୍ର ପ୍ରମୁଖ ଏହାର ଶୁଭାରମ୍ଭ କରିଥିଲେ। ଏହା ଓଡ଼ିଶାର ପ୍ରଥମ ମେଟରର ଶୋ'ରୁମ୍। ଆଏରାର ବଜାର ମୂଲ୍ୟ ୨ଲକ୍ଷ ୧୦ ହଜାର ହୋଇଥିବାବେଳେ ବଜାର ପ୍ରବେଶ ଅବସରରେ କମ୍ପାନୀ ପକ୍ଷରୁ ୧୫ହଜାର ଟଙ୍କାର ରିହାତି ଘୋଷଣା କରାଯାଇଛି। ଇଏମ୍‌ଆଇ ସୁବିଧା ସହ ଗ୍ରାହକ ଏହା କ୍ରୟ କରିପାରିବେ। ଏହି ବାଇକ୍‌ରେ ଲେସ୍ ଲକ୍, ଆଧୁନିକ ବାଇ ଫୋକାଲ ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ମେଟରଭର୍ସ ଆପ୍, ୩.୫ ଲିଟର ଷ୍ଟୋରେଜ୍ ସ୍ପେସ୍, ପ୍ରୋ ଫୋମ୍ ସିଟ୍ ଆଦି ରହିଛି। ଏହା କସମିକ୍ ବ୍ଲୁ, କସମିକ୍ ବ୍ଲାକ୍, ନର୍ଡ ଗ୍ରେ, ଗ୍ଲାସିଅର୍ ହ୍ୱାଇଟ୍ ଏବଂ ବ୍ଲେଜ୍ ରେଡ୍ ଆଦି ୫ଟି ରଙ୍ଗରେ ଉପଲବ୍ଧ।



ବରମୁଣ୍ଡାରେ ଅତିଥିମାନେ ନନ୍ଦ ମୋଟର୍ସର ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି।

# ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ର ସମାବେଶୀ ଶକ୍ତି, ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୧୦

ଓଡ଼ିଶାରେ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡିକ ବର୍ଷକ ମଧ୍ୟରେ ସେମାନଙ୍କର ସମାବେଶୀ ବିକାଶ କାର୍ଯ୍ୟକ୍ରମ ରାଜ୍ୟ ସାରା ମହିଳା, କାରିଗର ଏବଂ ଅବହେଳିତ ଗୋଷ୍ଠୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ୧୨ ଲକ୍ଷ ମହିଳାଙ୍କ ମଧ୍ୟରେ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଜୀବିକା ନିର୍ବାହ ଏବଂ ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡ଼ିକୁ ବିଦ୍ୟୁତୀକରଣ କରିବା ପର୍ଯ୍ୟନ୍ତ ଏହି ମିଶନ କାର୍ଯ୍ୟ କରୁଛି। ଭୁବନେଶ୍ୱରର ଅନୁନ୍ନତ ବସ୍ତି ଏବଂ ବାଲେଶ୍ୱର, ମୟୂରଭଞ୍ଜ ଏବଂ କେଉଁଝରର ବିଭିନ୍ନ ଗ୍ରାମର ୩୫୦୦ରୁ ଅଧିକ ମହିଳା ଅତ୍ୟାବଶ୍ୟକ କମ୍ପ୍ୟୁଟର ଦକ୍ଷତା ଏବଂ ଡିଜିଟାଲ୍ ସାକ୍ଷରତା ହାସଲ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ୍ ସାକ୍ଷରତା ହାର ବଢାଇ ମହିଳାମାନଙ୍କୁ ଏକ ଆଧୁନିକ ଅର୍ଥନୀତିରେ ଯୋଗଦାନ ପାଇଁ ପ୍ରସ୍ତୁତ କରୁଛି। ତାଳପତ୍ର ଖୋଦନ ଏବଂ ପଟ୍ଟଚିତ୍ର ଚିତ୍ରକଳା କ୍ଷେତ୍ରରେ ୩୪୦ ଜଣ କାରିଗରଙ୍କୁ ସଶକ୍ତ କରି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ପୁନର୍ଜୀବିତ କରୁଛନ୍ତି। ଦକ୍ଷ କାରିଗରଙ୍କ ମାର୍ଗଦର୍ଶନ, ବଜାର ସଂଯୋଗ ଏବଂ ଇ-କମର୍ସ ପ୍ଲାଟଫର୍ମରେ ପ୍ରବେଶ ଦ୍ୱାରା ଏହି କାରିଗରମାନଙ୍କ ପରିବାରର ଆୟରେ ୩୦ରୁ ୪୦% ବୃଦ୍ଧି ହୋଇଛି। ମହିଳାମାନଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସବୁଜ ଉଦ୍ୟୋଗୀ ଭାବରେ ଉଭା ହୋଇଛନ୍ତି, ସେମାନେ ପରିବେଶ ଅନୁକୂଳ ଝୋଟ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଯାହା ସ୍ଥାନୀୟ ବଜାର ଏବଂ ସଂସ୍ଥାଗତ କ୍ରେତାମାନଙ୍କ ପାଖରେ ବିକ୍ରି ହେଉଛି। ସାରା ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମିଟର ରିଡିଂ, ବିଲିଂ ଏବଂ ବିଲ୍ ସଂଗ୍ରହ ଭୂମିକାରେ ୨୦୦୦ରୁ ଅଧିକ ମହିଳା ନିୟୋଜିତ ଅଛନ୍ତି। ଏହି ପରିବର୍ତ୍ତନ ଆଦିବାସୀ ଅଞ୍ଚଳରେ ମଧ୍ୟ ହୋଇପାରିଛି। ମୟୂରଭଞ୍ଜ, କନ୍ଧମାଳ ଏବଂ ରାୟଗଡ଼ା ଆଦି ଜିଲାଗୁଡ଼ିକରେ, ୨୦୦ଟି ଦୁର୍ଗମ ଗାଁରେ ବିଦ୍ୟୁତ୍ ସଂଯୋଗ ଉପଲବ୍ଧ ହୋଇପାରିଛି। ଏହା ଦ୍ୱାରା ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର, ଛୋଟ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ହୋଇପାରିଛି।

# ଓଡ଼ିଶାରେ ଜିଓ ପକ୍ଷରୁ ୨ଜି ମୁକ୍ତ ଭାରତ ଅଭିଯାନ

ଭୁବନେଶ୍ୱର,୫।୧୦




ରିଲାଏନ୍ସ ଜିଓ ପକ୍ଷରୁ '୨ଜି ମୁକ୍ତ ଭାରତ' ଅଭିଯାନର ଅଂଶ ଭାବରେ ଓଡ଼ିଶାରେ ଗ୍ରାହକମାନଙ୍କୁ ୨ଜି ରୁ ୪ଜିକୁ ଅପଗ୍ରେଡ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ଏହି ଦୀପାବଳିରେ ଜିଓ ଭାରତ ମୋବାଇଲ ଫୋନ୍ ମାତ୍ର ୬୯୯ ଟଙ୍କାରୁ ଆରମ୍ଭ ହୋଇ ବେଶ୍ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। କମ୍ପାନୀ ରାଜ୍ୟର ୯୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଏପର୍ଯ୍ୟନ୍ତ ୨ଜି ନେଟୱର୍କ ବ୍ୟବହାର କରୁଛନ୍ତି। ଜିଓ କେବଳ ଅତ୍ୟାଧୁନିକ ୪ଜି ପ୍ରଯୁକ୍ତି ବ୍ୟବହାର କରି ଡିଜିଟାଲ ଇଣ୍ଡିଆର ରୋଡମ୍ୟାପକୁ ଆଗକୁ ବଢ଼ାଉଛି। ଓଡ଼ିଶାରେ ଜିଓ ଭାରତ ଫୋନ ଦ୍ରୁତଗତିରେ ଲୋକପ୍ରିୟତା ହାସଲ କରୁଛି, କାରଣ ଏହାର ମାସିକ ରିଚାର୍ଜ ସବୁଠାରୁ ଶସ୍ତା ରହିଛି। ଗ୍ରାହକମାନଙ୍କୁ ୨୮ ଦିନର ବୈଧତା ରହିଥିବା ପ୍ଲାନ ପାଇଁ କେବଳ ୧୨୩ ଟଙ୍କା ଦେବାକୁ ପଡିବ। ଏହି ସୁଲଭ ପ୍ଲାନରେ ଦୈନିକ ୦.୫ ଜିବି ଲେଖାଏଁ ୧୪ ଜିବି ଡାଟା ଏବଂ ଅସୀମିତ କଲିଂ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ଅନ୍ୟ ଟେଲିକମ କମ୍ପାନୀଗୁଡ଼ିକର ସମାନ ଅବଧି ପ୍ଲାନ ସର୍ବନିମ୍ନ ୧୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ସେଥିରେ ମାତ୍ର ୨ଜିବି ଡାଟା ମିଳିଥାଏ। ଏହିଭଳି ଦେଖିଲେ ଜିଓ ଭାରତ ରିଚାର୍ଜ ମୂଲ୍ୟ ଅନ୍ୟ ଅପରେଟରମାନଙ୍କ ତୁଳନାରେ ୩୮ ପ୍ରତିଶତ ଶସ୍ତା ରହିଛି। ଏହାଦ୍ୱାରା ଗ୍ରାହକମାନେ ପ୍ରତିମାସ ଅନ୍ୟୂନ ୭୬ ଟଙ୍କା ସଞ୍ଚୟ କରିପାରିବେ ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ଭାରତ ବାର୍ଷିକ ପ୍ଲାନ ମଧ୍ୟ ଉପଲବ୍ଧ ରହିଛି, ଯାହା ପାଇଁ ଗ୍ରାହକମାନଙ୍କୁ କେବଳ ୧୨୩୪ ଟଙ୍କା ଦେବାକୁ ପଡିବ। ଜିଓ ଭାରତ ଫୋନ ସୁଲଭ ଇଣ୍ଟରନେଟ ସୁବିଧା ପ୍ରଦାନ କରିବା ସହିତ ମନୋରଞ୍ଜନ ଏବଂ ଦୈନନ୍ଦିନ ଆବଶ୍ୟକତାଗୁଡିକୁ ମଧ୍ୟ ପୂରଣ କରିଥାଏ। ଗ୍ରାହକମାନଙ୍କୁ ଜିଓ ହଟଷ୍ଟାର ସବସ୍କ୍ରିପସନ, ଜିଓ ସାଭନରେ ୮ କୋଟିରୁ ଅଧିକ ଗୀତର ଉପଲବ୍ଧତା ଏବଂ ଜିଓ ଟିଭିରେ ୬୦୦ରୁ ଅଧିକ ଚ୍ୟାନେଲ ଦେଖିବାର ସୁବିଧା ମିଳିଥାଏ। ଏହା ସହିତ ଜିଓ ଭାରତ ଫୋନରେ ଜିଓ ପେ ଜରିଆରେ ଗ୍ରାହକମାନେ ୟୁପିଆଇ ଟଙ୍କା ଦେଣନେଣ କରିପାରିବେ। ବ୍ୟବସାୟ ଏବଂ ଦୋକାନୀମାନଙ୍କ ସୁବିଧା ପାଇଁ ଜିଓ ପକ୍ଷରୁ ମାଗଣା ଜିଓ ସାଉଣ୍ଡ ପେ ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି।

# ଜୟପୁର ବଜାରକୁ ଆସିଲା ମାରୁତି ସୁଜୁକି ଭିକ୍ଟୋରିସ

ଭୁବନେଶ୍ୱର,୫।୧୦




ଜୟପୁର ଲିଜେଣ୍ଡ କାର୍ ପକ୍ଷରୁ ରବିବାର ମାରୁତି ସୁଜୁକିର ନୂତନ ଏସ୍‌ୟୁଭି ଭିକ୍ଟୋରିସ ଜୟପୁର ବଜାରରେ ପ୍ରବେଶ କରିଛି। ସିନେପ୍ଲେକ୍ସ ବିଲ୍ଡିଂରେ ଥିବା ଏହି ଶୋ' ରୁମ୍‌ର ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଲିଜେଣ୍ଡ କାର ପ୍ରତିଷ୍ଠାତା ଅଶୋକ ଅଗ୍ରୱାଲ, ମପବନ ଅଗ୍ରୱାଲ, ଏହି ଗାଡିର ପ୍ରଥମ ଗ୍ରାହକ ସ୍ୱସ୍ତିକ କୁମାର ମୁନୀ ଉପସ୍ଥିତ ରହି ଗାଡିର ଅନାବରଣ କରିଥିଲେ। ଏହି କାରଟି ନିଶ୍ଚିତ ଭାବରେ ଗ୍ରାଣ୍ଡ ଭିଟାରା ଭଳି ଦେଖାଯାଉଥିଲେ ବି କିଛି ଭିନ୍ନତା ରହିଛି। ଗ୍ରାଣ୍ଡ ଭିଟାରା ନେକ୍ସା ଆଉଟଲେଟ ମାଧ୍ୟମରେ ବିକ୍ରି ହେଉଥିବା ବେଳେ ଭିକ୍ଟୋରିସ ଆରେନା ଡିଲରଶିପରେ ଉପଲବ୍ଧ। ଏହାର ଅର୍ଥ ହେଉଛି ଯେ ଭିକ୍ଟୋରିସ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିପାରିବ। ମାରୁତି ଭିକ୍ଟୋରିସର ଡିଜାଇନ ବିଷୟରେ କହିବାକୁ ଗଲେ ଏଥିରେ ପତଳା ଏବଂ ଚଉଡା ହେଡଲ୍ୟାମ୍ପ ଏବଂ ୧୭ ଇଞ୍ଚ ଆଲଏ ହ୍ୱିଲ ରହିଛି। ଯଦିଓ ଆକାର ଗ୍ରାଣ୍ଡ ଭିଟାରା ସହିତ ସମାନ ଦେଖାଯାଉଛି ମାତ୍ର ନୂତନ ଷ୍ଟାଇଲିଂ ଏହାକୁ ଅଧିକ ଆକର୍ଷଣୀୟ କରିଛି। ମାରୁତି ସୁଜୁକି ଅନେକ ପାୱାରଟ୍ରେନ ବିକଳ୍ପ ସହିତ ଭିକ୍ଟୋରିସ ପ୍ରଚଳନ କରିଛି। ଏଥିରେ ୧.୫ ଲିଟର ମାଇଲ୍ଡ ହାଇବ୍ରିଡ ପେଟ୍ରୋଲ ଇଞ୍ଜିନ ରହିଛି, ଯାହା ମାନୁଆଲ ଏବଂ ସ୍ୱୟଂଚାଳିତ ଗିଅରବକ୍ସ ବିକଳ୍ପ ସହିତ ଆସିଛି। ଏହା ବ୍ୟତୀତ ଏଥିରେ ଏକ ଶକ୍ତିଶାଳୀ ହାଇବ୍ରିଡ ପାୱାରଟ୍ରେନ ମଧ୍ୟ ଅଛି। ଯାହା ଇସିଭିଟି ଗିଅର ବକ୍ସ ସହିତ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି। ଏହାର ମୂଲ୍ୟ ୧୦.୫ ଲକ୍ଷରୁ ୧୯.୯୯ ଲକ୍ଷ ଟଙ୍କା ରହିଛି।

# ବସ୍ତରରେ ୧୦ ହଜାର ରେଡିଓ ସେଟ୍ ବାଣ୍ଟିଲା ସିଆର୍‌ପିଏଫ୍

**ଲୋକଙ୍କୁ ମାଓବାଦୀ ବିଚାରଧାରାରୁ ଦୂରେଇ ରଖିବା ଉଦ୍ଦେଶ୍ୟ**

ନୂଆଦିଲ୍ଲୀ/ବିଜାପୁର, ୫ା୧୦ (ପି.ଟି.)

ଛତିଶଗଡ଼ ବସ୍ତର ଅଞ୍ଚଳର ସୁଦୂର ମାଓବାଦୀ ହିଂସା ପ୍ରଭାବିତ ଅଞ୍ଚଳରେ ଜାତୀୟ ଚିନ୍ତାଧାରାର ପ୍ରଚାର ଓ ପ୍ରସାର ଏବଂ ସ୍ଥାନୀୟ ଲୋକଙ୍କୁ ମାଓବାଦୀ ଚିନ୍ତାଧାରାରୁ ଦୂରେଇ ରଖିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ୧୦ ହଜାରରୁ ଅଧିକ ରେଡିଓ ସେଟ୍ ବଣ୍ଟନ କରାଯାଇଛି। ଦିଲ୍ଲୀରେ ସିଆର୍‌ପିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ଏନେଇ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରାରମ୍ଭରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୧.୭୨ କୋଟି ଟଙ୍କାର ବଜେଟ ଆବଣ୍ଟନ ସହ ବସ୍ତର ଅଞ୍ଚଳର ୭ ଜିଲାରେ ସ୍ୱତନ୍ତ୍ର ନାଗରିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ସ୍ଥାନୀୟ ଲୋକଙ୍କୁ ରେଡିଓ ସେଟ୍ ପ୍ରଦାନ କରାଯାଉଛି। ରାଜ୍ୟର ବିଜାପୁର ଜିଲାରେ ଅବସ୍ଥାପିତ ସିଆର୍‌ପିଏଫ୍‌ର ଏକ କମାଣ୍ଡର କହିଛନ୍ତି, ଅଞ୍ଚଳର ଦୁର୍ଗମ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ଅର୍ଦ୍ଧସାମରିକ ବାହିନୀର ୧୮୦ କମ୍ପାନୀ ଦ୍ୱାରା ୧୦,୦୦୦ ରେଡିଓ ସେଟ୍ ବଣ୍ଟନ କରାଯାଉଛି। ପ୍ରତି କମ୍ପାନୀ ପକ୍ଷରୁ ମୋଟ ୬୦ଟି ରେଡିଓ ବଣ୍ଟନ କରାଯାଉଛି। ସ୍ଥାନୀୟ ଲୋକ, ଆଦିବାସୀ ଏବଂ ଗ୍ରାମବାସୀମାନଙ୍କୁ ଦେଶର ମୁଖ୍ୟସ୍ରୋତ ସହ ଯୋଡ଼ିବା ଏହି ରେଡିଓ ବଣ୍ଟନ ଅଭିଯାନର ଲକ୍ଷ୍ୟ ହୋଇଥିବା ସେ କହିଛନ୍ତି। ସିଆର୍‌ପିଏଫ୍‌ର କର୍ମୀମାନେ ସ୍ଥାନୀୟ ଲୋକଙ୍କୁ ରେଡିଓରେ ପ୍ରସାରିତ ହେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କୀ ବାତ୍'



ସମ୍ବୋଧନ ସହ ବିଭିନ୍ନ ସରକାରୀ ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଉଛନ୍ତି। ସେହିପରି ବସ୍ତରର ଦୁରଦୁରାନ୍ତ ସ୍ଥାନରେ ଅଧିକ ରେଡିଓ ଟାୱାର ସ୍ଥାପନ କରିବା ପାଇଁ ସିଆର୍‌ପିଏଫ୍ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ବସ୍ତରର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ରାଜ୍ୟ ଏବଂ ଦେଶରେ କ'ଣ ଘଟୁଛି ସେନେଇ ବିନା ସମସ୍ୟାରେ ରେଡିଓ ମାଧ୍ୟମରେ ଶୁଣିପାରିବେ। ଲୋକଙ୍କୁ ବଣ୍ଟନ କରାଯାଉଥିବା ଏହି ରେଡିଓଗୁଡ଼ିକୁ ସିଧାସଳଖ ଭାବେ ଶୁଷ୍କ ବ୍ୟାଟେରି ସାହାଯ୍ୟରେ କିମ୍ବା ବିଦ୍ୟୁତ୍ ବୋର୍ଡ ସଂଯୋଗ ମାଧ୍ୟମରେ ବ୍ୟବହାର କରାଯାଇ ପାରିବ। ପ୍ରତ୍ୟେକ ରେଡିଓ ସେଟ୍‌ର ମୂଲ୍ୟ ୧,୫୦୦ ଟଙ୍କା ହୋଇଥିବାବେଳେ ଏହା ଏଫ୍‌ଏମ୍, ଏମ୍‌ଡବ୍ଲ୍ୟୁ ଏବଂ ଏସ୍‌ଡବ୍ଲ୍ୟୁ ମୋଡ୍‌କୁ ସପୋର୍ଟ କରୁଥିବା ସେ କହିଛନ୍ତି।

# ଭାସ୍କର୍ଯ୍ୟଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଦିଆଯାଇଥିଲା ଶିଳ୍ପୀ ନାୟକ ଉପାଧି

## ସୂକ୍ଷ୍ମ କାରୁକାର୍ଯ୍ୟମୟ କୋଣାର୍କ ଚକ୍ରର ନକ୍ସା ପ୍ରସ୍ତୁତ କରିଥିଲେ

ଐତିହ୍ୟର ଓଡ଼ିଶା



ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ଶ୍ରୀରାମଚନ୍ଦ୍ରଙ୍କର ବିବାହ-ଉତ୍ସବ ବିଗ୍ରହ ପ୍ରସଙ୍ଗ ଆମେ ଲେଖିଥିଲୁ। ଶିଳ୍ପୀ ଗଦାଧର ମହାପାତ୍ରଙ୍କ ନିର୍ମିତ ଏହି ବିଗ୍ରହଙ୍କୁ ଦେଖି ଶିବେଇ ସାମନ୍ତରା ଏତେ ଖୁସି ହୋଇଥିଲେ ଯେ, ଦୁଇ ଭରିର ଦୁଇଟି କୁଣ୍ଡଳ ଉପହାର ଦେବା ପାଇଁ ଘୋଷଣା କରିଥିଲେ। କଥା ଯାଇ ଗଜପତିଙ୍କ କାନରେ ପଡ଼ିଲା। ଶିବେଇ ସାମନ୍ତରା ଖୁସି ଉପରେ ତାଙ୍କର ଖୁବ୍ ଭରସା ଥିଲା। ରାଜକାର୍ଯ୍ୟ ଯୋଗୁ କୋଣାର୍କ ଆସିବା ସମ୍ଭବ ହେଲା ନାହିଁ। ରାଜସଭାରେ ଘୋଷଣା କରାଗଲେ- ଶିଳ୍ପୀ ଗଦାଧରଙ୍କୁ 'ଶିଳ୍ପୀ ନାୟକ' ଉପାଧି ଦିଆଯାଉ। ଭୁବନେଶ୍ୱର ରାଜଗୁରୁ ମହାଶୟଙ୍କ ପକ୍ଷରୁ ଉପାଧି ପ୍ରଦାନ କରିବେ। ଶିଳ୍ପୀଙ୍କ ମୁଣ୍ଡରେ ପଗଡ଼ି ବନ୍ଧାଯିବ ଏବଂ ଦୁଇଟି ଖୁଲା କୁଣ୍ଡଳ ଉପହାର ଦିଆଯିବ। ତାହା ହୋଇଥିଲା। ସ୍ମରଣଯୋଗ୍ୟ ଯେ, ମନ୍ଦିର ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରସ୍ତୁତି ସମୟରେ ସୂତ୍ରଧର ସଦାଶିବ ସାମନ୍ତରାଏ ଗଜପତିଙ୍କ ଅନୁମୋଦନ କ୍ରମେ ଶିଳ୍ପୀ ଗଦାଧରଙ୍କୁ 'କାର୍ଯ୍ୟକାରୀ ସ୍ଥପତି' ରୂପେ ଘୋଷଣା କରିଥିଲେ। ଶିଳ୍ପୀ ଗଦାଧର ହିଁ ମନ୍ଦିର ନିର୍ମାଣ ସ୍ଥାନ ଓ ଜଗମୋହନ ସ୍ଥାନ ନିରୂପଣ କରି ମପାଚୁପା କରିଥିଲେ। ପ୍ରଥମେ ଚିହ୍ନ ସେ ଦେଇଥିଲେ। ଶିବେଇ ସାମନ୍ତରା ତାହା ପରୀକ୍ଷା ନିରିକ୍ଷା ପରେ ଗଦାଧରଙ୍କ ଚିହ୍ନିତ ସ୍ଥାନକୁ ଗ୍ରହଣ କରିଥିଲେ। ଶିଳ୍ପୀ ଗଦାଧରଙ୍କ ଅବଦାନ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହାର ଠିକ୍ ଆକଳନ କରି ଆମେ ଇତିହାସରେ ଦରଜ କରିପାରିନେ। ସେଥିପାଇଁ ବାହାରିଆ ଇତିହାସକାର ଭାବି ବସିଲେ ଓଡ଼ିଆ ଶିଳ୍ପୀ ମନ୍ଦିର ନିର୍ମାଣ କରିନାହାନ୍ତି। କୋଣାର୍କ ଚକ୍ର ଆଜି ବିଶ୍ୱପ୍ରସିଦ୍ଧ। ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ସେତିକି ସୂର୍ଯ୍ୟଙ୍କ ଗତିବିଧି, ସମୟ ନିର୍ଦ୍ଧାରଣ ଓ ଜ୍ୟୋତିର୍ବିଜ୍ଞାନ ପାଇଁ ମଧ୍ୟ ସେତିକି ପ୍ରସିଦ୍ଧ। ଏହାର ନକ୍ସା ପ୍ରଥମେ ପ୍ରସ୍ତୁତ କରିବା ପାଇଁ ଗଦାଧରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ହିଁ ପ୍ରଥମ ନକ୍ସା ଗଜପତିଙ୍କ ସାମନାରେ ଦାଖଲ କରିଥିଲେ।

ମନ୍ଦିରର ସାକରାପଟାରେ ଶ୍ରୀରବିନାରାୟଣଙ୍କର ଚାରିହାତ ଉଚ୍ଚତା ବିଶିଷ୍ଟ ବସିବା ବିଗ୍ରହ ଓ ଠିଆହେବା ବିଗ୍ରହ ନିର୍ମାଣ କରିଥିଲେ ଗଦାଧର। କେବଳ ସେତିକି ନୁହେଁ, ମିଥୁନ ଚିତ୍ରଗୁଡ଼ିକର ପ୍ରକ୍ରିତି ନିର୍ମାଣ କରିବା ପରେ ଶିବେଇ ସାମନ୍ତରା ମୁଖଶାଳାର ପ୍ରାଚୀର ନିର୍ମାଣ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ। ମନ୍ଦିରର ଉତ୍ତର ଦିଗର ସମସ୍ତ ମୂର୍ତ୍ତି ଓ ଦକ୍ଷିଣ ଦିଗର ସମସ୍ତ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ଗଦାଧରଙ୍କୁ ଦିଆଯିବା ପରେ ସେ ମୁଖ୍ୟ କୁଳପତି ସାଥୀରେ ଗୋଷ୍ଠୀର ବାଛି ବାଛିନିଜଣ କାରିଗରଙ୍କୁ ସାଙ୍ଗରେ ନେଇଥିଲେ। ନିଶା ମନ୍ଦିରର ସୂକ୍ଷ୍ମ କାମ ପାଇଁ ଶିଳ୍ପୀ ଗଦାଧର ସାଙ୍ଗରେ ଗଙ୍ଗା ମହାପାତ୍ରଙ୍କୁ ନେଇଥିଲେ। ଆରେ ବିଶୁ ମହାରଣାଙ୍କ ନାମ ଅନେକ ପ୍ରସିଦ୍ଧ ଥିବାର ଜାଣିଛେ। ବିଶୁ ମହାରଣାଙ୍କ ନାମ ସ୍ଥଳ ବିଶେଷରେ ବିଶି ମହାରଣା ଉଲ୍ଲେଖ ଥିବାର ଦେଖାଯାଉଛି। ନିର୍ମାଣ କାର୍ଯ୍ୟରେ ତାଙ୍କର ଅବଦାନ ରହିଥିଲା। ବିଶୁ ମହାରଣାଙ୍କର ଗୋଟିଏ ପ୍ରସିଦ୍ଧ ବିଗ୍ରହ ତଳକୁ ଆସେ। ଗଜପତିଙ୍କ ୧୧ ଅଙ୍କ ଆରମ୍ଭ ଦିନ ଅର୍ଥାତ୍ ଶୁନିଆଁ ଦିନ ଗଜପତିଙ୍କର ଏକ ପଥର ପ୍ରତିମୂର୍ତ୍ତି ନିର୍ମାଣ କରି ଉପହାର ସ୍ୱରୂପ ପଠାଇଥିଲେ, ମାତ୍ର ଗଦାଧର ଏକାଧିକ ନିର୍ମାଣ କାର୍ଯ୍ୟରେ ଜଡ଼ିତ ଥିଲେ। ମନ୍ଦିର ନିର୍ମାଣ ଆରମ୍ଭଠାରୁ ଏ ପର୍ଯ୍ୟନ୍ତ ଆମେ ଆଠଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ କଥା ଜାଣିଲେ। ଆଗକୁ ଆଲୋଚନା କାଳରେ ଜାଣିପାରିବା ନମସ୍ୟ ଗଦାଧର ଆହୁରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ମୁଖଶାଳାର ଅନୁରୂପ ଶିଖରରେଖିକୁ ଗଦାଧରଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିଲା। ସାଙ୍ଗରେ ଧର୍ମପଦଙ୍କର କକା ନିଧି ମହାପାତ୍ର, ରାମ ମହାରଣାଙ୍କ ସମେତ ୧୧ଜଣଙ୍କୁ ସାଙ୍ଗରେ ନେଇଥିଲେ। ପ୍ରାଚୀରର ପଶ୍ଚିମ ଓ ଦକ୍ଷିଣ ପଟ ଗଣ୍ଡିରେ ଲାଗିଥିବା ସିଂହ ଥିଲେ ଗଦାଧରଙ୍କ କୃତୀ। ତଉଦଣ୍ଡ ପଥିରିଆ ତାଙ୍କୁ ଆନୁଷଙ୍ଗିକ ଭାବରେ ସହଯୋଗ କରିଥିଲେ। କୋଣାର୍କ ମନ୍ଦିରରେ ତିନୋଟି ଦିଗପାଳ ବିଗ୍ରହ ଖଞ୍ଜା ଯାଇଥିଲା। ଶାସ୍ତ୍ର ଅନୁଯାୟୀ ଦିଗପାଳ ବିଗ୍ରହଙ୍କର ନିର୍ମାତା ଥିଲେ ଗଦାଧର। ଗର୍ଭଗଣ୍ଡିରେ ବଜ୍ରମୁଣ୍ଡିଆ ଖୋଦେଇ ଥିଲା କଷ୍ଟସାଧ୍ୟ କାମ। ଫାଙ୍କାରେ ଭାରା ଉପରେ ବସି ଖୋଦେଇ କରିବାକୁ ପଡ଼ୁଥିଲା। ତଉଦଣ୍ଡ ପାଇକପଥିଆଙ୍କୁ ନେଇ ଶିଳ୍ପୀ ଗଦାଧର ଏହାକୁ ପାଣ୍ଡିତ୍ୟର ସମାପ୍ତ କରିଥିଲେ। ଦ୍ୱିତୀୟ ପାଚ୍ଚରେ ୧୬ଟି ଛୋଟ କନ୍ୟାମୂର୍ତ୍ତି ଲଗାଯାଇଥିଲା। ନାରାୟଣ ମହାପାତ୍ରଙ୍କ ସହିତ ଗଦାଧର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଆମେ ଭାସ୍କର୍ଯ୍ୟ ଶିଳ୍ପୀ ଗଦାଧରଙ୍କର ତେରଟି ଅବଦାନ ସ୍ମରଣ କଲେ। ଆଗକୁ ଆଲୋଚନା କଲେ ଜାଣିପାରିବା 'ଶିଳ୍ପୀ ନାୟକ' ଉପାଧି ଦେବାର ସାର୍ଥକତା।


**O/O THE DIVISIONAL FOREST OFFICER-CUM-DMU CHIEF**
**SUNDARGARH FOREST DIVISION, SUNDARGARH**
At/PO/Dist - Sundargarh, Pin - 770001, Odisha

**HIRING OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT, PHASE-II (OFSDP-II)**

**No.MM-211** : Divisional Forest Officer-cum-DMU Chief, Sundargarh Forest Division invite application from suitable candidates for the following position under Sundargarh Forest Division, for working in the Odisha Forestry Sector Development Project, Phase-II.

| Forest Division | Name of the Post | Vacancy |
|---|---|---|
| Sundargarh | **FMU-Coordinator** (Training & Process Documentation) | 1 |
| | **FMU-Coordinator** (Micro Planning & Livelihood Support) | 1 |

Interested candidates may obtain Term of Reference and the Application Form from O/o the Divisional Forest Officer-cum-DMU Chief, Sundargarh Forest Division, during the office hours or may download from the website http://ofsds.in/. Filled in application complete in all respect along with Bank Draft for Rs.500/- (Five hundred) in favour of Divisional Forest Officer-cum-DMU Chief, Sundargarh, payable at Sundargarh, should reach O/o the Divisional Forest Officer-cum-DMU Chief, Sundargarh on or before 20.10.2025, 5.00 P.M by registry post/ speed post /courier only.

Sd./- Divisional Forest Officer-cum-DMU Chief
Sundargarh Forest Division
OIPR-08034/11/0019/2526

GOVERNMENT OF ODISHA No. B-579
**OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR**
Phone/Fax: 0680-2233996, e-mail: sernb2.ganjam@gmail.com
**INVITATION FOR BIDS (IFB) [e-Procurement]**
**TENDER CALL NOTICE**
**Bid Identification No. SC (R&B)-GM-II-16/2025-26**
No. Dated: 24.09.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single Cover System to be received in **ONLINE MODE** only for the work as detailed below:
2) Nature of Work : Road Work
3) No. of Work : 01 No.
4) Tender Cost : Rs.6,000/-
5) Class of Contractor : 'B' Class
6) Availability of bid documents in the website : From 06.10.2025 10.00 A.M. to 20.10.2025 4.00 P.M.
7) Date of opening of Bid : 22.10.2025 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9) The bidders must submit all the original uploaded documents within 03 days from opening of the tender.

(Sd./- S. Panigrahi)
Superintending Engineer
Ganjam (R&B) Division No. II
OIPR-34080/11/0034/2526

**DISTRICT PROJECT MANAGEMENT UNIT - ECRICC PROJECT**
**OFFICE OF THE DIVISIONAL FOREST OFFICER**
**PURI WILDLIFE DIVISION, CHAKRATIRTHA ROAD, PURI - 752002**
**Advertisement Notice for Engagement of Subject Matter Specialist-Fishery for "Enhancing Climate Resilience of Indian Coastal Communities (ECRICC)" Project under PURI (WL) Division, Puri**

No. MM-213: CVs in prescribed format are invited from the interested candidates for engagement as **Subject Matter Specialist** (SMS) in **fishery (1 Number)** for the above said project. The SMS will be based at District Project Management Unit (DPMU), O/o. DFO Puri (WL) Puri or at the project location as decided by the DFO Puri (WL). The person will be responsible for implementation of Project activities in the operational area. The initial period of engagement will be 1 (One) year with renewable in nature upon satisfactory performance. The detail ToRs, eligibility criteria, remuneration etc. are available at **www.puri.odisha.gov.in/ https://forest.odisha.gov.in/ https://wildlife.odisha.gov.in** from **5th Oct. 2025 till 15th Oct. 2025**.
The signed copy of the Application Format along with necessary documents must reach the **O/o. DFO Puri (WL) latest by 5 P.M. of 15th Oct. 2025** through **Registered or Speed Post only**. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing. The date, time and venue of the Selection Process will be intimated ONLY to the shortlisted candidates though E-mail provided by the candidate in the application format.
The undersigned reserves the right to accept or reject any or all applications or to postpone the selection process without assigning any reason thereof.

Sd./- Divisional Forest Officer
Puri Wildlife Division, Puri
OIPR-08140/11/0015/2526


# ବଜ୍ରପାତରେ ୯ ଗୋରୁ ମୃତ

କାମାକ୍ଷାନଗର,୫ା୧୦
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମ ବାଦାମଗୋଡା ନିକଟରେ ରବିବାର ଅପରାହ୍ଣରେ ବଜ୍ରପାତରେ ଶବରସାହିର ୯ଗୋରୁଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଶବରସାହିର ନର ଦେହୁରୀ, ସତ୍ୟାନନ୍ଦ ଦେହୁରୀ, ନାଟିସ ଦେହୁରୀ, ବାବୁଲି ଦେହୁରୀଙ୍କ ଗୋରୁ ଚରିବାକୁ ଯାଇଥିଲେ। ବର୍ଷା ହେବାରୁ ସେମାନେ ଗଛମୂଳେ ଆଶ୍ରୟ ନେଇଥିଲାବେଳେ ବଜ୍ରପାତ ହୋଇଥିଲା।

# ହାତୀ ଆକ୍ରମଣରେ ବାପା ମୃତ, ଉତ୍ତେଜନା

**ଅଳ୍ପକେ ବର୍ତ୍ତିଲେ ପୁଅ**

ଦେବଗଡ଼,୫ା୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧୀନ କଦଳୀପାଳ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତେବେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାରୁ ତାଙ୍କ ପୁଅ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, କୁଣ୍ଢେଇଗୋଲା ଥାନା ଅଧୀନ ପୋଡାଡିହି ଗ୍ରାମର ଈଶ୍ୱର ପେଣ୍ଢେଇ(୬୨) ଓ ତାଙ୍କ ପୁଅ ହେମନ୍ତ ପେଣ୍ଢେଇ (୩୦) ଏକ ବାଇକ୍‌ରେ ଗାଡ଼ପାଳ-ପୋଡାଡିହି ରାସ୍ତାଦେଇ ଘରକୁ ଫେରୁଥିଲେ। ତେବେ ସେମାନେ କଦଳୀପାଳ ଗ୍ରାମରେ ପହଞ୍ଚିବା ସମୟରେ ଏକ ଜଙ୍ଗଲୀ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ରାସ୍ତା ଉପରେ ହାତୀକୁ ଦେଖି ସେମାନେ ବାଇକ୍ ଛାଡ଼ି ଦୌଡ଼ିଥିଲେ। ହେଲେ ହାତୀ ସେମାନଙ୍କୁ ଗୋଡାଇଥିଲା। ଈଶ୍ୱରଙ୍କୁ ନିକଟସ୍ଥ ଧାନବିଲରେ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ହେମନ୍ତ ଦୌଡ଼ି ପଳାଇ ନିଜର ଜୀବନ ବଞ୍ଚାଇଥିଲେ। ଘଟଣା ପରେ କଦଳୀପାଳ ଏବଂ ନିକଟସ୍ଥ ପୋଡାଡିହି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ପାଇଁ ସେମାନେ ବନବିଭାଗର ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ କିମ୍ବା ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ମୃତଦେହ ଉଦ୍ଧାର ହୋଇପାରିନାହିଁ।


**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1413/2025 DATE : 03/10/2025

**NOTICE INVITING TENDER NATIONAL COMPETITIVE BIDDING**

**No.C-1201** : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Storm Water Drainage at P K Das Colony on Percentage Rate Basis | 2.44 Cr. |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 06.10.2025 to 23.10.2025 (up to 17:00 Hrs. IST). Pre- Bid Meeting will be held on 10.10.2025 at 12.30 P.M. in the Conference Hall of RSCL. For queries, intending bidder may contact Ar. Sarthak Sourav Rath, Architect, RSCL vide Phone No. 8984353513, Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited
OIPR-13080/11/0040/2526

**OFFICE OF THE SUPERINTENDENT SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**
Tel. No. 06852 252121 E-mail : supdtslnmchkpt.od@gov.in
No. 6454/2025 Dated : 04.10.2025

**CORRIGENDUM**

**No.E-422** : This is to inform all concerned that Annexure-II (Price Schedule) of the Tender Call Notice No-5889/04.09.2025 for Refilling of Medical Gases IP has been replaced with a revised format. Interested bidders are requested to refer to the updated Annexure-II while submitting their bids. Further, the last date for receipt of Tender Papers is hereby extended to 15.10.2025 and the Technical Bid and Financial Bid will be opened on 16.10.2025 at 12.00 P.M (Noon).

All other terms and conditions of the tender remain unchanged.

Sd./- Superintendent,
SLNMCH, Koraput
OIPR-10121/11/0041/2526

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
**INVITATION FOR BIDS (IFB)**
Letter No.2000, Date : 03.10.2025
No.CAD-1927
**NOTICE INVITATION FOR BIDS (NIFB)**
E-Procurement Notice No. BP-I/20/2025-26 dt.03.10.2025

1. Nature of Work : Civil, P.H, Interior & Electrical Works
2. Total No. of Works : 11 Nos.
3. Value of Works : From Rs.81,06,438.00 to 7,96,18,944.00
4. Bid Security : As per NIT
5. Class of Contractor : As per NIT
6. Period of Completion : 02 (Two) to 18 (Eighteen) Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer O.T.D.C., Ltd., Bhubaneswar | BP-I/20/2025-26 Dt.03.10.2025 | From 10.10.2025 | To 27.10.2025 | **11.30** Hours **of dt.28.10.2025** in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**

Sd./- Superintending Engineer
O.T.D.C. Ltd., Bhubaneswar
OIPR-37002/11/0119/2526

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
**Tender call Notice**
E-mail : pwdoffngd34@gmail.com
**Bid Identification No. S.E-Nayagarh (R&B) Division-Online 08/2025-26**

**No.B-575** : The **Superintending Engineer, Nayagarh (R&B) Division, Nayagarh** on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below :

| | | | |
|---|---|---|---|
| 1. | Nature of Work | : | Building Works |
| 2. | No of Work | : | 20 Nos |
| 3. | Tender Cost & EMD | : | To be remitted online through a process as mentioned in DTCN |
| 4. | Class of Contractor | : | As mentioned in DTCN |
| 5. | Available of Bid Document in the Website | : | From **Dt.06.10.2025** 11.00 A.M. to **Dt.16.10.2025** Up to 5.00 P.M. |
| 6. | Date of opening of Bid | : | Dt.17.10.2025 at 11.00 A.M. |
| 7. | The have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer,
Nayagarh (R&B) Division, Nayagarh
OIPR-34138/11/0027/2526

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail id: seccbbsr@gmail.com
**REQUEST FOR PROPOSAL No. 06 of 2025-26**
No. 5810 (Estg.) Bhubaneswar the 3rd Oct. 2025

No. B-580: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites item rate bid for Training Programme of Working Engineers to be received in online bidding, single cover system for improvement works as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 06.10.2025 to 5.00 P.M. of 13.10.2025. The bidders must possess compatible Digital Signature Certificate of Class-II or III. Bids received online shall be opened at 5.30 P.M. of 13.10.2025 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersodisha.gov.in**.
Addendum/Corrigendum, if required, will be available only in the website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0049/2526

No.C-1207
**CUTTACK MUNICIPAL CORPORATION**
**"e" PROCUREMENT NOTICE**
Tender ID : 2025_ORULB_116784
Tender Call Notice No. 13062 (PW) Date : 04.10.2025
&
Tender ID : 2025_ORULB_116786 (2 Bid)
Bid Value : Rs.5.65 Lakh to Rs.41.83 Lakhs &
Bid Value : Rs.59.28 Lakhs
Period of Completion : One Calendar Month to Three Calendar Month
Date and Time schedule :

| Start | End | Opening |
|---|---|---|
| 11.00 P.M. on dt.09.10.2025 | 5.00 P.M. on dt.20.10.2025 | 11.00 A.M. on dt.24.10.2025 |

Tender Details : Can be seen from the procurement portal : **www.tendersorissa.gov.in**

Sd./- Executive Engineer
City Division-III, CMC
OIPR-13031/11/0227/2526

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
**HOUSING & URBAN DEVELOPMENT DEPARTMENT, GOVT. OF ODISHA**
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL, JATANI**
ସ୍ଥାନ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା – ୭୫୨୦୫୦
At/P.S.: Jatani, Dist.: Khordha (Odisha), PIN - 752050
E-mail: municipalityjatni@gmail.com, Phone No. 0674-2490826
No. 5492/Jatni Date: 04.10.2025

**EXPRESSION OF INTEREST**

No. C-1208: Sealed quotations are invited from registered Architectural Firms/Reputed Firms having valid Income Tax, GST Registration Certificates and Company Registered Certificate for **Preparation of DPR of different projects in respect of Jatni Municipality** in two cover bid. The cover 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.1000/- (Rupees one thousand) and EMD of Rs.3,000/- (Rupees Three Thousand) in shape of Bank Draft/Cheque/Card transaction in favour of Executive Officer, Jatni Municipality payable at Jatni. The quotation will be received on or before Dt.16.10.25 at 3.00 P.M. and the bid will be opened at 4.00 P.M. in the presence of the bidders or their authorized representative. The details of quotation schedule available in office of undersigned or downloaded from **www.khordha.nic.in / www.jatnimunicipality.in**.
The undersigned reserves all rights to accept/reject any or all EOI without assigning any reason thereof.

Sd./- Executive Officer, Jatni Municipality
OIPR-13041/11/0053/2526

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 7021 / P.S.C., Dt. 04.10.2025**
**(1R-15-24/25) (DR-V)**
**Assistant Professor (Stage-I) in Physics**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of **116 (One hundred sixteen)** candidates having PPSAN mentioned below for the post of **Assistant Professor (Stage-I) in "Physics"**, pursuant to Advertisement No.27 of 2023-24 shall be held from **14.10.2025 to 18.10.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 14.10.2025 | 10.30 AM | P220088579, P240297893, P240301354, P240303070, P240309094, P240290893, P240313012, P220077808, P240306894, P230187139, P240300691, P240299270, P230178622 & P240305058 **= 14 Candidates** |
| | 2.30 PM | P240312943, P230179707, P240296281, P230179095, P240296291, P230176205, P240300264, P240308129, P240309075 & P230179913 **= 10 Candidates** |
| 15.10.2025 | 10.30 AM | P220039482, P240307976, P240307110, P230159159, P230176864, P240311016, P230177719, P240311903, P240306413, P240313284, P240302156, P240309710, P230175842 & P220082075 **= 14 Candidates** |
| | 2.30 PM | P240311132, P230187567, P230186134, P240296210, P230176204, P240313307, P230182899, P230186966, P240306432 & P230091128 **= 10 Candidates** |
| 16.10.2025 | 10.30 AM | P240301665, P240306758, P220084711, P240302431, P230174021, P240301761, P240304934, P230174072, P240305585, P240302159, P240311857, P230176106, P240308911 & P240306052 **= 14 Candidates** |
| | 2.30 PM | P240305907, P220088022, P230180376, P230181689, P240307902, P240301113, P230179133, P230186656, P220076692 & P240303840 **= 10 Candidates** |
| 17.10.2025 | 10.30 AM | P230178620, P240298115, P240308072, P240302719. P240308113, P240248669, P240302293, P240302766, P240303360, P230156379, P230181788, P230180846, P230182540 & P230174686 **= 14 Candidates** |
| | 2.30 PM | P230140402, P230150982, P240312113, P240303722, P230176138, P230106768, P230108411, P240307932, P230091974 & P240308933 **= 10 Candidates** |
| 18.10.2025 | 10.30 AM | P220075141, P240305755, P240312370, P230174707, P240255158, P240264675, P230178510, P240302755, P240297939, P240298470, P220041658, P240296232, P230180837 & P240238964 **= 14 Candidates** |
| | 2.30 PM | P230169078, P240296567, P240303838, P230159906, P240297468 & P220034408 **= 06 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0324/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଦର୍ଭ ଜିତିଲା ଇରାନୀ କପ୍

**ନାଗପୁର, ୫।୧୦ (ପି.ଟି.)**

ଅବଶିଷ୍ଟ ଭାରତ ଏକାଦଶକୁ ୯୩ ରନରେ ପରାସ୍ତ କରି ବିଦର୍ଭ ଇରାନୀ କପ୍ ଟାଇଟଲ ହାସଲ କରିଛି। ଯଶ ଧୁଲଙ୍କ ଚମତ୍କାର ୯୨ ରନ ସତ୍ତ୍ୱେ ବିଦର୍ଭ ବୋଲିଂ ବାହିନୀ ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ସେମାନେ ୯୩ ରନରେ ବିଜୟୀ ହୋଇ ଇରାନୀ କପ୍ ହାସଲ କରିପାରିଛନ୍ତି। ୩୬୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଅବଶିଷ୍ଟ ଭାରତ ଏକାଦଶ ରବିବାର ୫ମ ତଥା ଅନ୍ତିମ ଦିବସ ଖେଳର ଦ୍ୱିତୀୟ ସେସନରେ ୨୬୭ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ବାମହାତୀ ସ୍ପିନର ହର୍ଷ ଦୁବେ (୪/୭୩) ଓ ପେସର ଯଶ ଠାକୁର (୨/୪୭) ଦଳର ସବୁଠାରୁ ଅଧିକ କ୍ଷତି ଘଟାଇଥିଲେ। ବଦର୍ଭ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୩ ଇରାନୀ କପ୍ ଗେମ୍‌ରେ ବିଜୟ ହାସଲ କରିପାରିଛି। ଦଳକୁ ଜିତାଇବାରେ ଦୁବେ ଓ ଠାକୁରଙ୍କର ବିଶେଷ ଭୂମିକା ରହିଛି। ଅବଶିଷ୍ଟ ଭାରତ ଏକାଦଶର ୨୦ଟି ଉଇକେଟ ମଧ୍ୟରୁ ଉଭୟେ ମିଳିତ ଭାବେ ସବୁଠାରୁ ଅଧିକ ଉଇକେଟ ଅକ୍ତିଆର କରିଛନ୍ତି। ଦୁହେଁ ଦୁଇଟି ଇନିଂସରେ ୬ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ତିମ ଦିବସ ଖେଳର ସକାଳ ସେସନରେ ଅବଶିଷ୍ଟ ଭାରତ ଏକଦା ୧୩୩/୬ ସ୍କୋରରେ ସଂଘର୍ଷ ଚଳାଇଥିଲା। କିନ୍ତୁ ଧୁଲ ଓ ମାନବ ସୁଥର (୫୬) ସପ୍ତମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୧୦୪ରନ ଯୋଗ କରିବାରୁ ଦଳର ବିଜୟ ଆଶା ସଞ୍ଚାର ହୋଇଥିଲା। ମାତ୍ର ଧୁଲଙ୍କୁ ଡିପ୍ ଥାର୍ଡମ୍ୟାନ ବାଉଣ୍ଡରିରେ ଅଥର୍ବ ଟାଇଡେଙ୍କ ଦ୍ୱାରା କ୍ୟାଚ ଆଉଟ କରି ଠାକୁର ସେମାନଙ୍କ ଆଶାକୁ ଧୂଳିସାତ୍ କରିଦେଇଥିଲେ।



ଟ୍ରଫି ସହ ଚାମ୍ପିୟନ ବିଦର୍ଭ ଦଳ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ : ୩୪୨ ଓ ୨୩୨।

ଅବଶିଷ୍ଟ ଭାରତ ଏକାଦଶ : ୨୧୪ ଓ(ଟାର୍ଗେଟ ୩୬୧): ୭୩.୫ ଓଭରରେ ୨୬୭/ଅଲଆଉଟ (ଯଶ ଧୁଲ-୯୨, ମାନବ ସୁଥର-୫୬, ହର୍ଷ ଦୁବେ-୪/୭୩ ଓ ଯଶ ଠାକୁର-୨/୪୭)।

## କୋହଲିଙ୍କ ସାଥୀ ଖେଳାଳି ତନ୍ମୟ-ଅଜିତେଶ ଫିଲ୍ଡ ଅମ୍ପାୟର

**କାନପୁର,୫।୧୦(ପି.ଟି.):** ଗ୍ରୀନ ପାର୍କ ଷ୍ଟାଡିୟମରେ ରବିବାର ଭାରତ ଏ' ଓ ଅଷ୍ଟ୍ରେଲିଆ ଏ' ମଧ୍ୟରେ ଖେଳାଯାଇଥିବା ତୃତୀୟ ଅନଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ତନ୍ମୟ ଶ୍ରୀବାସ୍ତବ ଓ ଅଜିତେଶ ଅର୍ଗାଲ ଅନ୍-ଫିଲ୍ଡ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଦୁଇ ଫିଲ୍ଡ ଅମ୍ପାୟର ୨୦୦୮ରେ ବିରାଟ କୋହଲିଙ୍କ ନେତୃତ୍ୱରେ ୧୯ ବର୍ଷର କମ୍ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ। ୩୭ ବର୍ଷୀୟ ଅର୍ଗାଲ ଜଣେ ମିଡିୟମ ପେସର ଥିବାବେଳେ ୩୫ ବର୍ଷୀୟ ଶ୍ରୀବାସ୍ତବ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦୁହେଁ କଦାପି ଭାରତୀୟ ଦଳର ଜର୍ସି ପିନ୍ଧି ପାରି ନ ଥିଲେ। ସେ ୯୦ ଫାଷ୍ଟ-କ୍ଲାସ ମ୍ୟାଚ୍ ଖେଳିଥିଲେ। ଦୁହେଁ ୨୦୨୩ରେ ବିସିସିଆଇ ଅମ୍ପାୟରିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ରଣଜୀ ଟ୍ରଫି, ବିଜୟ ହଜାରେ, ସୟଦ ମୁସ୍ତାକ ଅଲୀ ଟ୍ରଫିରେ ମ୍ୟାଚ୍ ପରିଚାଳନା କରିଛନ୍ତି। ଉଭୟଙ୍କ କ୍ୟାରିୟରର ସବୁଠୁ ବଡ଼ ଉପଲବ୍ଧି ହେଲା ଅଷ୍ଟ୍ରେଲିଆ ଏ' ସିରିଜ୍‌ରେ ମ୍ୟାଚ୍ ପରିଚାଳନା କରିବା।

# ଆନିସିମୋଭା ଜିତିଲେ ଚାଇନା ଓପନ



ଆମାଣ୍ଡା ଆନିସିମୋଭା

**ବେଜିଂ, ୫।୧୦(ଏପି)**

ଆମେରିକାର ଆମାଣ୍ଡା ଆନିସିମୋଭା ଚାଇନା ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ହାର୍ଡକୋର୍ଟ ଇନ୍‌ଡୋର ଟୁର୍ନାମେଣ୍ଟର ଫାଇନାଲରେ ସେ ଚେକ୍‌ରିପବ୍ଲିକ୍‌ର ଲିଣ୍ଡା ନୋସ୍‌କୋଭାଙ୍କୁ ୬-୦, ୨-୬, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଆନିସିମୋଭା ଗତଥରର ଚାମ୍ପିୟନ ତଥା ତାଙ୍କ ଦେଶର କୋକୋ ଗଫ୍‌ଙ୍କୁ ସେମିଫାଇନାଲରେ ପରାଜିତ କରିଥିଲେ। ସେ ପ୍ରଥମ ଥର ଏହି ଟାଇଟଲ ହାସଲ କରିଛନ୍ତି। ରବିବାରର ଫାଇନାଲ ମ୍ୟାଚ ଦୀର୍ଘ ୧ ଘଣ୍ଟା ୪୬ ମିନିଟ ଧରି ଚାଲିଥିଲା। ଆନିସିମୋଭା ଚଳିତବର୍ଷ ୟୁଏସ୍ ଓପନ ଓ ୱିମ୍ବଲଡନରେ ରନରଅପ୍ ହେବା ପରେ ବିଶ୍ୱ ର୍‍ୟାଙ୍କିଙ୍ଗରେ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ। ଏଠାରେ ସେ ସିଜନରେ ତାଙ୍କର ଦ୍ୱିତୀୟ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ୨୦ବର୍ଷୀୟା ନୋସକୋଭା ସେମିଫାଇନାଲରେ ୩ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ସର୍ବକନିଷ୍ଠ ଚେକ୍ ଖେଳାଳି ହିସାବରେ ଏକ ଡବ୍ଲ୍ୟୁଟିଏ ୧୦୦୦ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଚାଇନା ବିପକ୍ଷରେ ଦୁଇ ମ୍ୟାଚ୍ ଖେଳିବ ଭାରତ

**ନୂଆଦିଲ୍ଲୀ, ୫।୧୦(ପି.ଟି.)**

ଭାରତର ୧୭ ବର୍ଷରୁ କମ୍ ପୁରୁଷ ଦଳ ଚାଇନା ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହା ଅକ୍ଟୋବର ୮ ଓ ୧୦ରେ ଗୁଇଦ୍ୱାରରେ ଖେଳାଯିବ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) କହିଛି। ଏକ ସପ୍ତାହ ପୂର୍ବେ ୧୭ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

**୧୭ ବର୍ଷରୁ କମ୍ ଫୁଟ୍‌ବଲ**

ଟାଇଟଲ ବିଜୟୀ ଭାରତୀୟ ଦଳ ଗୋଆରେ ଏହାର ଟ୍ରେନିଂ କ୍ୟାମ୍ପ ଜାରି ରଖିଛି। ସୋମବାର ଅକ୍ଟୋବର ୬ ସନ୍ଧ୍ୟାରେ ଦଳ ଚାଇନାରେ ପହଞ୍ଚିବ। ଉଭୟ ମ୍ୟାଚ ଚାଇନା ରାଜଧାନୀ ବେଜିଂଠାରୁ ପ୍ରାୟ ୮୦କିଲୋମିଟର ଦୂର ଜିଆନ୍‌ଘିସ୍ଥିତ ନ୍ୟାଶନାଲ ଫୁଟ୍‌ବଲ ଟ୍ରେନିଂ ସେଣ୍ଟରଠାରେ ଖେଳାଯିବ। ନଭେମ୍ବରରେ ଅହମଦାବାଦରେ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଭାରତ ଏଥିରେ ପାଲେଷ୍ଟାଇନ, ଚାଇନିଜ ତାଇପେ, ଲେବାନନ ଓ ଇରାନକୁ ଭେଟିବ। ଏଥିଲାଗି ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଆୟୋଜନ କରାଯାଇଛି।

**୧୭ ବର୍ଷରୁ କମ୍ ଭାରତୀୟ ଦଳ-** ଗୋଲକିପର: ଆଦିଲ, ମାନସଜ୍ୟୋତି ବରୁଆ, ମାରୁଫ ସାଫି, ରାଜରୁପ ସର୍କାର। ଡିଫେଣ୍ଡର: ଇନ୍ଦ୍ର ରାଣା ମଗର, କୋନ୍ଥୋଜାମ କୋରୋ ମେଇତି, ଲମସଙ୍ଗଜୁଆଲା, ମହମ୍ମଦ ଆଇମାନ ବିନ୍, ୟୁମନାମ ମାଲଡିନୋ ସିଂ। ମିଡ୍‌ଫିଲ୍ଡର: ଆବ୍ରାର ଅଲି ବାବା, ଦଲାଲମୁଅନ ଗାଙ୍ଗଟେ, ନିଙ୍ଗ୍‌ଥୋଜାମ ମୁକୁନ୍ଦୋ ସିଂ, ଥଙ୍ଗୋମାଙ୍ଗ ଟୋଥାଙ୍ଗ, ଥୋକ୍‌ଚୋମ୍ ଡାଇମଣ୍ଡ ସିଂ ୟେଙ୍ଗଖୋମ୍ ନୀତିଶ କୁମାର ମେଇତି। ଫରୱାର୍ଡ: ଆଜିମ ପାର୍ଭିଜ ନାଜାର, ଆଜଲାନ ଶାହା କେଏଚ୍। ହିରାନଗାମ୍ବା ସେରାମ୍, ହୃଷୀକେଶ ଚରଣ ମାନାବତୀ, ଲସ୍‌ଭିନ୍ ରେବେଲୋ, ରାହାନ ଅହମଦ, ୱାଙ୍ଗଖିରାକ୍‌ପାମ୍ ଗନ୍‌ଲିବା।

# ଜାତୀୟ ହ୍ୱିଲ୍‌ଚେୟାର ରଗ୍‌ବୀ: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର,୫।୧୦(ଅନାଦି କର)**

ପାରା ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶା ପୁଣି ଥରେ ଏହାର ପ୍ରାଧାନ୍ୟ ପ୍ରମାଣିତ କରିଛି। ମଧ୍ୟପ୍ରଦେଶର ଗ୍ୱାଲିଅରସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟର ଫର ଡିଜାବିଲିଟି ସ୍ପୋର୍ଟ୍ସଠାରେ ଅନୁଷ୍ଠିତ ସପ୍ତମ ଜାତୀୟ ହ୍ୱିଲଚେୟାର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ୧୬-୧୧ ବ୍ୟବଧାନରେ ରାଜସ୍ଥାନକୁ ପରାସ୍ତ କରି ଲଗାତର ଦ୍ୱିତୀୟ ଥର ପାଇଁ ଜାତୀୟ ଟାଇଟଲ ହାସଲ କରିଛି। ଗତ ବର୍ଷ ଓଡ଼ିଶା ଦଳ ଫାଇନାଲରେ କେରଳକୁ ପରାସ୍ତ କରିଥିଲା। ଦଳର ସ୍ଥିର ପ୍ରଦର୍ଶନ ଓଡ଼ିଶାରେ ପାରା ସ୍ପୋର୍ଟ୍ସର ଉନ୍ନତିକୁ ଦର୍ଶାଉଛି।

ଓଡ଼ିଶା ଦଳର ୩ ଖେଳାଳି ଗୌତମ ସିଂ, ସୁଧୀର ମଲିକ ଓ ମୁରଲି ବେନିଆନଙ୍କୁ ଆଗାମୀ ଅନ୍ତର୍ଜାତୀୟ ହ୍ୱିଲଚେୟାର ରଗ୍‌ବୀ କ୍ୟାମ୍ପ ଲାଗି ଚୟନ କରାଯାଇଛି। ଏଭଳି ସଫଳତା ଲାଗି ଓଡ଼ିଶା ଦଳକୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ସୁନୀଲ ପ୍ରଧାନ ଶୁଭକାମନା ଜଣାଇ କହିଛନ୍ତି ଯେ, ଆମ ଖେଳାଳିମାନେ ପୁଣି ଥରେ ସେମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଲଗାତର ଦ୍ୱିତୀୟ ଜାତୀୟ ଟାଇଟଲ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଖେଳାଳିଙ୍କ ଚୟନ ପାରା ସ୍ପୋର୍ଟ୍ସରେ ଓଡ଼ିଶାର ଅଭିବୃଦ୍ଧିକୁ ଦର୍ଶାଉଛି।




ଚାମ୍ପିୟନ ଓଡ଼ିଶା ଦଳ।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




The massage felt totally professional & comfortable at all times-7978109255. D-76495

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated- 18.09.2025 I, Samir Ranjan Sahoo, resident of At- Jagirbad, P.O./P.S.- Begunia, Dist.- Khordha, Odisha-752062 declare that I have changed the name of my son Swswat Kumar Sahoo (old name) to Saswat Sahoo (new name). Henceforth, he shall be known as Saswat Sahoo (new name) for all purposes.
Samir Ranjan Sahoo
D-2190

Before the Executive Magistrate, Vyasanagar, Jajpur Road. By this deed, I the undersigned Renubala Jena, formerly called Renu Jena wife of Late- Baishnab Jena Permanent Address is At-Chorada, P.O./P.S.- Jajpur Road, Dist -Jajpur, Odisha, PIN- 755019. I here by declare that I shall at all times here after in all records, deeds and writting, proceeding, dealing and transaction private as well as whatsoever use sign the name of Renubala Jena as my name in place of and in Substitution of my former name of Renu Jena from 04.10.2025.
D-2191

**LEGAL NOTICE**

Letter No.- 1646, Dt. 19.08.2025
ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଅତିରିକ୍ତ ରିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ନଂ.- ୭୯୯/୨୦୨୪
ଶ୍ରୀମତୀ ଜୟଶ୍ରୀ ତ୍ରିପାଠୀ ....ବାଦିନୀ
ବନାମ
ସେଟେଲମେଣ୍ଟ ଅଫିସର, ଜୋବ୍ରା କଟକ ଓଗେର ... ପ୍ରତିବାଦୀମାନେ
ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.- (୬) ପଙ୍କଜିନି ବିଶ୍ୱାଳ, ସ୍ୱା- ୰ପ୍ରଭାତ କୁମାର ବିଶ୍ୱାଳ, ପ୍ଲଟ୍ ନଂ.- ୬୭୧/୨୬୯୩, ବରବାରୀ, ଜାଗମରା, ଥାନା- ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜି- ଖୋର୍ଦ୍ଧା, (୭) ଗୀତାଞ୍ଜଳୀ ସାହୁ, ସ୍ୱା- ବିଷ୍ଣୁ ଚରଣ ସାହୁ, ସା- ପାଟେଣୀ ଗାଁ, ଥାନା/ଜି- ଜଗତ୍‌ସିଂହପୁର, ପିନ୍- ୭୫୪୧୦୩, (୨୬) ଶ୍ରୀ ପ୍ରଭାତ କିଶୋର ଦାଶ, ପିତା- ୰ମଧୁସୂଦନ ଦାଶ, ମ୍ୟାନେଜିଂ ଡାଇରେକ୍ଟର, ବରୁଣେଇ ବିଲ୍ଡର ଆଣ୍ଡ ଡେଭଲପର୍ସ ପ୍ରା.ଲିଃ. ପ୍ଲଟ୍ ନଂ.- ୭୫୪/୧୬, ଜୟଦେବ ବିହାର, ଥା- ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୩, ଜି- ଖୋର୍ଦ୍ଧା । ... ପ୍ରତିବାଦୀମାନେ
ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ
ଏହିକି ଉପରୋକ୍ତ ମକଦ୍ଦମାରେ ଆପଣମାନଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ ପ୍ରେରଣ କରିଥିଲେ ମଧ୍ୟ ଆପଣ ସେଠାରେ ନ ଥିବାରୁ ତାହା ଆପଣମାନଙ୍କୁ ଜାରି ହୋଇପାରୁ ନାହିଁ । ଆପଣମାନଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମ୍ଭଙ୍କୁ ଜଣାନାହିଁ । ଏଣୁ ଗୋଟିଏ ଓଡ଼ିଆ ଖବରକାଗଜ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛିକି ଆସନ୍ତା ତା୨୭।୧୦।୨୦୨୫ରିଖ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣିରେ ଅଂଶଗ୍ରହଣ କରିବେ।
ଏଥକୁ ହେଳା କଲେ ଉକ୍ତ ମକଦ୍ଦମାଟି ଏକ ତରଫା ବିଚାର କରାଯିବ।
ବାଦିନୀଙ୍କ ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଶଙ୍କରପୁର, ହାଲ୍ ବନ୍ଦୋବସ୍ତ ଖାତା ନଂ.- ୧୬୧୯, ହାଲ୍ ପ୍ଲଟ୍ ନଂ.- ୨୬୧୮, ଏରିଆ ଏ୧.୧୦୧ଡି. ସ୍ୱଧ ଏ୦.୦୪୫ଡି. କିସମ ଶାରଦ ଅଣଜଳସେଚିତ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍, ଯାହାକି ସାବିକ ବନ୍ଦୋବସ୍ତ ଖାତା ନଂ.- ୩୧୪, ସାବିକ ପ୍ଲଟ୍ ନଂ.- ୪୭୪, ସବ୍ ପ୍ଲଟ୍ ନଂ.- ୧୩୮, ଏରିଆ ଏ୧.୬୨୫ଡି. ସ୍ୱଧ ଏ୦.୬୭୫ ଡି. ସ୍ୱଧ ଏ୦.୦୪୪ ଡି., କିସମ, ଶାରଦ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍, ଚୌହଦି: ଉତ୍ତର- ପ୍ଲଟ୍ ନଂ.- ୪୮୨, ଦକ୍ଷିଣ- ପ୍ରସ୍ତାବିତ ରାସ୍ତା, ପୂର୍ବ - ସବ୍ ପ୍ଲଟ୍ ନଂ.- ୧୩୯, ପଶ୍ଚିମ- ପ୍ଲଟ୍ ନଂ.- ୪୭୪ ଅଂଶ।
ତା୧୯।୦୮।୨୦୨୫
ଭୁବନେଶ୍ୱର
ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.-୪ଙ୍କ ଅନୁମୋଦନକ୍ରମେ
ସ୍ୱା./-କୋର୍ଟ ଅଫିସର
ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଧ-୨୧୯୨

**ମନେ ପଡ଼ନ୍ତି**

୨୪ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳି



୰ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରିୟା ପାଟପୁର, ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
ଆଜିର ଏ ପବିତ୍ର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସଙ୍ଗେ ସଙ୍ଗେ ଆଶୀର୍ବାଦ ଭିକ୍ଷା କରୁଅଛୁ ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀମାନେ
Contact: 9437010088
ଧ-୭୬୦୭୭

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡାକ୍ତର ପ୍ରସନ୍ନ କୁମାର ରାଉତରାୟ ମହାପାତ୍ର
ନହରକଣ୍ଟା, ଭୁବନେଶ୍ୱର
ତିରୋଧାନ: ୨୭।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ସୁଖ ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଗୋପିନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୧୨୪୩


# ରସେଲ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି




ଜର୍ଜ ରସେଲ

**ସିଙ୍ଗାପୁର, ୫।୧୦ (ଏପି)**

ଜର୍ଜ ରସେଲ ରବିବାର ଅନୁଷ୍ଠିତ ସିଙ୍ଗାପୁର ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ବିଜୟୀ ହୋଇଥିବା ବେଳେ ସିଜନର ଆଉ ୬ଟି ରେସ୍ ବାକି ଥାଇ ମ୍ୟାକଲରେନ କନଷ୍ଟ୍ରକ୍ସନ ଚାମ୍ପିୟନଶିପ୍ ଜିତିପାରିଛି। ରସେଲ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ସେ ଚଳିତ ବର୍ଷ ତାଙ୍କ ମର୍ସିଡିଜ୍ ଟିମ୍ ପାଇଁ ଦ୍ୱିତୀୟ ବିଜୟ ଆଣିଦେଇଛନ୍ତି। ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରି ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଥିଲେ। ସିଙ୍ଗାପୁର ଗ୍ରାଁ ପ୍ରି ପରେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୨୨ ପଏଣ୍ଟକୁ ହ୍ରାସ ପାଇଥିବା ବେଳେ ନୋରିସଙ୍କଠାରୁ ୪୧ ପଏଣ୍ଟ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି ଭର୍ଷ୍ଟାପେନ୍। ରବିବାର ରେସ୍‌ରେ ଅନ୍ୟମାନଙ୍କ ମଧ୍ୟରେ କିମି ଆଣ୍ଟୋନେଲି (ମର୍ସିଡିଜ), ଚାର୍ଲସ ଲେକ୍‌ଲେର୍କ (ଫେରାରି), ଲୁଇସ୍ ହାମିଲଟନ (ଫେରାରି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ) ଅଲିଭର ବିୟରମ୍ୟାନ (ହାସ୍) ଓ କାର୍ଲୋସ ସେଞ୍ଜ୍ (ୱିଲିୟମ୍ସ) ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଥିଲେ।

# ଅଷ୍ଟ୍ରେଲିଆ ଖେଳାଳି ଅସୁସ୍ଥ ପ୍ରସଙ୍ଗ: ସଫେଇ ଦେଲା ବିସିସିଆଇ

**କାନପୁର, ୫।୧୦(ପି.ଟି.)**

ଭାରତ ଏ' ବିପକ୍ଷ ଦିନିକିଆ ସିରିଜ୍ ଲାଗି କାନପୁରରେ ଥିବା ଅଷ୍ଟ୍ରେଲିଆ ଏ' ଦଳର ୪ ଖେଳାଳି ଅସୁସ୍ଥ ହୋଇପଡ଼ିଥିଲେ। ହେନରୀ ଥର୍ନଟନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୩ ଖେଳାଳିଙ୍କୁ ଉପଚାର କରାଯିବା ପରେ ଡିସଚାର୍ଜ କରାଯାଇଛି। ତେବେ ହୋଟେଲରେ ଖାଇଥିବା ଖାଦ୍ୟ କାରଣରୁ ଖେଳାଳିଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିବା ନେଇ କୁହାଯାଇଥିଲା। କିନ୍ତୁ ହସ୍ପିଟାଲ ଅଧିକାରୀ କିମ୍ବା ଟିମ ମ୍ୟାନେଜମେଣ୍ଟ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାକୁ ସ୍ପଷ୍ଟ କରାଯାଇ ନ ଥିଲା। ଏ ଘଟଣା ସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଉପ ସଭାପତି ରାଜୀବ ଶୁକ୍ଳା ପ୍ରତିକ୍ରିୟା ରଖିଛନ୍ତି।

"ଯଦି ଖାଦ୍ୟକୁ ନେଇ କୌଣସି ସମସ୍ୟା ଥାଆନ୍ତା, ତେବେ ଭାରତୀୟ ଖେଳାଳିଙ୍କ ସମେତ ସମସ୍ତ ଖେଳାଳି ଅସୁସ୍ଥ ହୋଇଥାନ୍ତେ। ଏହା ପଛରେ ଅନ୍ୟ କିଛି କାରଣ ରହିଛି। ଖେଳାଳିଙ୍କୁ ହୋଟେଲ ଲ୍ୟାଣ୍ଡମାର୍କ ନାମକ ଏକ ଜଣାଶୁଣା ହୋଟେଲରୁ ଖାଦ୍ୟ ଦିଆଯାଉଛି। ଖାଦ୍ୟ ଠିକ୍ ଅଛି ଏବଂ ତାହାକୁ ସମସ୍ତେ ଖାଉଛନ୍ତି। ଅସୁସ୍ଥ ହୋଇଥିବା ଖେଳାଳିମାନେ କୌଣସି ପ୍ରକାର ସଂକ୍ରମଣର ଶିକାର ହୋଇଥାଇପାରନ୍ତି" ବୋଲି ଶୁକ୍ଳା କହିଛନ୍ତି।

# ପାଣିରେ ନୀରବ ହତ୍ୟାକାରୀ


ଦେବାଶିଷ ମହାନ୍ତି

''ପାନୀୟ ଜଳରେ ଆର୍ସେନିକ ବିଷକ୍ରିୟା ପାଇଁ ମନୁଷ୍ୟକୃତ ପ୍ରଭାବ ଅପେକ୍ଷା ପ୍ରାକୃତିକ ଘଟଣା ଅଧିକ ଦାୟୀ। ଯେତେବେଳେ ପାଣି ଆର୍ସେନିକଯୁକ୍ତ ପଥର ଦେଇ ପ୍ରବାହିତ ହୁଏ, ଏହା କେତେକ ସମୟରେ ଏହି ଉପାଦାନକୁ କୂଅ ଏବଂ ନଳକୂପ ଭିତରକୁ ନେଇଯାଏ। ବିପଦପୂର୍ଣ୍ଣ କଥା ହେଉଛି, ଆର୍ସେନିକ ଆମର ଇନ୍ଦ୍ରିୟ ଦ୍ୱାରା ଚିହ୍ନଟ ହୋଇପାରେ ନାହିଁ-ଏହା ସାଧାରଣ ପାଣି ପରି ଦେଖାଯାଏ ଏବଂ ସ୍ୱାଦ ଆସେ। ସେଥିପାଇଁ ଏହାକୁ 'ନୀରବ ଘାତକ' କୁହାଯାଏ।''



ଦଶହରା ସମୟରେ, ମୁଁ ମୋ ପୁଅ ଓମ୍ ତଥା ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ପଶ୍ଚିମବଙ୍ଗର ଏକ ଗାଁକୁ ବୁଲିବାକୁ ଯାଇଥିଲି। ସେ ଗାଁରେ ଲୋକମାନେ ଏବେ ବି ପୁରୁଣା କୂଅରୁ ପାଣି ପିଇଥାନ୍ତି। ଦିନେ ସକାଳେ, ଓମ୍ ଆନନ୍ଦର ସହ ଏକ ବାଲ୍ଟି ସ୍ଫଟିକ ପରି ସ୍ୱଚ୍ଛ ପାଣି ଉଠାଇ କହିଲେ, ''ବାପା, ଦେଖନ୍ତୁ ଏଠାରେ ପାଣି କେତେ ସ୍ୱଚ୍ଛ ଏବଂ ମଧୁର! ଆମେ ଏହାକୁ ବିନା ଦ୍ୱିଧାରେ ପିଇ ପାରିବୁ।'' ମୁଁ ହସି ହସି ତାକୁ କହିଲି, ''ନା, ଓମ୍, କେବଳ ଦେଖିବା, ଚାଖିବା କିମ୍ବା ଗନ୍ଧ ଦ୍ୱାରା ପାଣିକୁ ଶୁଦ୍ଧ ବୋଲି ବିଚାର କରାଯାଇପାରିବ ନାହିଁ – ଯେପରି ଆମେ କେବଳ ବାହ୍ୟ ଚେହେରା ଦେଖି ଜଣେ ବ୍ୟକ୍ତିଙ୍କୁ ଭଲ କି ଖରାପ ଆକଳନ କରିପାରିବୁ ନାହିଁ। ଠିକ୍ ସେହି ପରି କେତେକ ସମୟରେ ସବୁଠାରୁ ସ୍ୱଚ୍ଛ ପାଣିରେ ମଧ୍ୟ ଏକ ଘାତକ ରହସ୍ୟ ଲୁଚି ରହିଥାଏ।'' ଆଶ୍ଚର୍ଯ୍ୟ ହୋଇ ଓମ୍ ପଚାରିଲେ, ''ବାପା, ତୁମେ କ'ଣ କହିବାକୁ ଚାହୁଁଛ? ଏତେ ମଧୁର ପାଣିରେ କ'ଣ ବିପଦ ହୋଇପାରେ?'' ତା'ର ଆଗ୍ରହ ଦେଖି ମୁଁ ଟିକେ ଉତ୍ସାହିତ ହୋଇ ବୁଝାଇବାକୁ ଲାଗିଲି।

ଆର୍ସେନିକ ନାମକ ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ବିଷ ଅଛି। ଏହା ରଙ୍ଗହୀନ, ଗନ୍ଧହୀନ ଏବଂ ସ୍ୱାଦହୀନ। ଏହା ଆପଣଙ୍କୁ କ୍ଷତି କରିବା ଆରମ୍ଭ ନ କରିବା ପର୍ଯ୍ୟନ୍ତ ଆପଣ କେବେ ଜାଣିପାରିବେ ନାହିଁ ଯେ ଏହା ସେଠାରେ ଅଛି। ଦୁଃଖର ବିଷୟ, ବାଂଲାଦେଶ ସହ ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ମଧ୍ୟ ପାନୀୟଜଳରେ ଆର୍ସେନିକ ମିଳିଛି। କେବଳ ସେତିକି ନୁହେଁ, ଆମ ରାଜ୍ୟର ରାୟଗଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଭଦ୍ରକ ପରି ଜିଲାରେ ମଧ୍ୟ କିଛି ପରିମାଣର ଆର୍ସେନିକ ପାନୀୟ ଜଳରେ ଥିବାର ପ୍ରମାଣ ମିଳିଛି। ଏହା ଶୁଣି ଓମ୍ ଆଖି କୌତୂହଳରେ ବିସ୍ତାରିତ ହୋଇଗଲା। 'ଆର୍ସେନିକ? ଏହା କ'ଣ ଏବଂ ଏହା ଆମକୁ କିପରି କ୍ଷତି କରିପାରେ?' ସେ ପଚାରିଲେ। ଏହା ମୋତେ ତା' ସହ ଏବଂ ଆପଣଙ୍କ ସହ- ଆର୍ସେନିକର କାହାଣୀ, ଏହାର ବିପଦ ଏବଂ ଆମେ ନିଜକୁ କିପରି ସୁରକ୍ଷା ଦେଇପାରିବା ସେ ବିଷୟରେ କହିବା ପାଇଁ ସୁଯୋଗ ଦେଲା। ଆର୍ସେନିକ ହେଉଛି ଏକ ପ୍ରାକୃତିକ ଭାବରେ ମିଳୁଥିବା ମୌଳିକ ପଦାର୍ଥ ଯାହା ପୃଥିବୀ ପୃଷ୍ଠର ଗଭୀରରେ ମିଳିଥାଏ। ଏହା ପର୍ଯ୍ୟାୟ ସାରଣୀର ଯବକ୍ଷାରଜାନ ପରିବାରର ୪ର୍ଥ ପର୍ଯ୍ୟାୟରେ ଥିବା ଏକ ଉପଧାତୁ। ଏହାର ପରମାଣୁ କ୍ରମାଙ୍କ ୩୩ ଓ ପରିମାଣିକ ବସ୍ତୁ ୭୫। ପ୍ରାକୃତିକ ଖଣିଜ ଭାବେ ମିଳୁଥିବା ଆର୍ସେନିକ ଯଦିଓ ଏହାର ବିଷାକ୍ତତା ପାଇଁ ଜଣାଶୁଣା, ଅଳ୍ପ ପରିମାଣରେ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।


ପାନୀୟ ଜଳରେ ଆର୍ସେନିକ ବିଷକ୍ରିୟା ପାଇଁ ମନୁଷ୍ୟକୃତ ପ୍ରଭାବ ଅପେକ୍ଷା ପ୍ରାକୃତିକ ଘଟଣା ଅଧିକ ଦାୟୀ। ଯେତେବେଳେ ପାଣି ଆର୍ସେନିକଯୁକ୍ତ ପଥର ଦେଇ ପ୍ରବାହିତ ହୁଏ, ଏହା କେତେକ ସମୟରେ ଏହି ଉପାଦାନକୁ କୂଅ ଏବଂ ନଳକୂପ ଭିତରକୁ ନେଇଯାଏ। ବିପଦପୂର୍ଣ୍ଣ କଥା ହେଉଛି, ଆର୍ସେନିକ ଆମର ଇନ୍ଦ୍ରିୟ ଦ୍ୱାରା ଚିହ୍ନଟ ହୋଇପାରେ ନାହିଁ-ଏହା ସାଧାରଣ ପାଣି ପରି ଦେଖାଯାଏ ଏବଂ ସ୍ୱାଦ ଆସେ। ସେଥିପାଇଁ ଏହାକୁ 'ନୀରବ ଘାତକ' କୁହାଯାଏ। ପ୍ରାଚୀନ କାଳରୁ ଆର୍ସେନିକ୍‌ର ବିଷାକ୍ତ ପ୍ରଭାବ ଜଣାଶୁଣା। ୭୦୦ ଶତାବ୍ଦୀରେ ଜଣେ ଆରବୀ ଆଲ୍‌କେମିଷ୍ଟ ଜାବିର ପ୍ରଥମ ଥର ପାଇଁ ଆର୍ସେନିକ ଟ୍ରାଇ ଅକ୍ସାଇଡ୍‌ର ଧଳା, ସ୍ୱାଦହୀନ, ଗନ୍ଧହୀନ ପାଉଡର ପ୍ରସ୍ତୁତ କରିଥିଲେ, ଯାହା ସେ ସମୟରେ ଏକ ମାରାତ୍ମକ ବିଷ ଭୂମିକା ଗ୍ରହଣ କରୁଥିଲା। ବିଶେଷକରି ମଧ୍ୟଯୁଗର ଶାସକବର୍ଗଙ୍କ ମଧ୍ୟରେ ଆର୍ସେନିକ ଏକ ଲୋକପ୍ରିୟ ଷଡ଼ଯନ୍ତ୍ରରେ ବ୍ୟବହୃତ ହତ୍ୟା ଅସ୍ତ୍ର ଭାବରେ ଆଦୃତ ହୋଇଥିଲା। ଊନବିଂଶ ଶତାବ୍ଦୀ ସୁଦ୍ଧା ଏହା ଉତ୍ତରାଧିକାର ଚୂର୍ଣ୍ଣ (ଇନ୍‌ହେରିଟାନ୍ସ ପାଉଡର) ଡାକନାମ ହାସଲ କରିଥିଲା। ଇତିହାସର ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଛଳନାପୂର୍ଣ୍ଣ କିମ୍ବା ଦୁର୍ଘଟଣାଜନିତ ଆର୍ସେନିକ ବିଷାକ୍ତତାର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ନେପୋଲିଅନ ବୋନାପାର୍ଟ ଏବଂ ଗ୍ରେଟ୍ ବ୍ରିଟେନର ରାଜା ଜର୍ଜ ଉଲ୍ଲେଖନୀୟ। ଏକ ତତ୍ତ୍ୱ ଅଛି ଯେ ନେପୋଲିଅନ ବୋନାପାର୍ଟ ସେଣ୍ଟ ହେଲେନା ଦ୍ୱୀପରେ କାରାବାସ ସମୟରେ ଆର୍ସେନିକ ବିଷାକ୍ତତାର ଶିକାର ହୋଇଥିଲେ ଏବଂ ମୃତ୍ୟୁବରଣ କରିଥିଲେ।

ଖାଦ୍ୟ ବିଷାକ୍ତତା ପରି ଆର୍ସେନିକ ହଠାତ୍ ଅସୁସ୍ଥତା ସୃଷ୍ଟିକରେ ନାହିଁ, ବରଂ ଏହା ବର୍ଷ ପରେ ବର୍ଷ ଶରୀର ଭିତରେ ଧୀରେ ଧୀରେ କାମକରେ। ପ୍ରଥମେ ଜଣେ ବ୍ୟକ୍ତି କେବଳ ଚର୍ମରେ କଳା କିମ୍ବା ରୁକ୍ଷ ଦାଗ ଦେଖିପାରେ। ପରେ ହାତ ଏବଂ ପାଦରେ ଯନ୍ତ୍ରଣାଦାୟକ ଘାଆ ସୃଷ୍ଟି ହୋଇପାରେ। ଧୀରେ ଧୀରେ ଏହା ଯକୃତ, ବୃକ୍କ, ଫୁସ୍‌ଫୁସ୍ ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଏ। ଅନେକ କ୍ଷେତ୍ରରେ, ଦୀର୍ଘକାଳୀନ ସଂସ୍ପର୍ଶରେ ରହିବା ଦ୍ୱାରା ଚର୍ମ, ଫୁସ୍‌ଫୁସ୍ କିମ୍ବା ମୂତ୍ରାଶୟ କର୍କଟ ଭଳି ମାରାତ୍ମକ ରୋଗ ହୁଏ। ଯେତେବେଳେ ଏହି ଲକ୍ଷଣଗୁଡ଼ିକ ଦେଖାଯାଏ, ସେତେବେଳକୁ ବହୁ କ୍ଷତି ହୋଇସାରିଥାଏ। ଏହାକୁ ସରଳ ଭାବରେ ବୁଝାଇବା ପାଇଁ ଆମେ ଏପରି କହିପାରିବା ଯେ କଳ୍ପନା କର ପ୍ରତ୍ୟେକ ରାତିରେ ଗୋଟିଏ ଚୋର ଚୁପ୍‌ଚାପ୍ ଆସେ। ତୁମେ ତାକୁ ଦେଖି ପାରନାହିଁ, କିନ୍ତୁ ବହୁ ବର୍ଷ ପରେ ତୁମେ ଅନୁଭବ କର ଯେ ସେ ତୁମର ସମସ୍ତ ସ୍ୱାସ୍ଥ୍ୟ ଚୋରି କରିନେଇଛି। ଏହା ଶୁଣି ଓମ୍ ଟିକେ ବିଚଳିତ ହୋଇପଡ଼ିଲା। ତା'ର ଡରକୁ ଅନୁଭବକରି ମୁଁ କହିଲି ,ଡରିବାର କିଛି ନାହିଁ। ଧନ୍ୟବାଦ ଦେବା ସଚେତନତାକୁ ଯିଏ ଏହି ବିପଦ ସହ ଲଢ଼ିବା ପାଇଁ ଆଶା ଉଦ୍ରେକ କରିଛି ଓ ବିଜ୍ଞାନକୁ ଯିଏ ଏହି ବିପଦରୁ ମୁକ୍ତିପାଇବା ପାଇଁ ପଥ ପ୍ରଦର୍ଶନ କରୁଛି। ସରଳ ପରୀକ୍ଷା ଉପକରଣ ଦ୍ୱାରା କୂଅ ଓ ନଳକୂପରେ ଆର୍ସେନିକ ଅଛି କି ନାହିଁ ତାହା ଚିହ୍ନଟ କରାଯାଇପାରିବ। ସୁରକ୍ଷିତ କୂଅଗୁଡ଼ିକୁ ସବୁଜ ଚିହ୍ନିତ କରାଯିବ ଓ ଅସୁରକ୍ଷିତ କୂଅଗୁଡ଼ିକୁ ଲାଲ ଚିହ୍ନିତ କରାଯିବ। ବର୍ଷାଜଳ ସଂରକ୍ଷଣ, ପୋଖରୀରେ ବାଲି ଶୋଧନ କିମ୍ବା ଗଭୀର ଜଳଭଣ୍ଡାର ବ୍ୟବହାରକରି ଆର୍ସେନିକ ମୁକ୍ତ ଜଳ ଯୋଗାଇ ଦିଆଯାଇପାରିବ।

ଉପଯୁକ୍ତ ମାତ୍ରରେ ଭିଟାମିନ୍ 'ଏ', 'ସି' ଏବଂ 'ଇ' ସେବନ କରିବା ଦ୍ୱାରା ଶରୀରରେ ଆର୍ସେନିକ୍ କ୍ଷତିକାରକ ପ୍ରଭାବ ହ୍ରାସ ହୋଇଥାଏ। ସଚେତନତା ଅଭିଯାନ ଦ୍ୱାରା ଲୋକମାନଙ୍କୁ ଅବଗତ କରାଯିବା ଉଚିତ ଯେ ସ୍ୱଚ୍ଛ ପାଣି ସବୁବେଳେ ନିରାପଦ ପାଣି ନୁହେଁ। ପରୀକ୍ଷଣ ହେଉଛି ପାଣିର ସ୍ୱଚ୍ଛତା ଜାଣିବାର ଏକମାତ୍ର ଉପାୟ। ମୋ କଥା ଶୁଣି, ଓମ୍ ଆଶ୍ଚର୍ଯ୍ୟ ହୋଇଗଲା ଯେ ଏହି ଅଦୃଶ୍ୟ ରସାୟନ ଏତେ ଘାତକ ହୋଇପାରେ। କିନ୍ତୁ ଯେତେବେଳେ ମୁଁ ତାଙ୍କୁ କହିଲି ଯେ ଅନେକ ଗାଁରେ ଏବେ ସମ୍ପ୍ରଦାୟ ଫିଲ୍ଟର ଏବଂ ନିରାପଦ ଜଳ ପ୍ରକଳ୍ପ ସ୍ଥାପନ ହୋଇଛି, ବୈଜ୍ଞାନିକମାନେ ନିରନ୍ତର ପ୍ରଚେଷ୍ଟା ବଳରେ ବିଭିନ୍ନ ପଦ୍ଧତି ଆବିଷ୍କୃତ ହୋଇଛି ଯାହା ଆର୍ସେନିକ ମାତ୍ରାକୁ ପାନୀୟଜଳରୁ ବିପଜ୍ଜନକ ସ୍ତରରୁ ନିମ୍ନ ସ୍ଥଳକୁ କମେଇଦେଉଛି। ଏହା ଶୁଣି ଓମ୍ ଆଶ୍ୱସ୍ତିରେ ସ୍ମିତହାସ୍ୟ କଲା। ଏହା ଦର୍ଶାଏ ଯେ ଆର୍ସେନିକ, ଯଦିଓ ଏକ ବିପଜ୍ଜନକ ଶତ୍ରୁ, ଜ୍ଞାନ, ବିଜ୍ଞାନ ଏବଂ ସମୂହ ପ୍ରୟାସ ଦ୍ୱାରା ଏହାକୁ ପରାସ୍ତ କରାଯାଇପାରିବ। ଏହା ମନେରଖିବା ଉଚିତ, ପାଣି ହେଉଛି ଜୀବନ କିନ୍ତୁ କେବଳ ସେତେବେଳେ ଯେତେବେଳେ ଏହା ପ୍ରକୃତରେ ନିରାପଦ। ଆସନ୍ତୁ, ଏହାକୁ ପରୀକ୍ଷା କରିବା, ଏହାକୁ ସୁରକ୍ଷା ଦେବା ଏବଂ ସଚେତନତା ପ୍ରସାର କରିବା, ଯାହା ଦ୍ୱାରା ଏହି ନୀରବ ହତ୍ୟାକାରୀ ଆର୍ସେନିକ କେବେ ବି ଆମ ପରିବାରକୁ କ୍ଷତି ପହଞ୍ଚାଇ ପାରିବନାହିଁ।

–ବରିଷ୍ଠ ପ୍ରାଧ୍ୟାପକ, ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ, ବିଜେବି
ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

## ରକ୍ତରେ ସୁଗାର ସ୍ତର ଓ ଷ୍ଟ୍ରୋକ୍ ସମସ୍ୟା



ରକ୍ତରେ ସୁଗାର ବା ଶର୍କରା ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିରେ ଏପଟସେପଟ ହେଲେ ତାହା ଡାଇବେଟିସ୍ ସମସ୍ୟାକୁ ବଢ଼ାଇ ଦିଏ। ତେବେ ଯଦି ଏହା ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲା, ତେବେ ତାହା ଆଉ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତାହା ହେଲା ଷ୍ଟ୍ରୋକ୍। ତେଣୁ ରକ୍ତରେ ଏହି ପରିମାଣ କିପରି ନିୟନ୍ତ୍ରଣରେ ରହିବ ସେ ନେଇ ଆମେ ସତର୍କ ରହିବା ନିହାତି ଦରକାର। ଦୀର୍ଘକାଳୀନ ଏଭଳି ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ପରି ମାରାତ୍ମକ ଲକ୍ଷଣର ସୂଚନା ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଦେଖିବାକୁ ପାଇଥିଲେ। 'ଦୀର୍ଘସମୟ ଧରି ସୁଗାର ସ୍ତର ଅସନ୍ତୁଳିତ ରହିବା ଏବଂ ଷ୍ଟ୍ରୋକ୍ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ଏମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ଠାରେ ଷ୍ଟ୍ରୋକ୍ ଆଶଙ୍କା କେତେ ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣିରଖନ୍ତୁ



ଆମ ଶରୀରର ପ୍ରମୁଖ ଅଙ୍ଗଗୁଡ଼ିକ ମଧ୍ୟରେ କିଡ୍‌ନୀ ଅନ୍ୟତମ। ଏହା କିପରି ଠିକ୍ ଭାବରେ ତାହାର କାର୍ଯ୍ୟ କରିପାରିବ ସେ ନେଇ ଆମେ ସଚେତନ ରହିବା ନିହାତି ଦରକାର। କେତେକ ସାମାନ୍ୟ ଭୁଲ୍ ପାଇଁ ଏହାର କାର୍ଯ୍ୟ ପ୍ରଭାବିତ ହୋଇଥାଏ। ହେଲେ କିଡ୍‌ନୀ ସମସ୍ୟା ଅଛି ବୋଲି ଯେତେବେଳେ ଜଣାପଡ଼େ ସେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯାଇଥାଏ। କାରଣ ସେତେବେଳେକୁ ପ୍ରାୟ ୭୦ରୁ ଅଧିକ ପରିମାଣର କିଡ୍‌ନୀ ପ୍ରଭାବିତ ହୋଇସାରିଥାଏ। ଏହାର ଚିକିତ୍ସା ମଧ୍ୟ ବ୍ୟୟବହୁଳ। ତେବେ ଆପଣଙ୍କର କିଡ୍‌ନୀ ସମସ୍ୟା ଆରମ୍ଭ ହେଉଛି ବୋଲି କିପରି ଜାଣିବେ। ଏହାର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଧୂମପାନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଆଲର୍ଜି ସମସ୍ୟା ଥିଲେ...




ଆପଣ ଆଲର୍ଜିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ତା' ସହ ସେ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥିବା ମେଡିସିନ ଖାଆନ୍ତୁ। ହେଲେ ଏପରି କେତେକ ସହଜ ଉପାୟ ରହିଛି, ଯାହାକୁ ଅନୁସରଣକଲେ ଆଲର୍ଜିରୁ କେତେକାଂଶରେ ଉପଶମ ମିଳିପାରିବ। ଏ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସେ ନିୟମିତ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କ ଶରୀରରେ ଆଲର୍ଜି ପରିମାଣ କେତେ ରହୁଛି ତାହାକୁ ମଧ୍ୟ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ନିୟମିତ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଆଲର୍ଜି ସମସ୍ୟାରୁ କେତେକାଂଶରେ ଉପଶମ ପାଇପାରିଥିଲେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ଓଜନକୁ ନିୟନ୍ତ୍ରଣରେ ରଖିବାର ସହଜ ଉପାୟ



ଓଜନ ବୃଦ୍ଧି ପାଇବା ଏବେ ପ୍ରାୟ ଏକ ସାଧାରଣ କଥା ପାଲଟି ଗଲାଣି। ତେବେ ଏଥିପାଇଁ ଆମକୁ ଖାଦ୍ୟପେୟ, ବ୍ୟାୟାମ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ। ତେବେ ଏଭଳି ଏକ ଖାଦ୍ୟ ଅଛି ଯାହାକୁ ନିୟମିତ ଖାଇଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ତାହା କ'ଣ ଜାଣନ୍ତି? ଗାଜର। ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଅସ୍ଥି ମଜଭୂତ ରହିଥାଏ। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍-ସି ଥିବାରୁ ତାହା ଶରୀରରେ ଆଣ୍ଟିବଡି ଗଠନକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଗାଜରରେ ପୋଟାସିୟମ ଓ କ୍ୟାଲ୍‌ସିୟମର ମାତ୍ରା ମଧ୍ୟ ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ମଧ୍ୟ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ।

## ମାନସିକତା ସକାରାତ୍ମକ ଥିଲେ...



ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଏକ ପ୍ରମୁଖ ତଥା ଦରକାରୀ ଅଙ୍ଗ। ଦୈନନ୍ଦିନ ଜୀବନରେ ଏହା ସୁସ୍ଥ ରହିଲେ ଆମେ ନୀରୋଗ ରହିବା। ତେବେ କେତେକ କାରଣରୁ ହାର୍ଟ ପ୍ରଭାବିତ ହେବା ଦ୍ୱାରା ଆମେ ଅନେକ ସମୟରେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେଉଛେ। ତେବେ ହାର୍ଟ କିପରି ସୁସ୍ଥ ରହିବ ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ ଆରମ୍ଭ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

→ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ବସିବା-ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ତା' ସହ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

→ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିବା ସହ ମନକୁ କେତେକାଂଶରେ ଶାନ୍ତି ମିଳିଥାଏ।

→ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଦାନ୍ତ, ଚକ୍ଷୁ ପରୀକ୍ଷା କରାଇନେବା ଭଲ।

→ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୁରୁଣା ପ୍ରେସ୍‌କ୍ରିପ୍‌ସନଗୁଡ଼ିକୁ ଏକ ଫାଇଲରେ ରଖନ୍ତୁ। କାରଣ ଦରକାର ପଡ଼ିଲେ ଏଗୁଡିକ କାମରେ ଆସିପାରେ।

→ଡାକ୍ତର ଲେଖିଥିବା କୌଣସି ଔଷଧକୁ ନେଇ ମନରେ ଯଦି କିଛି ସନ୍ଦେହ ସୃଷ୍ଟି ହେଉଛି ତେବେ ସେଠାରେ ହିଁ ଡାକ୍ତରଙ୍କୁ ପଚାରି ତାହାକୁ ଦୂର କରନ୍ତୁ।

→ବୟସ ଯଦି ୪୦ ଟପିଲାଣି ତେବେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ।

→ଘରେ ଯଦି ଫାଷ୍ଟ-ଏଡ୍ ବକ୍ସ ରଖିଛନ୍ତି ତେବେ ସେଥିରେ ଥିବା ଆବଶ୍ୟକ ସରଞ୍ଜାମ ଠିକ୍ ଅଛି କି ନାହିଁ ମଝିରେ ମଝିରେ ଦେଖି ନିଅନ୍ତୁ। ନ ହେଲେ ଆବଶ୍ୟକ ପଡ଼ିଲେ ଯଦି ତାହା ନ ଥାଏ ତେବେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି।



## ରକ୍ତ ଚନ୍ଦ୍ରମା

(ଶେଷ ଭାଗ)

ବିଜ୍ଞାନର ମତ ଅନୁସାରେ, ପୃଥିବୀର କକ୍ଷତଳ ଓ ଚନ୍ଦ୍ରର କକ୍ଷତଳ ଏକ ନୁହନ୍ତି; ବରଂ ଚନ୍ଦ୍ରର କକ୍ଷତଳ ପୃଥିବୀର କକ୍ଷତଳ ପ୍ରତି ୫.୨୦ ଡିଗ୍ରୀ କୋଣରେ ଢଳିକରି ରହିଛି। ଫଳରେ ଚନ୍ଦ୍ରର କକ୍ଷ ପୃଥିବୀର କକ୍ଷକୁ ଦୁଇଟି ବିନ୍ଦୁରେ ଛେଦକରେ। ଏ ଦୁଇଟି ବିନ୍ଦୁକୁ ରାହୁ ବିନ୍ଦୁ ଓ କେତୁ ବିନ୍ଦୁ ବୋଲି କୁହାଯାଏ। ଆମ ହିନ୍ଦୁ ବିଶ୍ୱାସରେ ଏହି ରାହୁ ଓ କେତୁଙ୍କୁ ନବଗ୍ରହଙ୍କ ମଧ୍ୟରୁ ଦୁଇଟି ଗ୍ରହ ବୋଲି ଧରାଯାଏ। ଏଗୁଡ଼ିକର ପ୍ରକୃତରେ କୌଣସି ବାସ୍ତବିକ ଅବସ୍ଥାନ ନାହିଁ, ଏ ଦୁଇଟି ବରଂ ଦୁଇଟି କାଳ୍ପନିକ ବିନ୍ଦୁ। ଚନ୍ଦ୍ର ନିଜ କକ୍ଷପଥରେ ଘୂରି ଘୂରି ଏ ଦୁଇଟି ବିନ୍ଦୁ ନିକଟକୁ ଆସିଗଲେ ପୃଥିବୀର କକ୍ଷତଳକୁ ଆସିଯାଏ ଏବଂ ସୂର୍ଯ୍ୟ ସହ ଏ ଦୁଇ ପିଣ୍ଡ ଏକ ସରଳରେଖାରେ ଅବସ୍ଥାନ କରନ୍ତି। ଏହି ସମୟରେ ହିଁ ଚନ୍ଦ୍ର ଗ୍ରହଣ ହେବାର ସମ୍ଭାବନା ଥାଏ। ଏହି ସମୟରେ ଚନ୍ଦ୍ର ଉକ୍ତ ବିନ୍ଦୁଠାରୁ ଅବସ୍ଥାନ କରୁଥିବା ଦୂରତା ଉପରେ ଉପରେ ନିର୍ଭରକରି ଗ୍ରହଣର ପ୍ରକାରଭେଦ (ଆଂଶିକ କିମ୍ବା ସମ୍ପୂର୍ଣ୍ଣ) ଏବଂ ଗ୍ରହଣର ସମୟସୀମା ନିର୍ଦ୍ଧାରିତ ହୋଇଥାଏ।

ବର୍ଷକୁ ଦୁଇରୁ ଚାରି ଥର ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହୋଇଥାଏ ଯାହା ପୃଥିବୀର ଅର୍ଦ୍ଧାଂଶରେ ଦୃଶ୍ୟ ହୁଏ। ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କେବଳ ପୃଥିବୀ ଗ୍ରହରେ ହିଁ ଦୃଶ୍ୟ ହୁଏ; ଅନ୍ୟ କୌଣସି ଗ୍ରହରେ ଦୃଶ୍ୟ ହୁଏ ନାହିଁ। ଚନ୍ଦ୍ରର ଉପଯୁକ୍ତ ଆକାର ଓ ଦୂରତା ହେତୁ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼ି ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇପାରେ। ମାତ୍ର ଅନ୍ୟ କୌଣସି ଗ୍ରହରେ ଗ୍ରହର ଛାୟା ନିଜର ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଢାଙ୍କିପାରେ ନାହିଁ। ନାସାର ସୂଚନା ଅନୁସାରେ, ଭବିଷ୍ୟତରେ ପୃଥିବୀରେ ଆଉ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କିମ୍ବା ରକ୍ତ ଚନ୍ଦ୍ରମା ଦେଖିବାକୁ ମିଳିବ ନାହିଁ। ଏହାର କାରଣ, ଚନ୍ଦ୍ର ପୃଥିବୀଠାରୁ କ୍ରମଶଃ ଦୂରେଇ ଦୂରେଇ ଯାଉଛି। ଏକ ଗଣନା ଅନୁସାରେ ଚନ୍ଦ୍ର ପୃଥିବୀଠାରୁ ବାର୍ଷିକ ୪ ସେ.ମି. ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି ଧାରା ଅବ୍ୟାହତ ରହିଲେ ଦିନ ଆସିବ, ପୃଥିବୀର ଗାଢ଼ ଛାୟା ଦୂରେଇ ଯାଉଥିବା ଚନ୍ଦ୍ରକୁ ଆଉ ସମ୍ପୂର୍ଣ୍ଣ ଢାଙ୍କିପାରିବ ନାହିଁ ଏବଂ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଆଉ ଦେଖିବାକୁ ମିଳିବ ନାହିଁ।

ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ଓ ସମ୍ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ମଧ୍ୟରେ କିଛିଟା ପାର୍ଥକ୍ୟ ଅଛି। ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୃଥିବୀର କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦୃଶ୍ୟ ହେଉଥିଲା ବେଳେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ପୃଥିବୀ ସାରା ଦୃଶ୍ୟ ହୋଇଥାଏ। ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ମାତ୍ର ୧ କିମ୍ବା ୨ ମିନିଟ୍ ପାଇଁ ଦୃଶ୍ୟ ହେଉଥିଲା ବେଳେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କିନ୍ତୁ ସର୍ବାଧିକ ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ଦୃଶ୍ୟ ହୋଇଥାଏ; ଯେହେତୁ ଚନ୍ଦ୍ରର ଛାୟା ପୃଥିବୀର ଛାୟା ତୁଳନାରେ ଯଥେଷ୍ଟ ଛୋଟ। ପୁଣି ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗକୁ ଖାଲି ଆଖିରେ ଦେଖିବା ନିରାପଦ ନ ଥିଲା ବେଳେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ କିନ୍ତୁ ଖାଲି ଆଖିରେ ଦେଖିବା ସମ୍ଭବ ହୋଇଥାଏ।

ସୁତରାଂ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ କିମ୍ବା ରକ୍ତ ଚନ୍ଦ୍ରମା ଏକ ନିଚ୍ଛକ ମହାକାଶୀୟ ଘଟଣା ହୋଇଥିବାରୁ ଆମେ ଏ ନେଇ କୌଣସି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଉଚିତ ନୁହେଁ। ଏହା ଏକ ବିରଳ ମହାକାଶୀୟ ଘଟଣା ହୋଇଥିବାରୁ ଏଥିରେ ନ ଡରି ବରଂ ଏହାକୁ ଆକାଶରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ପର୍ଯ୍ୟବେକ୍ଷଣ କରିବା ଉଚିତ।



–ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪




# ଭାରତର ପ୍ରଭାବୀ ବ୍ୟାଟିଂ

**କଲମ୍ବୋ,୫।୧୦**

ଚଳିତ ମହିଳା ବିଶ୍ୱକପ୍‌ରେ ରବିବାର ଆର ପ୍ରେମଦାସ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବ୍ୟାଟରଙ୍କ ମିଳିତ ଉଦ୍ୟମରେ ୨୪୮ ରନର ଟାର୍ଗେଟ ଛିଡ଼ା କରିଛି। ଜବାବରେ ପାକିସ୍ତାନ ୨୮ ଓଭର ଶେଷ ସୁଦ୍ଧା ୪ ଉଇକେଟ ହରାଇ ୯୫ ରନ କରିଛି। ରିପୋର୍ଟ

**ଆଇସିସି ମହିଳା ବିଶ୍ୱକପ୍**

ଲେଖା ହେଲା ବେଳକୁ ସିଦ୍ରା ଆମିନ ୪୪ ରନରେ ବ୍ୟାଟିଂ କରୁଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ଦୁଇ ଓପନର ପ୍ରତିକା ରାୱଲ ଓ ସ୍ମୃତି ମନ୍ଧାନା ଭଲ ଆରମ୍ଭ ଦେଇଥିଲେ। ହେଲେ ପ୍ରତିକା (୩୧) ଓ ମନ୍ଧନା (୨୩) ସେଟ୍ ହେବା ପରେ କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଅଧିନାୟକ ହରମନପ୍ରୀତ କୌର (୧୯) ପୂର୍ବ ମ୍ୟାଚ୍ ଭଳି ଏଥର ମଧ୍ୟ ବିଫଳ ହୋଇଥିଲେ। ହର୍ଲିନ ଦେଓଲ ଓ ଜେମିମା ରୋଡ୍ରିଗୁଏଜ ଚତୁର୍ଥ ଉଇକେଟରେ ୪୫ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ୪ ଚୌକା ଓ ୧ ଛକା ସହ ୪୬ ରନରେ ଖେଳୁଥିବା ହର୍ଲିନ ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ୍ ହୋଇଥିଲେ। ସେହିଭଳି ଜେମିମା (୩୨ ରନ୍, ୫ ଚୌକା) ଏଲବିଡବ୍ଲ୍ୟୁ ହୋଇ ପାଭିଲିଅନ ଫେରିଥିଲେ। ଏଥିଯୋଗୁ ଭାରତ ୪୦ ଓଭର ସୁଦ୍ଧା ୫ ଉଇକେଟ କ୍ଷତିରେ ୧୭୨ ରନ କରିଥିଲା। ଶେଷ ଆଡ଼କୁ ୨୦ ବଲରେ ରିଚା ଘୋଷଙ୍କର ଆଟାକିଂ ୩୫ (୩ ଚୌକା ଓ ୨ ଛକା) ରନର ପାଳି ଯୋଗୁ ଭାରତ ଅନ୍ତିମ ୧୦ ଓଭରରେ ୭୫ ରନ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଫଳରେ ଭାରତ ୫୦ ଓଭରରେ ୨୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ପାକିସ୍ତାନ ପକ୍ଷରୁ ଡାଏନା ବେଗ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଅଧିନାୟିକା ଫାତିମା ସାନା ଓ ସାଦିଆ ଇକବାଲ ୨ ଲେଖାଏ ଉଇକେଟ ହାତେଇ ଥିଲେ।



ଭାରତୀୟ ଦଳର ଟପ୍ ସ୍କୋରର ହର୍ଲିନ ଦେଓଲ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୫୦ ଓଭରରେ ୨୪୭/ଅଲଆଉଟ୍ (ହର୍ଲିନ ଦେଓଲ-୪୬, ରିଚା ଘୋଷ-୩୫*, ଜେମିମା ରୋଡ୍ରିଗୁଏଜ-୩୨, ପ୍ରତିକା ରାୱଲ-୩୧, ଡାଏନା ବେଗ-୪/୬୯, ଫାତିମା ସାନା-୨/୩୮, ସାଦିଆ ଇକବାଲ-୨/୪୭)।

## ଟସ୍‌କୁ ନେଇ ଦ୍ୱନ୍ଦ୍ୱ

ମ୍ୟାଚ୍ ଆରମ୍ଭରୁ ଖୁବ ଦ୍ୱନ୍ଦ୍ୱ ଦେଖାଦେବା ସହ ଟସ୍ ବେଳେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଟସ୍ ପକାଇଥିବା ବେଳେ ଫାତିମା 'ଟେଲ' ବୋଲି ଡାକିଥିଲେ। ହେଲେ ମ୍ୟାଚ୍ ରେଫରି ଶାଣ୍ଡ୍ରେ ଫ୍ରିଜ୍ ଓ ଘୋଷକ ମେ ଜୋନ୍ସଙ୍କୁ 'ହେଡ୍' ବୋଲି ଶୁଣାଯାଇଥିଲା। ଟସ୍‌ରେ ହେଡ୍ ଆସିବା ପରେ ଫାତିମା ଟସ୍ ଜିତିଥିବା ନେଇ ଘୋଷକ ଜୋନ୍ସ କହିଥିଲେ। ପରେ ଫାତିମା ପ୍ରଥମେ ଫିଲ୍ଡିଂ କରିବେ ବୋଲି କହିଥିଲେ। କିନ୍ତୁ ହରମନପ୍ରୀତ ରେଫରିଙ୍କ ନିଷ୍ପତ୍ତି ଉପରେ ଆପତ୍ତି ଉଠାଇ ନ ଥିଲେ।

## ବାଧକ ସାଜିଲେ କୀଟ

ଭାରତୀୟ ଦଳ ବ୍ୟାଟିଂ କରୁଥିବା ବେଳେ ଗ୍ରାଉଣ୍ଡରେ କୀଟଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ମ୍ୟାଚ୍ ଦୁଇ ଥର ବାଧାପ୍ରାପ୍ତ ହୋଇଥିଲା। କୀଟଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଉଭୟ ଦଳର ଖେଳାଳିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶେଷରେ ଗ୍ରାଉଣ୍ଡ ଷ୍ଟାଫ ପେଷ୍ଟ କଣ୍ଟ୍ରୋଲ ସ୍ପ୍ରେ ବ୍ୟବହାର କରିଥିଲେ। ଏଥିଲାଗି ମ୍ୟାଚ୍ ୧୫ ମିନିଟ୍ ପାଇଁ ବାଧାପ୍ରାପ୍ତ ହୋଇଥିଲା।

# ହାତ ମିଳାଇଲେ ନାହିଁ

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତର ହାତ ନ ମିଳାଇବା ଧାରା ଜାରି ରହିଛି। ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍ ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟିକା ଯଥାକ୍ରମେ ହରମନପ୍ରୀତ କୌର ଓ ଫାତିମା ସାନା ଟସ୍ ବେଳେ ପରସ୍ପର ସହ ହାତ ମିଳାଇ ନ ଥିଲେ। ଆଇସିସି ମ୍ୟାଚ୍ ରେଫରି ଶାଣ୍ଡ୍ରେ ଫ୍ରିଜ ଦୁଇ ଦଳର ଅଧିନାୟିକାଙ୍କୁ ଅଲଗା ଅଲଗା କରି ମ୍ୟାଚ୍ ପ୍ରୋଟୋକଲ ବୁଝାଇଥିଲେ। ତେବେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହାତ ନ ମିଳାଇବା ଧାରା ଗତ ମାସରେ ଅନୁଷ୍ଠିତ ଏସିଆ କପ୍‌ରୁ ଆରମ୍ଭ ହୋଇଥିଲା। ପୂରା ଟୁର୍ଣ୍ଣାମେଣ୍ଟରେ ଦୁଇ ଦଳ ପରସ୍ପରକୁ ଫାଇନାଲ ସମେତ ୩ ଥର ଭେଟିଥିଲେ। ହେଲେ ପ୍ରତ୍ୟେକ ଥର ଭାରତୀୟ ଦଳ ନୋ-ହ୍ୟାଣ୍ଡଶେକ ନୀତି ଆପଣେଇଥିଲା।








Authorized Dealers: Behrampur: Lakshmi Motors, Dharma Nagar, Ph: 9289922184, Phulbani: Narayani Hero, Ph: 9289922991 Associate Dealers: Parlakhemundi:Preetam Enterprises-9438685535, Bhanjanagar:Rebati Motors-9438279794/9937015509, Patrapur:Ronak Motors-9030985084, Tikabali:M/S Maa Rudrakali Automobiles-7846961367, Baliguda:Sai Automobiles-9827843657, Aska: Sagar Automobiles, Ph: 9437257777 , Hinjilikatu: Sri Dakhinakali Automibiles- 9438076861

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ